ଯଶସ୍ୱୀ ନୁହନ୍ତି, ସର୍ଫରାଜ ହେଉଛନ୍ତି ଜଣେ ଉଦୀୟମାନ କ୍ରିକେଟର : ଗାଙ୍ଗୁଲି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୧୨ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

12 Pages, ₹2.00

• ବର୍ଷ–୩୧ • ସଂଖ୍ୟା–୨୬ • ୨୧ଫେବୃୟାରୀ ୨୦୨୪, ବୁଧବାର • ଭୁବନେଶ୍ୱର • Vol -31 • Issue-26 • 21st February 2024, Wednesday • Bhubaneswar | Licensed to post without pre-payment of postage No- BN-60/22-24



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଫେବୃୟାରୀ ୨୦୨୪ ବୁଧବାର



# ସନ୍ଥ ଶିରୋମଣି ଶ୍ରୀ ବିଦ୍ୟାସାଗରଜୀଙ୍କୁ ପ୍ରଣାମ



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସନ୍ଥ ଶିରୋମଣି ଆଚାର୍ଯ୍ୟ ଶ୍ରୀ ୧୦୮ ବିଦ୍ୟାସାଗରଜୀ ମହାରାଜ ଆମମାନଙ୍କୁ ଦୁଃଖସାଗରରେ ଭସାଇ ନିକଟରେ ସମାଧି ଲାଭ କରିଛନ୍ତି। ଆଚାର୍ଯ୍ୟଜୀଙ୍କ ଜୀବନ ପ୍ରଚଣ୍ଡ ପ୍ରଜ୍ଞା, ଅସୀମ ଅନୁକମ୍ପା ଓ ମାନବ ସମାଜର ଉତ୍ଥାନ ପାଇଁ ଅତୁଟ ପ୍ରତିବଦ୍ଧତାରେ ସର୍ବଦା ପରିପୂର୍ଣ୍ଣ ରହିଥିଲା। ଅନେକ ବାର ତାଙ୍କ ଆଶୀର୍ବାଦ ଲାଭ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି। ତେଣୁ ତାଙ୍କ ତିରୋଧାନରେ ମୋର ପ୍ରଭୂତ କ୍ଷତି ହୋଇଛି ଏବଂ ଆଗକୁ ଆଲୋକବର୍ତ୍ତିକା ଭଳି ପଥ ପ୍ରଦର୍ଶନ କରୁଥିବା ଜଣେ ପ୍ରିୟ ଗୁରୁଙ୍କୁ ହରାଇବା ପରି ମୁଁ ଅନୁଭବ କରୁଛି। ମୋ ପରି ଅସଂଖ୍ୟ ଆତ୍ମାଙ୍କ ପାଇଁ ସେ ଥିଲେ ମାର୍ଗଦର୍ଶକ। ତାଙ୍କ ସ୍ନେହ ଓ ଆଶୀର୍ବାଦ କେବଳ ଶୁଭେଚ୍ଛା ନଥିଲା। ଏହା ସମସ୍ତଙ୍କୁ ପ୍ରଭୂତ ଆଧ୍ୟାତ୍ମିକ ଶକ୍ତି ପ୍ରଦାନ କରୁଥିଲା। ଯେଉଁମାନେ ଆଚାର୍ଯ୍ୟ ଶିରୋମଣିଙ୍କ ସଂସ୍ପର୍ଶରେ ଆସିଛନ୍ତି, ସେମାନେ ଏହି ଅସୀମ ଶକ୍ତି ଓ ପ୍ରେରଣାକୁ ଅବଶ୍ୟ ଅନୁଭବ କରିଥିବେ।

ପୂଜ୍ୟ ଆଚାର୍ଯ୍ୟଜୀ ସଦାବେଳେ ଜ୍ଞାନ, ସମ୍ବେଦନା ଓ ସେବାର ତ୍ରିବେଣୀ ସଂଗମ ରୂପରେ ସମସ୍ତଙ୍କ ସ୍ମୃତିରେ ରହିଥିବେ। ପ୍ରକୃତରେ ସେ ଥିଲେ ଜଣେ ତପସ୍ୱୀ ଓ ତାଙ୍କ ଜୀବନ ଭଗବାନ ମହାବୀରଙ୍କ ଆଦର୍ଶର ଏକ ଅନୁକରଣୀୟ ଉଦାହରଣ। ତାଙ୍କର ପ୍ରତିଟି କର୍ମରେ ଜୈନଧର୍ମର ମୂଳନୀତି ପ୍ରତିଫଳିତ ହେଉଥିଲା। ନିଜ ବଚନ ଓ ଜ୍ଞାନ ବିତରଣରେ ତାହା ପରିଲକ୍ଷିତ ହେଉଥିଲା। ସଂସାରର ପ୍ରତ୍ୟେକ ପ୍ରାଣୀଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଜୈନଧର୍ମର ପ୍ରତିଟି ଜୀବଙ୍କ ପ୍ରତି ସମ୍ମାନର ପ୍ରତିଫଳନ ବୋଲି କୁହାଯାଇପାରେ। ସେ ସତ୍ୟର ଜୀବନ ବଞ୍ଚୁଥିଲେ- ଏହା ମଧ୍ୟ ଜୈନଧର୍ମର ଚିନ୍ତନ, କଥନ ଓ କାର୍ଯ୍ୟର ସାଧୁତାକୁ ପ୍ରମାଣିତ କରେ। ତାଙ୍କ ଜୀବନଶୈଳୀ ଥିଲା ସରଳ। ତାଙ୍କ ଭଳି ମହାନ ସନ୍ଥଙ୍କ ପାଇଁ ହିଁ ଜୈନଧର୍ମ ଓ ଭଗବାନ ମହାବୀରଙ୍କ ଭଳି ଦିବ୍ୟାତ୍ମାଙ୍କ ପ୍ରତି ସମଗ୍ର ବିଶ୍ୱର ଶ୍ରଦ୍ଧା ଓ ସମ୍ମାନ ବୃଦ୍ଧି ପାଇଚାଲିଛି। ଜୈନବାଦ ଶୃଙ୍ଖଳାରେ ସେ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ ସତ, କିନ୍ତୁ ତାହା କେବଳ ସେହି ଗୋଷ୍ଠୀ ମଧ୍ୟରେ ସୀମିତ ନଥିଲା। ବରଂ ତାଙ୍କ ସତ୍ୟନିଷ୍ଠ ବ୍ୟକ୍ତିତ୍ୱର ପ୍ରଭାବ ଓ ବ୍ୟାପ୍ତି ସମଗ୍ର ମାନବସମାଜ ଉପରେ ପଡ଼ିଥିଲା। ସବୁ ଧର୍ମ, ଆସ୍ଥା ଓ ସଂସ୍କୃତିର ଲୋକମାନେ ତାଙ୍କ ନିକଟକୁ ଆସୁଥିଲେ ଏବଂ ସେମାନଙ୍କ ମନରେ ବିଶେଷ ଭାବରେ ଯୁବଗୋଷ୍ଠୀଙ୍କ ହୃଦୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ନିମନ୍ତେ ସେ ଅବିଶ୍ରାନ୍ତ ତତ୍ପର ଥିଲେ।

ଶିକ୍ଷା ଥିଲା ସନ୍ଥ ମହାରାଜଙ୍କର ସବୁଠାରୁ ପ୍ରିୟ ଓ ହୃଦୟର ନିକଟତର। ବିଦ୍ୟାଧର (ତାଙ୍କର ବାଲ୍ୟକାଳର ନାମ) ଠାରୁ ବିଦ୍ୟାସାଗର ପର୍ଯ୍ୟନ୍ତ ତାଙ୍କର ଯାତ୍ରା କେବଳ ଜ୍ଞାନ ଆହରଣ ଓ ଜ୍ଞାନ ବିତରଣ ସକାଶେ ହିଁ ସମର୍ପିତ ଥିଲା। ତାଙ୍କର ଅତୁଟ ବିଶ୍ୱାସ ଥିଲା ଯେ କେବଳ ଶିକ୍ଷାଦ୍ୱାରା ହିଁ ଏକ ଉଚିତ ଏବଂ ପ୍ରଜ୍ଞାଦୀପ୍ତ ସମାଜ ଗଠନ କରାଯାଇପାରିବ। ତେଣୁ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଶକ୍ତ କରିବା ନିମନ୍ତେ ସେ ଜ୍ଞାନକୁ ସାଧନ ରୂପେ ଉପଯୋଗ କରିବା ଉପରେ ପ୍ରାଧାନ୍ୟ ଦେଉଥିଲେ। ଏହାଦ୍ୱାରା ସେ ସମସ୍ତଙ୍କୁ ଏକ ଉଦ୍ଦେଶ୍ୟପୂର୍ଣ୍ଣ ଓ ସମାଜ ପ୍ରତି ସମର୍ପିତ ଜୀବନ ବଞ୍ଚିବାକୁ ପ୍ରେରଣା ଯୋଗାଉଥିଲେ। ତାଙ୍କ ଶିକ୍ଷାରେ ସ୍ୱାଧ୍ୟାୟ ଓ ଆତ୍ମସଚେତନତାକୁ ବାସ୍ତବ ପ୍ରଜ୍ଞାପ୍ରାପ୍ତିର ମାର୍ଗ ରୂପେ ଗ୍ରହଣ କରିବାକୁ ସେ ପରାମର୍ଶ ଦେଉଥିଲେ। ତେଣୁ ସେ ନିଜର ଅନୁଗାମୀମାନଙ୍କୁ ଆଜୀବନ ଜ୍ଞାନାନୁସନ୍ଧାନୀ ଏବଂ ଆଧ୍ୟାତ୍ମିକ ବିକାଶ ମାର୍ଗରେ ପଥିକ ହେବା ଲାଗି ଉପଦେଶ ଦେଉଥିଲେ।

ଏହା ସହିତ ସନ୍ଥ ଶିରୋମଣି ଆଚାର୍ଯ୍ୟ ବିଦ୍ୟାସାଗରଜୀ ମହାରାଜ ଆମର ଯୁବଗୋଷ୍ଠୀଙ୍କୁ ଉପଯୁକ୍ତ ଶିକ୍ଷାପ୍ରାପ୍ତି ନିମନ୍ତେ ପ୍ରବର୍ତ୍ତାଉଥିଲେ। ବାସ୍ତବ ଶିକ୍ଷା ଆମର ସାଂସ୍କୃତିକ ଚିନ୍ତାଧାରାରେ ନିହିତ ବୋଲି ମତ ପୋଷଣ କରୁଥିଲେ। ଆମେ ଅତୀତର ସାଂସ୍କୃତିକ ବୈଠକ ଏବଂ ଶିକ୍ଷାଠାରୁ ଦୂରେଇ ଯାଉଥିବା ହେତୁ ଏବେ ଜଳସଂକଟର ସମାଧାନ ସୂତ୍ର ଖୋଜି ପାଇବାକୁ ଅସମର୍ଥ ହୋଇଛୁ। ସାମଗ୍ରିକ ଶିକ୍ଷା ଜଣେ ବିଦ୍ୟାର୍ଥୀକୁ କୁଶଳୀ ଓ ସୃଜନଶୀଳ କରିଥାଏ ବୋଲି ତାଙ୍କର ଦୃଢ଼ ଯୁକ୍ତି ଥିଲା। ଭାରତର ଭାଷାଭିତ୍ତିକ ବିବିଧତାକୁ ନେଇ ସେ ସର୍ବଦା ଗର୍ବ ଅନୁଭବ କରୁଥିଲେ। ଭାରତୀୟ ଭାଷା ଅଧ୍ୟୟନ ସକାଶେ ଯୁବବର୍ଗଙ୍କୁ ପରାମର୍ଶ ଦେଉଥିଲେ।

ପୂଜ୍ୟ ଆଚାର୍ଯ୍ୟଜୀ ନିଜେ ସଂସ୍କୃତ, ପ୍ରାକୃତ ଓ ହିନ୍ଦୀରେ ରଚନାତ୍ମକ କାର୍ଯ୍ୟ କରିଛନ୍ତି। ଜଣେ ମୁନି ଭାବେ ସେ ସୁଉଚ୍ଚ ଶିଖରରେ ପହଞ୍ଚିଥିଲେ, ତଥାପି ସଦାବେଳେ ସେ ଥିଲେ ଆଭୂମି। ତାଙ୍କର ଚର୍ଚ୍ଚିତ ପୁସ୍ତକ 'ମୂକମାଟି'ରୁ ଏହା ସୁସ୍ପଷ୍ଟ। ନିଜର କାର୍ଯ୍ୟାବଳୀ ମାଧ୍ୟମରେ ସେ ଅବହେଳିତ ଲୋକମାନଙ୍କୁ ସ୍ୱର ପ୍ରଦାନ କରିବାରେ ସକ୍ଷମ ହୋଇଥିଲେ।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ପୂଜ୍ୟ ଆଚାର୍ଯ୍ୟଜୀଙ୍କ ଅବଦାନ ଥିଲା ଯୁଗାନ୍ତକାରୀ ଓ ପଞ୍ଚପରିବର୍ତ୍ତନକାରୀ। ସେ ଅନେକ ଲୋକହିତକର କାର୍ଯ୍ୟକ୍ରମ ସହିତ ଏକାଧାରରେ ସଂଶ୍ଳିଷ୍ଟ ଥିଲେ। ବିଶେଷକରି ଅବହେଳିତ କ୍ଷେତ୍ରର ବିକାଶ

## ଶ୍ରଦ୍ଧାଞ୍ଜଳି

କର୍ମରେ ସେ ଓତପ୍ରୋତ ଭାବରେ ଜଡ଼ିତ ରହିଥିଲେ। ସ୍ୱାସ୍ଥ୍ୟସେବା ପ୍ରତି ତାଙ୍କର ଆଭିମୁଖ୍ୟ ଥିଲା ପୂର୍ଣ୍ଣାଙ୍ଗ। ସମନ୍ୱିତ ଶାରୀରିକ ନିରାମୟତା ସହିତ ଆଧ୍ୟାତ୍ମିକ କଲ୍ୟାଣ ଏଥିରେ ସାମିଲ ଥିଲା। ତେଣୁ ଜଣେ ବ୍ୟକ୍ତିର ସକଳ ପ୍ରକାର ଆବଶ୍ୟକତା ପୂରଣ ଦିଗରେ ସେ ପ୍ରୟାସୀ ଥିଲେ।

ଆଗାମୀ ପିଢ଼ିଙ୍କୁ ମୁଁ ବିଶେଷ ଭାବରେ ନିବେଦନ କରିବି ଯେ, ସନ୍ଥ ଶିରୋମଣି ଆଚାର୍ଯ୍ୟ ବିଦ୍ୟାସାଗରଜୀ ମହାରାଜଙ୍କ ରାଷ୍ଟ୍ର ନିର୍ମାଣ ପ୍ରତି ଥିବା ପ୍ରତିବଦ୍ଧତା ସମ୍ପର୍କରେ ବ୍ୟାପକ ମାତ୍ରାରେ ଅଧ୍ୟୟନ କରନ୍ତୁ। ସନ୍ଥଜୀ ସଦାସର୍ବଦା ନିବେଦନ କରୁଥିଲେ ଯେ ପକ୍ଷପାତପୂର୍ଣ୍ଣ ବିଚାରଧାରାଠାରୁ ଦୂରେଇ ରହିବା ଆବଶ୍ୟକ ଏବଂ ଜାତୀୟ ସ୍ୱାର୍ଥ ପାଇଁ ଧ୍ୟାନକେନ୍ଦ୍ରିତ କରିବା ଉଚିତ। ଭୋଟଦାନର ସେ ଥିଲେ ଜଣେ ଦୃଢ଼ ପ୍ରବକ୍ତା, କାରଣ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ଓ ମତପୋଷଣ କରିବାର ଏହା ହେଉଛି ସବୁଠାରୁ ବଡ଼ ସାଧନ। ଏକ ସୁସ୍ଥ ଓ ସ୍ୱଚ୍ଛ ରାଜନୈତିକ ବ୍ୟବସ୍ଥା ପାଇଁ ମଧ୍ୟ ସେ ଦୃଢ଼ ଯୁକ୍ତି ଉପସ୍ଥାପନ କରୁଥିଲେ। ଏହି ବ୍ୟବସ୍ଥା ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ହେବା ଉଚିତ ବୋଲି ତାଙ୍କର ବଳିଷ୍ଠ ମତ ଥିଲା। ଏହା କୌଣସି ଆତ୍ମ ସ୍ୱାର୍ଥ ପାଇଁ ନୁହେଁ। ଲୋକନୀତି ହେଉଛି ଲୋକସଂଗ୍ରହ ପାଇଁ, ଲୋକସଂଗ୍ରହ ପାଇଁ ନୁହେଁ?

ସେ ବିଶ୍ୱାସୀ ଥିଲେ ଯେ, ନାଗରିକମାନେ ସମାଜ ଓ ରାଷ୍ଟ୍ର ପାଇଁ ନିଷ୍ଠାବାନ ଓ ସମର୍ପିତ ରହିଲେ ରାଷ୍ଟ୍ରର ଭିତ୍ତି ସୁଦୃଢ଼ ହୋଇପାରିବ। ତେଣୁ ପ୍ରତ୍ୟେକ ବ୍ୟକ୍ତି ସାଧୁତା, ନିଷ୍ଠାବାନ ଓ ଆତ୍ମନିର୍ଭରଶୀଳ ହେବା ସକାଶେ ସେ ପରାମର୍ଶ ଦେଉଥିଲେ। ତାହା ଏକ ଉଚିତ, ସମ୍ବେଦନଶୀଳ ଏବଂ ପ୍ରଗତିଶୀଳ ସମାଜ ଗଠନରେ ସହାୟକ ହୋଇପାରିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା। ଆମେ ଏବେ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରୁଥିବାବେଳେ ସନ୍ଥ ଶିରୋମଣି ଶ୍ରୀ ବିଦ୍ୟାସାଗରଜୀଙ୍କର ଏଭଳି ଉପଦେଶ ବିଶେଷ ଗୁରୁତ୍ୱ ବହନ କରେ।

ସାରା ବିଶ୍ୱରେ ଅଧୁନା ଯେତେବେଳେ ଜଳସଂକଟ ଭଳି ସମସ୍ୟା ବ୍ୟାପକ ମାତ୍ରାରେ ଘଟିଚାଲିଛି, ସେତେବେଳେ ପୂଜ୍ୟ ଆଚାର୍ଯ୍ୟଜୀଙ୍କ ପ୍ରକୃତି ପ୍ରତି ସଂବେଦନା ଅନୁକରଣୀୟ। ଆମେ ସମସ୍ତେ ଯେପରି ପ୍ରକୃତିକୁ ସାମାନ୍ୟତମ କ୍ଷତି ନ ପହଞ୍ଚାଇବା ସେଥିପ୍ରତି ସଦାସର୍ବଦା ସଚେତନ ରହିବା ପାଇଁ ସେ ପରାମର୍ଶ ଦେଉଥିଲେ। ଆମ ଅର୍ଥନୀତିରେ କୃଷିର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରୁଥିଲେ। ଏଥିସହିତ କୃଷିକୁ ଆଧୁନିକ ଓ ପୋଷଣୀୟ କରିବା ନିମନ୍ତେ ପରାମର୍ଶ ଦେଉଥିଲେ। ଜେଲ୍‌ର ଅନ୍ତେବାସୀଙ୍କ ପାଇଁ ତାଙ୍କ ସଂସ୍କାର ପରାମର୍ଶ ମଧ୍ୟ ଥିଲା ଗୁରୁତ୍ୱପୂର୍ଣ୍ଣ।

ଆମ ଭୂମିର ସୌନ୍ଦର୍ଯ୍ୟ ଅତୁଲ୍ୟ ଏବଂ ତାହା ହଜାରହଜାର ବର୍ଷ ଧରି ଅତୁଟ ରହିଆସିଛି। ଆମ ଭୂମି ଅସଂଖ୍ୟ ମହାପୁରୁଷଙ୍କୁ ଜନ୍ମ ଦେଇଛି, ଯେଉଁମାନେ ସମାଜକୁ ଉତ୍ତମ ରୂପେ ଗଢ଼ିବା ସହ ଆଲୋକବର୍ତ୍ତିକା ସାଜିଛନ୍ତି। ସେହିଭଳି ସନ୍ଥ ଓ ସମାଜ ସଂସ୍କାରକଙ୍କ ସୂଚୀରେ ପୂଜ୍ୟ ଆଚାର୍ଯ୍ୟଜୀ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ରୂପେ ବିଦ୍ୟମାନ। ସେ ଯାହାକିଛି କରୁଥିଲେ ତାହା କେବଳ ବର୍ତ୍ତମାନ ପାଇଁ ନୁହେଁ, ଭବିଷ୍ୟତ ପାଇଁ ମଧ୍ୟ ଅଭିପ୍ରେତ ଥିଲା। ଗତବର୍ଷ ନଭେମ୍ବର ମାସରେ, ଛତିଶଗଡ଼ର ଡୋଙ୍ଗରଗଡ଼ ସ୍ଥିତ ଚନ୍ଦ୍ରଗିରି ଜୈନ ମନ୍ଦିର ପରିଦର୍ଶନର ସୌଭାଗ୍ୟ ମୋତେ ମିଳିଥିଲା। ସେତେବେଳେ କିନ୍ତୁ ମୁଁ ସାମାନ୍ୟତମ ଆଭାସ ସୁଦ୍ଧା ପାଇ ନ ଥିଲି ଯେ, ପୂଜ୍ୟ ଗୁରୁଜୀଙ୍କ ସହ ତାହା ଥିଲା ମୋର ଅନ୍ତିମ ସାକ୍ଷାତ। ସେ ମୁହୂର୍ତ୍ତ, ବିଶେଷ ମହତ୍ତ୍ୱ ବହନ କରିଥିଲା। ଦୀର୍ଘ ସମୟ ଧରି ସେ ମୋ ସହ ବାର୍ତ୍ତାଳାପ କରିଥିଲେ। ରାଷ୍ଟ୍ର ନିର୍ମାଣ ପାଇଁ ମୋର ପ୍ରୟାସକୁ ଆଶୀର୍ବାଦ ଦେଉଥିଲେ। ଆମ ଦେଶର ପ୍ରଗତି ଓ ସମଗ୍ର ବିଶ୍ୱରେ ଏହା ପାଉଥିବା ସମ୍ମାନ ପାଇଁ ସେ ତାଙ୍କର ସନ୍ତୋଷ ବ୍ୟକ୍ତ କରିଥିଲେ।

ସେ ଯେଉଁସବୁ କାର୍ଯ୍ୟ କରୁଥିଲେ ସେକଥା କହିଲାବେଳେ ଆନନ୍ଦରେ ଗଦ୍‌ଗଦ ହୋଇ ଉଠୁଥିଲେ। ସେତେବେଳେ ଓ ସଦାବେଳେ ତାଙ୍କର ସେଇ ନିରୀହ ଦୃଷ୍ଟି ଓ ପ୍ରଶାନ୍ତ ସ୍ମିତହାସ୍ୟ ପ୍ରତ୍ୟେକଙ୍କ ମନରେ ଶାନ୍ତି ଓ ଉତ୍ସାହ ଭରିଦେବା ପାଇଁ ପର୍ଯ୍ୟାପ୍ତ। ତାଙ୍କ ଆଶୀର୍ବାଦ ଥିଲା ଆତ୍ମାକୁ ପ୍ରଶାନ୍ତି ପ୍ରଦାନ କରିବା ଭଳି ଅଞ୍ଜନ ସଦୃଶ, ଯାହାକି ତାଙ୍କ ଭିତରେ ଓ ଚତୁଃପାର୍ଶ୍ୱରେ ଏକ ଦିବ୍ୟ ବାତାବରଣକୁ ପ୍ରତିପାଦିତ କରୁଥିଲା।

ସନ୍ଥ ଶିରୋମଣି ଆଚାର୍ଯ୍ୟ ଶ୍ରୀ ୧୦୮ ବିଦ୍ୟାସାଗରଜୀ ମହାରାଜଙ୍କ ଅବର୍ତ୍ତମାନରେ ସ୍ପଷ୍ଟ ଶୂନ୍ୟତା ସମସ୍ତେ ଗଭୀର ଭାବେ ଅନୁଭବ କରୁଛନ୍ତି। ଯେଉଁମାନେ ତାଙ୍କୁ ଜାଣିଥିଲେ ସେମାନେ ତାଙ୍କର ଶିକ୍ଷା ଓ ଜୀବନ ଦ୍ୱାରା ଅନୁପ୍ରାଣିତ। ଯେଉଁ ଅସଂଖ୍ୟ ଲୋକଙ୍କୁ ସେ ପ୍ରଭାବିତ କରିଥିଲେ ସେମାନଙ୍କ ହୃଦୟରେ ସନ୍ଥ ଶିରୋମଣି ଆଚାର୍ଯ୍ୟଜୀ ସଦାସର୍ବଦା ବିରାଜମାନ ରହିଛନ୍ତି। ତାଙ୍କ ସ୍ମୃତିକୁ ସମ୍ମାନ ପ୍ରଦର୍ଶନପୂର୍ବକ, ସେ ଯେଉଁ ଆଦର୍ଶରେ ଜୀବନ ବଞ୍ଚିଥିଲେ ଓ ସମସ୍ତଙ୍କୁ ପରାମର୍ଶ ଦେଉଥିଲେ, ତା'କୁ ସମସ୍ତେ ଆହରଣ ପାଇଁ ସଂକଳ୍ପବଦ୍ଧ ହେବା। ତଦ୍ଦ୍ୱାରା କେବଳ ଏହି ମହାନ ଆତ୍ମାଙ୍କ ପ୍ରତି ଆମର ଉପଯୁକ୍ତ ଓ ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବନାହିଁ, ଅପରପକ୍ଷେ ଆମ ରାଷ୍ଟ୍ର ଓ ଲୋକମାନଙ୍କୁ ଆଗକୁ ଆଗେଇ ନେବା ସକାଶେ ତାଙ୍କ ଅଭିଯାନ ମଧ୍ୟ ସାକାର ହୋଇପାରିବ।

## ରାଇଘର ବ୍ଲକ ପଛୁଆବର୍ଗ ସଂଘ ପକ୍ଷରୁ ୭ ଦଫା ଦାବିପତ୍ର ପ୍ରଦାନ

ରାଇଘର, ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ରାଇଘର ବସ୍‌ଷ୍ଟାଣ୍ଡ ଠାରୁ ସୋମବାର ବ୍ଲକର ପଛୁଆ ବର୍ଗ ସଂଘ ପକ୍ଷରୁ ଏକ ବିରାଟ ରାଲି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ବ୍ଲକର ୨୬ ଗୋଟି ପଞ୍ଚାୟତର ସହସ୍ରାଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ଦୀର୍ଘଦିନ ଧରି ପଛୁଆ ବର୍ଗଙ୍କ ଉପରେ ଅବହେଳା କରାଯିବା ସହିତ ଏହି ସମ୍ପ୍ରଦାୟର ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା, ଆବାସ ଗୃହ ଓ ଭୂମିହୀନ ମାନଙ୍କୁ ୪ ସେଣ୍ଟ ଜାଗା ଆଜିପର୍ଯ୍ୟନ୍ତ ଯୋଗାଇ ଦେବାରେ ବିଫଳ ହୋଇଛି ବୋଲି ବ୍ଲକ ସଂଘ ସମ୍ପାଦକ ଚମରା ମାଳୀ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ବ୍ଲକ ସଂଘ ସଭାପତି ଲନାଥ ଗୌଡ ଏହି ବୈଠକରେ ଯୋଗ ଦେଇ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକଙ୍କୁ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି ବୋଲି ପ୍ରକାଶ କରିଥିଲେ। ୭ ଦଫା ସମ୍ବଳିତ ଦାବିପତ୍ର ଓଡ଼ିଶାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମିସାଗର ମାଝିଙ୍କ ଜରିଆରେ ଦେଇଥିଲେ। ଦାବି ଗୁଡ଼ିକ ହେଲା ରାଇଘର ବ୍ଲକରେ ବସବାସ କରୁଥିବା କଳାର ସମାଜ, ଯାଦବ ସମାଜ, ମାଳୀ ସମାଜ, ସାହୁ ସମାଜ, ଲହରା ସମାଜ, କୁମ୍ଭାର ସମାଜ ସମେତ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ସାମାଜିକ ଭବନ ନିର୍ମାଣ ନିମନ୍ତେ ଜାଗା ଓ ୫୦ ଲକ୍ଷ ଲେଖାଏଁ ଅନୁଦାନ ପ୍ରଦାନ। ଜିଲ୍ଲାର ମୁଖ୍ୟାଳୟ ଓ ପ୍ରତ୍ୟେକ ବ୍ଲକରେ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରାବାସ ଓ ଆବାସିକ ବିଦ୍ୟାଳୟ ନିର୍ମାଣ। ବହୁ ବର୍ଷ ଧରି ଜଙ୍ଗଲ ଜମିରେ ବସବାସ କରୁଥିବା ଲୋକମାନଙ୍କୁ ଜନଜାତି ମାନ୍ୟତା ପ୍ରଦାନ ସହ ଜଙ୍ଗଲ ଜମି ପଟ୍ଟା ପ୍ରଦାନ। ଜିଲ୍ଲା ଭିତ୍ତିକ ନିଯୁକ୍ତି ପ୍ରଦାନ ଓ ରାଜନୀତିରେ ୨୭% ସଂରକ୍ଷଣ ପ୍ରଦାନ। ତାଞ୍ଚାରେ ସ୍ୱତନ୍ତ୍ର ପଛୁଆ ବର୍ଗ ଉନ୍ନୟନ ପରିଷଦ ଗଠନ। ରାଇଘର ସଦର ମହକୁମାରେ ଅବସ୍ଥିତ ପ୍ରାଥମିକ ଚିକିତ୍ସାଳୟକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ପ୍ରଦାନ। ଜାତିଭିତ୍ତିକ ଜନଗଣନା ସରକାରୀ ସ୍ତରରେ କାର୍ଯ୍ୟକାରୀ କରି ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ସମସ୍ତ ଦାବି ସରକାର ପୂରଣ ନକଲେ ଆଗାମୀ ଦିନରେ ପଛୁଆ ବର୍ଗ ରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ କରିବେ ବୋଲି ଧମକ ଦେଇଥିଲେ।



# ଲକ୍ଷ୍ମୀ ବସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଲକ୍ଷ୍ମୀ ବସ୍ ସୁବିଧା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବେଲପଡ଼ାର ପର୍ଲିମାଳ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ମାଟ୍ରିକ୍ ପରୀକ୍ଷାର ଛାତ୍ର ଛାତ୍ରୀଙ୍କ ପାଇଁ ପୂର୍ବରୁ ଯାତାୟାତ ଓ ପରିବହନରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଠାକାର ସ୍ଥାନୀୟ ଛାତ୍ରଛାତ୍ରୀମାନେ ଯାହାଦ୍ୱାରା ସଠିକ୍ ସମୟରେ ପରୀକ୍ଷା ଦବାକୁ ପହଞ୍ଚିପାରୁନଥିଲେ କେହି। କିନ୍ତୁ ଲକ୍ଷ୍ମୀ ବସ୍‌ର ସୁବିଧା ଉପଲବ୍ଧ ହେବାରୁ ସମସ୍ତ ଛାତ୍ରଛାତ୍ରୀ ଅତି ସହଜ ଓ ସୁବିଧାରେ ନିଜ ନିଜ ପରୀକ୍ଷା ସ୍ଥଳରେ ପହଞ୍ଚ ପରୀକ୍ଷା ଦେଇପାରିଛନ୍ତି।

## ରାଜସ୍ୱ ନିରୀକ୍ଷକ ସଂଘର କଲମ ଛାଡ଼ ଆନ୍ଦୋଳନ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲାରେ ରାଜସ୍ୱ ନିରୀକ୍ଷକ ମାନେ ରାଜସ୍ୱ ନିରୀକ୍ଷକ ସଂଘ ତରଫରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲମ ଛାଡ ଆନ୍ଦୋଳନ ଆରମ୍ଭ କରିଥିବାର ଜଣାଯାଇଛି। ସୂଚନା ଅନଯାୟୀ ୧୦ ଦଫା ଦାବି ନେଇ ରାଜ୍ୟ ସରକାରଙ୍କ ଠାରେ ସ୍ୱର ଉତ୍ତୋଳନ କରି ଆସୁଛନ୍ତି ରାଜସ୍ୱ ନିରୀକ୍ଷକ କର୍ମଚାରୀ। ହେଲେ ତାଙ୍କର ଦାବି ପୂରଣ ନହେବାରୁ ସୋମବାର ରାଜ୍ୟ ସାରା ରାଜସ୍ୱ ନିରୀକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କର ଦାବି ଗୁଡ଼ିକ ମଧ୍ୟରେ କ୍ୟାଡ଼ର ପୁନର୍ବିନ୍ୟାସ, ରାଜସ୍ୱ ପରିଷଦକୁ କାର୍ଯ୍ୟକାରୀ କରାଯାଇ ୧୦ଟି ରାଜସ୍ୱ ମୌଜା ପାଇଁ ଗୋଟିଏ ରାଜସ୍ୱ ନିରୀକ୍ଷକ ମଣ୍ଡଳ ଅନୁପାତରେ ନୂତନ ରାଜସ୍ୱ ନିରୀକ୍ଷକ ମଣ୍ଡଳ ସୃଷ୍ଟି କରିବା, ଓଡ଼ିଶା ରାଜସ୍ୱ ସେବାରେ ପଦୋନ୍ନତି ପାଇବାକୁ ଯୋଗ୍ୟ ପ୍ରାର୍ଥୀ ମାନଙ୍କ ଗ୍ରେଡେସନ୍ ତାଲିକା ପ୍ରାପ୍ୟ ଅନୁଯାୟୀ ପ୍ରାଥମିକତା ପ୍ରଦାନ କରିବା, ସହକାରୀ ରାଜସ୍ୱ ନିରୀକ୍ଷକ ଓ ଅମିନ ମାନଙ୍କର ସାଧାରଣ ଗ୍ରେଡେସନ୍ ତାଲିକା ପ୍ରାପ୍ୟ ସ୍ତରକୁ ପ୍ରାଥମିକତା ଦିଆଯାଇ ବରିଷ୍ଠତା ଭିତ୍ତିରେ ପ୍ରକାଶ କରିବା, ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ନିଯୁକ୍ତି ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଅନୁଯାୟୀ ସମ୍ପୂର୍ଣ୍ଣ କରିବା, ୫ ବର୍ଷ ସମ୍ପୂର୍ଣ୍ଣ କରିଥିବା ସହକାରୀ ରାଜସ୍ୱ ନିରୀକ୍ଷକଙ୍କୁ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ପଦବୀ ସୃଷ୍ଟି କରାଯାଇ ସ୍ୱତଃ ପଦୋନ୍ନତି କରିବା ସହ ସରକାରୀ ସୁବିଧା ପ୍ରଦାନ କରିବା, କର୍ତ୍ତବ୍ୟ ତାଲିକାରେ ଆବଶ୍ୟକୀୟ ସଂଶୋଧନ କରାଯାଇ ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ଦସ୍ତଖତ ଓ ମୋହରିର ମର୍ଯ୍ୟାଦା ବୃଦ୍ଧି କରିବା, ପଦୋନ୍ନତି ନିମନ୍ତେ ପ୍ରଦର୍ଶନ ମୂଲ୍ୟାଙ୍କନ ରିପୋର୍ଟରେ ଉଲ୍ଲେଖନୀୟ ବ୍ୟବସ୍ଥା ସମାପ୍ତ କରିବା ଆଦି ଦାବି ରହିଛି। ତେବେ ଏହି ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।



## ସୁଗୃହିଣୀ ଓ ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ପିରହଟ ଅଞ୍ଚଳର ପ୍ରଖ୍ୟାତ ଶିକ୍ଷାବିତ ଓ ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱ:ଦୁର୍ଯ୍ୟୋଧନ ମହାନ୍ତିଙ୍କ ଧର୍ମପତ୍ନୀ ପୂର୍ଣ୍ଣଶଶୀ ମହାନ୍ତିଙ୍କର ତାଙ୍କ ପିରାହାଟ ତିରୋଧାନ ହୋଇଯାଇଛି। ସ୍ୱର୍ଗତା ପୂର୍ଣ୍ଣଶଶୀ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଝିଆରୀ ଏବଂ କବିଙ୍କ ଶେଷ ଜୀବନରେ ସେବିକା ସାଜି ସେବା କରିଥିଲେ। ସେ ଜଣେ ସ୍ନେହୀ, ମିଷ୍ଟଭାଷୀ, ପରୋପକାରୀ ଏବଂ ଧର୍ମପରାୟଣା ମହିଳା ଭାବେ ଲୋକପ୍ରିୟ ଥିଲେ। ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ସେ କିଛି ଦିନ ଧରି ଶଯ୍ୟାଶାୟୀ ରହିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଜ୍ୟେଷ୍ଠପୁତ୍ର ଦିଲ୍ଲୀପ ମହାନ୍ତି, ପୁତ୍ରବଧୂ ଓ ନାତୁଣୀ ରହିଥିଲେ ଏବଂ ତାଙ୍କର ଅନ୍ୟ ପୁତ୍ର କନ୍ୟାଗଣ ଏବଂ ଆତ୍ମୀୟ ସ୍ୱଜନଙ୍କ ଗହଣରେ ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଓ ପରିବେଶବିତ କଲ୍ୟାଣୀ ମହାନ୍ତି, ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ଯୁଗ୍ମ ସଚିବ କଳ୍ପନା ମହାନ୍ତି, ନିନି ଓ ଚଗଲା ଇତ୍ୟାଦିଙ୍କର ସେ ଜନ୍ମଦାତ୍ରୀ। ତାଙ୍କ ବିୟୋଗରେ ପରିବାରବର୍ଗ, ବନ୍ଧୁ ପରିଜନ, ଆତ୍ମୀୟ ସ୍ୱଜନ ଏବଂ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସୁବର୍ଣ୍ଣପୁର ଜିଲ୍ଲାରେ ଗଡ଼ିଲା ଲକ୍ଷ୍ମୀ ବସ୍

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସମସ୍ତ ଜିଲ୍ଲାର ଗ୍ରାମାଞ୍ଚଳରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ସାରା ରାଜ୍ୟରେ ଲକ୍ଷ୍ମୀ ବସ୍ ସେବା ଯୋଜନା ଶୁଭାରମ୍ଭ କରିଆସୁଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲାରେ ମହା ଆଡମ୍ବରରେ ଏହି ଲକ୍ଷ୍ମୀ ବସ୍ ଚଳାଚଳର ଶୁଭାରମ୍ଭ ହୋଇଛି। ଏଥିପାଇଁ ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ସହଯୋଗରେ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଆରଟିଓ ଅକ୍ଷୟ କୁମାର ଜେନା ସମସ୍ତ ଦାୟିତ୍ୱ ପରିଚାଳନା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭର୍ଚୁଆଲ ମାଧମରେ ଉଦ୍‌ଘାଟନ କରିଥିବା ବେଳେ ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଜିଲ୍ଲା ପରିଷଦ ଅଧକ୍ଷା ସୁପାର ଠେଲା, ଜିଲ୍ଲାପାଳ ଅନ୍ୟା ଦାସ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଖୋଦ ମନ୍ତ୍ରୀ, ବିଧାୟକ ଓ ଜିଲ୍ଲାପାଳ ଯାତ୍ରୀମାନଙ୍କ ସହିତ ବସ୍ କଣ୍ଡକ୍ଟର ଠାରୁ ଟିକଟ କାଟି ସୋନପୁର ବ୍ଲକ ଅଞ୍ଚଳକୁ ଯାତ୍ରା କରିଥିଲେ। ଜିଲ୍ଲାର ୬ ଗୋଟି ବ୍ଲକରେ ଏହି ଲକ୍ଷ୍ମୀ ବସ୍ ଯାତ୍ରା ଏବେ ଉପଲବ୍ଧ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୩ ଗୋଟି ଲକ୍ଷ୍ମୀ ବସ୍ ଚଳାଚଳ ଆରମ୍ଭ ହୋଇଛି। ଏଥିପାଇଁ ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସମେତ ସୋନପୁର ବ୍ଲକ କାର୍ଯ୍ୟାଳୟ ଏବଂ ସୋନପୁର ଗାନ୍ଧୀ ଷ୍ଟାଡିୟମ୍ ଚଳ ଚଞ୍ଚଳ ଓ ପ୍ରବଳ ଭିଡ଼



ଲାଗିଥିଲା। ନୂତନ ଡ୍ରାଇଭର, କଣ୍ଡକ୍ଟର ମାନଙ୍କୁ ପୋଷାକ, ଟିକଟ ମେସିନ୍ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ବସ୍ ଚଳାଚଳ ପରେ ସୁବର୍ଣ୍ଣପୁର ଜିଲ୍ଲାର ବହୁ ଅପହଞ୍ଚ ଅଞ୍ଚଳରେ ସ୍ୱଳ୍ପ ମୂଲ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥା ସହଜ ଭାବେ ଉପଲବ୍ଧ କରିବା ସହ ଛାତ୍ରଛାତ୍ରୀ, ମହିଳା ଓ ଦିନ ମଜୁରିଆ ସମେତ ସାଧାରଣ ଜନତା ବ୍ଲକ ଓ ଜିଲ୍ଲା ମୁଖ୍ୟାଳୟକୁ ଯିବାଆସିବା ସହଜ ଓ ସୁବିଧା ହୋଇଛି। ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆରଟିଓ ଅକ୍ଷୟ ଜେନା ଓ ସମସ୍ତ ବ୍ଲକର ବିଡ଼ିଓ ଏହାକୁ ତଦାରଖ କରିଥିଲେ। ଏଥିରେ ଜିଲ୍ଲାର ସମସ୍ତ ଜନ ପ୍ରତିନିଧି, ପ୍ରଶାସନ ଅଧିକାରୀ, ସମସ୍ତ ବ୍ଲକ ବିଡ଼ିଓ, ମିଶନଶକ୍ତି ମହିଳା ଏବଂ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ସୋନପୁରରେ ବସ୍ ଗଡିଲା ବେଳେ ଗ୍ରାମାଞ୍ଚଳର ମହିଳା ଯାତ୍ରୀ ମାନଙ୍କ ଖୁବ୍ ଉତ୍କଣ୍ଠା ଦେଖିବାକୁ ମିଳିଥିଲା।

# ସିଏମ୍‌ସି ଅଭିଯୋଗ ସମାଧାନ ସଭା ୨୯ ସମସ୍ୟା ଫଇସଲା

କଟକ, ନ୍ୟୁଜ୍ ବ୍ୟୁରୋ

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବିକାଶ ଭବନ କାର୍ଯ୍ୟାଳୟରେ ଏକ ଅଭିଯୋଗ ସମାଧାନ ସଭା କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। କମିଶନର ଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ଅଭିଯୋଗର ପ୍ରତିକାର ନେଇ ଶୁଣାଣି କରାଯାଇଥିଲା। ଏଥିରେ ସମୁଦାୟ ୨୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରେ ସିଟି ଇଞ୍ଜିନିୟରିଂ ବିଭାଗର ୧୦ଟି, ଏନ୍‌ଫୋର୍ସମେଣ୍ଟ ୩ଟି, ସ୍ୱାସ୍ଥ୍ୟ ସମ୍ପର୍କିତ ଗୋଟିଏ, ପରିମଳ ଉପରେ ଗୋଟିଏ, ବସ୍ତି ଉନ୍ନୟନ ସମ୍ପର୍କିତ ୩ଟି, ଲାଇସେନ୍ସ ଉପରେ ୩ଟି, ଜମିଜମା ସଂକ୍ରାନ୍ତୀୟ ଗୋଟିଏ, ଏଷ୍ଟାବ୍ଲିଶମେଣ୍ଟ ୫ଟି ଯୁଗ୍ମ କମିଶନର ଗୋଟିଏ ଓ ସିଡିଏ ସେକ୍ରେଟାରୀ ଗୋଟିଏ ଅଭିଯୋଗର ସମାଧାନ କରାଯାଇଥିଲା ବୋଲି ନିଗମ ପକ୍ଷରୁ ସୂଚନା ଦିଆଯାଇଛି। ଅନୁଷ୍ଠିତ ସଭାରେ କମିଶନର ଶ୍ରୀ ସ୍ୱାଇଁଙ୍କ ସମେତ ଅତିରିକ୍ତ କମିଶନର ଅନାମ ପାତ୍ର, ସୋନା ଟୁଡୁ, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ଯୁଗ୍ମ କମିଶନର ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଡେପୁଟି କମିଶନର ଶ୍ୱେତସ୍ମିଗ୍ଧା, ଡେପୁଟି କମିଶନର ସୁକାନ୍ତ କୁମାର ବେଉରା ଓ ଡେପୁଟି କମିଶନର ସୁବ୍ରତ ବେହେରା, ସହକାରୀ କମିଶନର ତ୍ରିନାଥ ବେହେରା ଓ ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସ୍ୱନକ୍ଷତ୍ର:ଚଳଚଞ୍ଚଳ ପଦ୍ମବନ ପୀଠ

ନେମାଳ, ନ୍ୟୁଜ୍

ଶ୍ରୀକ୍ଷେତ୍ରେ ଜନମ ମୋହର ପଦ୍ମବନେ ବାସ, ନେମାଳ ଗ୍ରାମକୁ ଲଭିଲି ପାଳି କୃଷ୍ଣ ଆଦେଶ। ଇଏ ହେଉଛି ଭବିଷ୍ୟତ ମାଳିକାକାର ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ଲେଖନୀ ନିଃସୃତ ବାଣୀ। ଯାହା ପ୍ରଭୁଙ୍କ ଆଦେଶରେ ଏହି ପୀଠରେ ଧ୍ୟାନରେ ବସି ଶହ ଶହ ବର୍ଷ ତଳେ ତାଳ ପତ୍ର ପୋଥିରେ ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଲେଖିଥିବା ବାଣୀ ଆଜି ସତ୍ୟ ବୋଲି ପ୍ରମାଣିତ ହୋଇଛି। ସମଗ୍ର ସମାଜରେ ଘଟୁଥିବା ଓ ଆଗକୁ ଆସୁଥିବା ବିପତ୍ତିକୁ ଶହ ଶହ ବର୍ଷ ପୂର୍ବେ ତାଳପତ୍ର ପୋଥିରେ ଲେଖିଯାଇଛନ୍ତି ମହାପୁରୁଷ ଅଚ୍ୟୁତାନନ୍ଦ। ଏହି ବିପତ୍ତିରୁ, ମନୁଷ୍ୟ ସମାଜ କିଭଳି ରକ୍ଷା ପାଇପାରିବେ ତାହାର ଉପାୟ ମଧ୍ୟ ଲେଖିଯାଇଛନ୍ତି ଏହିସବୁ ତାଳପତ୍ର ପୋଥିରେ ମହାପୁରୁଷ ଅଚ୍ୟୁତାନନ୍ଦ। ତେଣୁ ମହାପୁରୁଷଙ୍କ ଲିଖିତ ବାଣୀକୁ ମନେ ପକେଇ ଶ୍ରଦ୍ଧାଳୁ ଭକ୍ତିପୂତ ଭାବରେ ଧାଇଁ ଆସୁଛନ୍ତି ଆଜିବି ଏହି ପୀଠକୁ। ମାଘ ଶୁକ୍ଳ ଏକାଦଶୀ ତଥା ପବିତ୍ର ସ୍ୱନକ୍ଷତ୍ର ଦିବସ ଅବସରରେ କଟକ ଜିଲ୍ଲା ନେମାଳ ଶ୍ରୀ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ପଦ୍ମବନ ପୀଠରେ ଅଷ୍ଟପ୍ରହର ବ୍ୟାପୀ ନାମ ଯଜ୍ଞାନୁଷ୍ଠାନ କରାଯାଉଛି। ଚଳିତ ବର୍ଷ କଟକଣା ନଥିବାରୁ ଏହି ପୀଠରେ ଓଡ଼ିଶାର କୋଣ ଅନୁକୋଣରୁ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ପରିଲକ୍ଷିତ ହୋଇଛି ଆଉ ଚଳ ଚଞ୍ଚଳ ହୋଇପଡିଛି ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପଦ୍ମବନ ପୀଠ। ଭିଡ଼କୁ ପରିଲକ୍ଷିତ କରି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।



## ଡକ୍ଟର କିଶୋରଚନ୍ଦ୍ର ଦାଶଙ୍କ ଚଗଲା ଓ ଚଗଲି ଉପନ୍ୟାସର ପାଠକାର୍ପଣ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ରବିବାର ପୂର୍ବାହ୍ନ ୧୦ଟା ସମୟରେ ଭାରତୀୟ ବିଦ୍ୟା ନିକେତନ ପରିସରରେ ସୁକିନ୍ଦା ସାହିତ୍ୟ ସମାଜ, ଯାଜପୁର ତରଫରୁ ଡ଼. କିଶୋର ଚନ୍ଦ୍ର ଦାସଙ୍କ ଦ୍ୱାରା ପ୍ରଥମ ଉପନ୍ୟାସ ଚଗଲା ଆଉ ଚଗଲି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଞ୍ଚାସୀନ ଅତିଥି ଭାବରେ କଥାକାର ଜ୍ଞାନରଞ୍ଜନ ନାୟକ, ସମାଜସେବୀ ଅକ୍ଷୟ କୁମାର ଭୂୟାଁ ଓ ସାହିତ୍ୟିକ ହିମାଂଶୁ ଶେଖର ଦ୍ୱିବେଦୀ, ବ୍ୟଙ୍ଗକାର ଓମ୍ ଅଭିଜ୍ଞାନ ସାହୁ ଯୋଗ ଦେଇଥିଲେ। ଚଗଲା ଓ ଚଗଲି ଉପରେ ମାନମୟୀ ରଥଙ୍କ ଦ୍ୱାରା ଲିଖିତ ସମୀକ୍ଷାଟିକୁ ହିମାଂଶୁ ଶେଖର ଦ୍ୱିବେଦୀଙ୍କ ଦ୍ୱାରା ପାଠ କରାଯାଇଥିଲା। ଲେଖକଙ୍କ ବକ୍ତବ୍ୟରେ ଚଗଲା ଚଗଲିଙ୍କ ବାସ୍ତବ କାହାଣୀ ଓ ସାହିତ୍ୟ ଯାତ୍ରା ଉପସ୍ଥିତ ଶ୍ରୋତାଙ୍କ ମନକୁ ଛୁଇଁଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସୁରେନ୍ଦ୍ର କୁମାର ଦାଶଙ୍କର ସଭାପତିତ୍ୱରେ ଡ. ଦୟାନିଧି ଦାଶ ଓ ସଂଘମିତ୍ରା ଭୂତିଆ ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାର୍ଥ ସ୍ୱାଇଁ, ଆଲୋକ ଷଡ଼ଙ୍ଗୀ ସମେତ ଦଶ ଜଣ ସମୀକ୍ଷକ ଉପନ୍ୟାସ ବିଷୟରେ ସେମାନଙ୍କ ମତାମତ ଦେଇଥିଲେ। ଶ୍ରାବଣୀ ଅଞ୍ଜନା, ସ୍ମରଣିକା ମାଣିଆ, ଐଶ୍ୱର୍ଯ୍ୟା ରାଉତ ସମେତ ଅନ୍ୟମାନେ ସାହିତ୍ୟିକା ମୌସୁମୀ ଦାଶ, ଜ୍ଞାନରଞ୍ଜନ ନାୟକ, ସଂଘମିତ୍ରା ଭୂତିଆଙ୍କର ମତାମତ ପାଠ କରିଥିଲେ। ମନୋରଞ୍ଜନ ଦାସ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଲେଖକଙ୍କ ବନ୍ଧୁ ପରିବାରବର୍ଗ ଏବଂ ସୁକିନ୍ଦା ସାହିତ୍ୟ ସମାଜର କର୍ମକର୍ତ୍ତା କାର୍ଯ୍ୟକ୍ରମଟିକୁ ସଫଳ କରିବାର ଦାୟିତ୍ୱ ନିର୍ବାହ କରିଥିଲେ। ଅଜୟ କୁମାର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୧।୨।୨୦୨୪, ଫାଲ୍‌ଗୁନ ଦ୯ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୦୬।୧୩।୨୩ ଚନ୍ଦ୍ରୋଦୟ- ଦିଘ ୩।୦୯।୧୪**

ଦ୍ୱାଦଶୀ- ଦିଘ ୧୧।୨୮ ପର୍ଯ୍ୟନ୍ତ। ପୁନର୍ବସୁ ନକ୍ଷତ୍ର- ଘ ୨।୧୮ ପର୍ଯ୍ୟନ୍ତ। ମିଥୁନ ଚନ୍ଦ୍ର- ପ୍ରାଘ୭।୪୪ ପର୍ଯ୍ୟନ୍ତ। **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। ପ୍ରାଘ ୭।୪୪ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର ଓ କୁମ୍ଭ ରାଶିର। **ଘାତଚନ୍ଦ୍ର-** ପ୍ରାଘ ୭।୪୪ ମଧ୍ୟେ କନ୍ୟା ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଇ ଦିଘ ୧୧।୨୮ ପରେ ବାଇଗଣ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୧୬ ଗତେ ଘ ୭।୪୮ ମଧ୍ୟେ। ଦିଘ ୧।୫୫ ଗତେ ଘ ୪।୫୮ ମଧ୍ୟେ। **ପର୍ବୋତ୍ସବ -** ବୈଷ୍ଣବ ସମ୍ମତ ଜୟା ଏକାଦଶୀ, ବିଶ୍ୱ ମାତୃଭାଷା ଦିବସ।



**ମେଷ:** କର୍ମକ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ। ସହଯୋଗୀ ମାନଙ୍କ ଅସହଯୋଗ ବ୍ୟତିବ୍ୟସ୍ତ କରିପକାଇବ। ଆୟରେ ବାଧା ତଥା କାର୍ଯ୍ୟରେ ପ୍ରତିରୋଧ ଶକ୍ତିର ମାତ୍ରା ବଢ଼ିବ। ମନରେ ବିରକ୍ତି ଭାବ ଜାଗ୍ରତ ହେବ।



**ବୃଷ:** କର୍ମରେ ଜୟଯୁକ୍ତ ହେବେ। ଆୟର ପରିମାଣ ବୃଦ୍ଧି ପାଇବ। ବହୁ ଦିନର ଆଶା ପୂରଣ ହେବାର ସୂଚନା। ସନ୍ତାନ ସନ୍ତତିଙ୍କ ପାଇଁ ଚିନ୍ତିତ ହେବେ। ମହିଳାମାନେ କର୍ତ୍ତବ୍ୟନିଷ୍ଠ ରହିବାର ସୂଚନା।



**ମିଥୁନ:** ପାରିବାରିକ ସହଯୋଗ ପାଇ କର୍ମପଥେ ଅଗ୍ରସର ହେବେ। ଆଶାବାଦୀ ହୋଇ ବେଶ୍ ସୁଫଳ ଲାଭ କରିବେ। ସହକର୍ମୀମାନେ ଆପଣଙ୍କର ପ୍ରଶଂସାର ଶତମୁଖ ହେବେ। ଆୟ ଓ ବ୍ୟୟ ସମାନ ରହିବ।



**କର୍କଟ:** ଦୂରଯାତ୍ରା କରି ବେଶ୍ ଦୁଇ ପଇସା ଅର୍ଜନ କରିବେ। ଆଧ୍ୟାତ୍ମିକ ପରିପ୍ରକାଶ ହେବ। ସାମାଜିକ କାର୍ଯ୍ୟରେ ବା ସେବା ପୂଜା ପ୍ରତି ମନୋନିବେଶ କରିବେ। ଗୃହେ ଆନନ୍ଦ ଦେଖାଦେବ।



**ସିଂହ:** ଆଜି ଦିନଟି ଆପଣଙ୍କ ପାଇଁ ସେତେ ଶୁଭଙ୍କର ନୁହେଁ। ମନରେ ଦୁଶ୍ଚିନ୍ତା ଦେଖାଦେବ। ଆୟ ଠାରୁ ବ୍ୟୟର ପରିମାଣ କମିଯିବ। ଦୂରଯାତ୍ରାରେ ଦୁର୍ଘଟଣାର ଯୋଗ। ଘରେ ଅଶାନ୍ତି ଦେଖାଦେବ।



**କନ୍ୟା:** ସାହାଯ୍ୟ ସହଯୋଗ ଲାଭ କରିବେ। ଭ୍ରମଣ ଯୋଗ ରହୁଛି। ଆୟ ଠାରୁ ବ୍ୟୟର ପରିମାଣ କମିଯିବ। ପାରିବାରିକ ସୁଖ ଶାନ୍ତି ମିଳିବ। ବ୍ୟବସାୟରେ ଲାଭବାନ୍ ହେବେ। ଶରୀର ସୁସ୍ଥ ରହିବ।



**ତୁଳା:** ସବୁକିଛି ହେୟ ମନ ହେବ। ଧୀରେ ଧୀରେ ବାକି କାମକୁ ନିର୍ବାହ ପାଇଁ ଉଦ୍ୟମ କରିବେ। ଦିନ ସାରା କର୍ମ ଚଞ୍ଚଳ ରହିବେ। ଆୟ ମଧ୍ୟମ ହେବ। ନୂତନ ଦ୍ରବ୍ୟ ପ୍ରାପ୍ତି। ଗୃହେ ସୁଖ ଶାନ୍ତି ଲାଭ।



**ବିଛା:** ବୁଝି ବିଚାରି କାମ କଲେ ପ୍ରମାଦ ନ ପଡ଼ଇ ଭଲେ। ଦିନଟି ଭଲରେ କଟିବ। କିନ୍ତୁ ଏକାକୀ କୌଣସି କାର୍ଯ୍ୟ ପାଇଁ ପଦକ୍ଷେପ ନ ନେବା ଭଲ। ଆଲୋଚନାରୁ ଲାଭାନ୍ୱିତ ହେବେ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ।



**ଧନୁ:** ଦିନଟି ଅଶାନ୍ତିରେ କଟିବ। ସୁବିଧାବାଦୀ ମାନେ ଆପଣଙ୍କ ଠାରୁ ସ୍ୱାର୍ଥ ହାସଲ କରିବେ। ଆୟ ଠାରୁ ବ୍ୟୟ ପରିମାଣ ବଢ଼ିବ। ଅଧିକ ଧନ କ୍ଷୟର ସୂଚନା ମିଳେ। ପାରିବାରିକ ସୁଖ ଶାନ୍ତି ବଜାୟ ରହିବ।



**ମକର:** ପ୍ରତିବାଦ ବୃଦ୍ଧି ପାଇବ। ଦୂରଯାତ୍ରାରେ ଆନନ୍ଦ ଅନୁଭବ କରିବେ। ସାମାଜିକ କାର୍ଯ୍ୟରେ ଯୋଗଦାନ ଦ୍ୱାରା ନିଜର ଲୋକ ସମ୍ପର୍କ ବଢ଼ିବ। ଆୟ ପୂର୍ବ ପରି ରହିବ। ଗୃହେ ଶାନ୍ତି ଲାଭ।



**କୁମ୍ଭ:** ଭଲ କଥା କହି ସବୁରି ପାଖରେ ନିନ୍ଦିତ ହେବେ। ସହଯୋଗୀ ମାନଙ୍କ ଅସହଯୋଗରୁ ବାଦବିବାଦ ସୃଷ୍ଟି ହେବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଶାନ୍ତି ବଜାୟ ରହିବାର ସୂଚନା ମଧ୍ୟ।



**ମୀନ:** ସଂଯମତା ରକ୍ଷା କଲେ ଭଲ। କର୍ମକ୍ଷେତ୍ରରେ ଅଶାନ୍ତି ପରିଶ୍ରମ ବଢ଼ିବ। ଅଧସ୍ତନ ବ୍ୟକ୍ତି ନିକଟରେ ମଥାନତ କରି ଅସୁଖୀ ହେବେ। ମାନହାନୀର ଆଶଙ୍କା ମଧ ରହିଛି। ଆୟ ଓ ବ୍ୟୟ ସମାନ ରହିବ।

## ବିଧାୟକଙ୍କୁ ହତ୍ୟା ଧମକ ପ୍ରତିବାଦରେ କଣ୍ଟାବାଞ୍ଜି ବନ୍ଦ

କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ

କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ହତ୍ୟା ଧମକ ପ୍ରତିବାଦରେ ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ ପାଳନ କରାଯାଉଛି। ନଗର କଂଗ୍ରେସ ପକ୍ଷରୁ ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏଁ ବନ୍ଦ ପାଳିତ ହୋଇଛି। ସକାଳୁ ସକାଳୁ କଂଗ୍ରେସ କର୍ମୀମାନେ ପିକେଟିଂ କରି ବିଭିନ୍ନ ସ୍ଥାନରେ ବନ୍ଦ କରିଥିବା ପରିଲକ୍ଷିତ ହୋଇଛି। ବିଧାୟକଙ୍କ ଭାଇ ତଥା ନଗରପାଳ ବରିୟାମ ସିଂ ସାଲୁଜାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଏକ ବାଇକ୍ ରାଲି କରି ପିକେଟିଂ କରି ଦୋକାନ ବଜାରକୁ ବନ୍ଦ କରିଥିଲେ। ବନ୍ଦ ପାଳନରେ ଶତାଧିକ କଂଗ୍ରେସ କର୍ମୀ, ବିଧାୟକଙ୍କ ସମର୍ଥକ ସାମିଲ ଥିବା ଦେଖିବାକୁ ମିଳିଛି। କଣ୍ଟାବାଞ୍ଜିରେ ଜନଜୀବନ ପ୍ରଭାବିତ ହୋଇଛି। ସୂଚନାଯୋଗ୍ୟ, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ହତ୍ୟା ଧମକ ମିଳିଥିଲା। ତାଙ୍କୁ ହତ୍ୟା ଧମକ ନେଇ ସହରର ଦୁଇଟି ସ୍ଥାନରେ ବ୍ୟାନର ଲାଗିଥିଲା। ଏଥିରେ ୧୫ ଦିନ ମଧ୍ୟରେ ସାଲୁଜାଙ୍କୁ ହତ୍ୟା ନେଇ ଉଲ୍ଲେଖ ରହିଥିଲା। କଣ୍ଟାବାଞ୍ଜି ବାଳିକା ଉଚ୍ଚ ବିଦ୍ୟାଳୟର ବାହାରେ ଥିବା ଏକ ଦୋକାନରେ ବ୍ୟାନର ଲାଗିଛି। ବ୍ୟାନର ଧଳା ରଙ୍ଗର ଥିବା ବେଳେ ଏଥିରେ ଲାଲ ଅକ୍ଷରରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ୧୫ ଦିନ ଭିତରେ ହତ୍ୟା କରିବି ବୋଲି ଲେଖା ରହିଛି। ତେବେ ବ୍ୟାନରରେ ଜଣେ ଅଜଣା ଯୁବକଙ୍କ ଫଟୋ ମଧ୍ୟ ରହିଛି। ପୋଷ୍ଟର ଦେଖି ଲୋକେ ଭୟଭୀତ ଥିବା ବେଳେ କଣ୍ଟାବାଞ୍ଜି ପୁଲିସ ବ୍ୟାନର ଜବତ କରି ଅଧିକ ତଦନ୍ତ କରିଥିଲା।

kohliṅka
କୋହଲିଙ୍କ ଘରକୁ ଆସିଲା ନୂତନ ଅତିଥି, ଖୁସି ଖବର ଦେଲେ ବିରୁଷ୍କା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ଜିମ୍ମେଦାର ବାଧ୍ୟକାରରେ ମା ଫେଳେଣୁ କରାବନ

୧୨ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

12 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୨୬ ● ୨୧ଫେବୃୟାରୀ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-26 ● 21st February 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24



DSPL-682

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

ଗୁଜରାଟ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ଓଡ଼ିଆ ଭାଷା ଶିକ୍ଷା ପାଇଁ ୬୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ସାହିତ୍ୟ ପୁସ୍ତକ ପ୍ରଦାନ ।

ଆଗାମୀ ଶିକ୍ଷା ବର୍ଷରେ ୫ ଲକ୍ଷ ୪୬ ହଜାରରୁ ଊର୍ଦ୍ଧ୍ୱ ବେସରକାରୀ ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ସାହିତ୍ୟ ପୁସ୍ତକ ଯୋଗାଇବା ପାଇଁ ବ୍ୟବସ୍ଥା ।

ଓଡ଼ିଆ ଭାଷାରେ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା-୨୦୨୩ରେ ଓଡ଼ିଆରେ ସର୍ବାଧିକ ନମ୍ବର ରଖିଥିବା ୩୫୪୯ଜଣ ଛାତ୍ରଛାତ୍ରୀଙ୍କୁ ୧ କୋଟି ୭୭ ଲକ୍ଷ ୪୫ ହଜାର ଟଙ୍କାର 'ମୁଖ୍ୟମନ୍ତ୍ରୀ ଭାଷାବୃତ୍ତି ପୁରସ୍କାର' ପ୍ରଦାନ ।



## ଅନ୍ତର୍ଜାତୀୟ ମାତୃଭାଷା ଦିବସ

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।"

*ସ୍ୱଭାବ କବି ଗଙ୍ଗାଧର ମେହେର*

**୨୧ ଫେବୃଆରୀ ୨୦୨୪**

ରାଜ୍ୟ ବାହାରେ ଥିବା ଭାଷା ଶିକ୍ଷକଙ୍କ ପାରିତୋଷିକ ବୃଦ୍ଧି ।

ପର୍ଯ୍ୟାୟକ୍ରମେ ୧୫୦୦ ଓଡ଼ିଆ ଭାଷା ଶିକ୍ଷକଙ୍କୁ ନିଯୁକ୍ତି ପାଇଁ ଯୋଜନା ।

ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ୧୪୮୩ଟି ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ୨୧ଟି ଭାଷାରେ ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ।

ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ମାତୃଭାଷାର ସୁରକ୍ଷା ସହିତ ଏକ ସମୃଦ୍ଧ ଶୈକ୍ଷିକ ବାତାବରଣ ଗଢ଼ିତୋଳିବାକୁ 'ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ'ର ପ୍ରୟାସ ।

ଭାଷା ଭିତ୍ତିକ ଶିକ୍ଷାର୍ଥୀ କ୍ଲବ୍ 'ସାହିତ୍ୟ ସୃଜନୀ' ଅଧୀନରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା ।

ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗିନିଜ୍‌ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ।

୪୩୦୪୩ ବିଦ୍ୟାଳୟରେ ଗପ ଶୁଣିବା ଓ ଗପ କହିବା କାର୍ଯ୍ୟକ୍ରମ ।

୪୭୬୬ ଆଞ୍ଚଳିକ ସାଧନ କେନ୍ଦ୍ରରେ ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ ।

'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ'ରେ ସରକାରୀ ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରବକ୍ତାଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ରାଶି ।

OIPR : 27068/13/0056/2324

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର**

# କବିତାୟନ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ଫେବୃୟାରୀ ୨୦୨୪ ବୁଧବାର

## ବସନ୍ତ ଆସିବ ସଜେଇ ହୋଇ

ସୁହଂସ ଭୋଇ

ଶୀତ ଚାଲି ଯିବ ବିଦାୟ ନେଇ
ବସନ୍ତ ଆସିବ ସଜେଇ ହୋଇ
ମୌସୁମୀ ମଳୟ ହେବ ଅଚଳ
କେବେ ସେ ଉଷୁମ କେବେ ଶୀତଳ

ବୃକ୍ଷେ ଧରିଲାଣି ଆମ୍ବ ବଉଳ
ଝରି ପଡ଼ିଲାଣି ସଜନା ଫୁଲ
ଧୀର ସମୀରଣ ଆସୁଛି ହଲି
ସୋରିଷ କୁସୁମ ଖେଳୁଛି ଦୋଳି

ଉତ୍ତର ଦକ୍ଷିଣ ପଶ୍ଚିମ ପୂର୍ବ
ଚାହିଁଲେ ଦିଶିବ ବିମଳ ଅଭ୍ର
ପାଦପ କୋଳରେ ଶିଶୁ ପଲ୍ଲବ
ଆମୋଦେ ଆହ୍ଲାଦ ହୋଇ ଖେଳିବ

ବନପ୍ରିୟ ଦେଖି ହେବ ବିଭୋର
ମଧୁର କଣ୍ଠରେ ଭରିବ ସୁର



ହଂସାରୁଢା ଦେବେ ମର୍ତ୍ତ୍ୟରେ ପାଦ
ବିମାନେ ଆସିବେ ଦୋଳ ଗୋବିନ୍ଦ

ଅବିରତ ଋତୁ ଚକ୍ର ଘୂରଇ
ପ୍ରକୃତି ଲିଖିତ ନିୟମ ଏହି
ମନ ପ୍ରୀତିମୟ ବନ ସବୁଜ
ବିରାଜିବେ ରାଜ ସେ ଋତୁରାଜ

ପହଣ୍ଡି, ବରଗଡ଼
ମୋ-୯୪୩୭୫୨୨୪୫୫

## ବ୍ୟତିକ୍ରମ

ମଞ୍ଜୁଲତା ସାହୁ

ମୁଁ ନୀରବଧି ରହିଗଲି ଚୁପଚାପ୍
ମୋର ସମସ୍ତ କଳ୍ପନା ଜଳ୍ପନାର ଅସୁମାରୀ ସୌଧ ନେଲେ ଯେବେ ଜୀଅନ୍ତା କବର,

ତୁମର ସମସ୍ତ ପ୍ରବୃତ୍ତି ନିବୃତ୍ତି
ଅଥବା ପ୍ରତିଶ୍ରୁତି ମାନେ
ଶୋଇଗଲେ ଚିରନିଦ୍ରା କାଳ, ଅତିକାଳ ମହାକାଳ ଯାଏ....

ଆଉ ଥରେ ଅନାନ୍ତ କି ଭାବପ୍ରବଣତାରେ
ପୁଣି ଆରଂଭ କରନ୍ତେ ନୂତନ ଅଦ୍ଧ...
ପୁଣି ଗପନ୍ତେ ଆମେ ଭାଷାହୀନ ଶବ୍ଦ ବିନିମୟରେ,
ଆବିଷ୍କାର କରନ୍ତେ
ପରସ୍ପରକୁ ଭାବହିନ ଚାହାଣୀରେ ଆଉ ସ୍ପର୍ଶହୀନ ଆଲିଙ୍ଗନରେ....
କିଛି ଗୋଟେ
ବ୍ୟତିକ୍ରମ ହୁଅନ୍ତା ଆମପାଇଁ....

ମଧ୍ୟାହ୍ନରେ ଜହ୍ନ ହସନ୍ତା ଆମକୁ ଦେଖି ଆଉ ନିଶାର୍ଦ୍ଧରେ ସୂର୍ଯ୍ୟ ଝାଉଁଳି ପଡନ୍ତା ଲାଜରେ...
କଦମ୍ବଟା ହେଇ ଯାଆନ୍ତା

ବାସନ୍ତୀର ଆଉ ମଲ୍ଲୀ ଶ୍ରାବଣୀର...
ଭୂମିରୁ ଭୂମା ଯାଏ
ବଦଳି ଯାଆନ୍ତା ସବୁକିଛି...
ବତାସ ଧିର ହୁଅନ୍ତା ଆଉ ଆକାଶ ଥିର ହୋଇ ଚାହାନ୍ତା ଆମ ଦୁହିଁଙ୍କୁ,
ସବୁ କିଛି
ବ୍ୟତିକ୍ରମ ହୋଇ ଯାଆନ୍ତା ଆମପାଇଁ.... ! !



କାମାକ୍ଷାନଗର, ଢେଙ୍କାନାଳ

## ଝୁମାଝୁମା ଏଇ ଗୋଲାପି ବେଳାରେ

ନଳିନୀ ଦାଶ

ଝୁମାଝୁମା ଏଇ ଗୋଲାପି ବେଳାରେ
ପ୍ରିୟା ମୋର ଚିତ୍ରଲେଖା
ପ୍ରେମ ପ୍ରୀତି ମାଖି ଗୋଲାପଟେ ଗୁନ୍ଥି
ଗୁଞ୍ଜିଦେଲା ହାତ ଲେଖା ।
ଅଧା ହସି ଦେଇ କଣେଇ ଚାହିଁଲା
ଲାଜରେ ସରମୀଲତା
ମତେ ଚାହିଁ ଚାହିଁ ବୁଝାଉ ଥିଲା ସେ
ତା ମନର ନୀରବତା ।
ଜହ୍ନ ପରି ଦିଶେ ମୁହଁଟି ତାହାର
ଓଠଟି ଗୋଲାପ ଫୁଲ
ହଳଦୀଖା ମତା ଦେହକୁ ଦିଶଇ
ନାଲିଶାଢ଼ି ଝଲମଲ ।
ପ୍ରିୟା ମୋ ରୂପସୀ ମୋ ମନ ମାନସୀ
ସୁନ୍ଦରୀ ଚପଳଛନ୍ଦା

କଥା ତାର ଭାବି ଦିନ ରାତି ସରେ
ସିଏ ମୋ ଅଳକାନନ୍ଦା ।
ହରିଣୀ ଚାଲିରେ ଗଭାରେ ଖୋସିଛି
ଗୋଲାପ ରଜନୀଗନ୍ଧା
ପ୍ରେମ ଋତୁଟାରେ ସବୁଠି ମୋ ପ୍ରିୟା
ତା ପ୍ରେମେ ପଡ଼ିଛି ବନ୍ଧା ।
ଚାଲିରେ ତାହାର ପଦ୍ମ ଫୁଟୁଅଛି
ହସରୁ ଝରୁଛି ମହୁ
ଓଠରୁ ମୁକୁତା ଖସୁଛି କି ସତେ
କଥା ପଦେ କହୁ କହୁ ।
ଚୋରା ଚାହାଁଣୀରେ ଦେଉଛି ଇଶାରା
ପ୍ରିୟା ମୋର ଶୀତ କାଳେ
ହସ ବିଞ୍ଚିଦେଇ ଲେଉଟି ଚାହେଁ ସେ
ଗୋଲାପି ସଂଜର ବେଳେ ।



ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ------୬୩୭୦୦୯୫୨୪୧

## ନିରୁତ୍ତର ଶବ୍ଦାର୍ଥୀ..... !

ଚନ୍ଦନ କୁମାର ଦାସ

ମୁଁ ନିରୁତ୍ତର ଶବ୍ଦାର୍ଥୀ
ଶବ୍ଦ ମାନଙ୍କର ଭିତରେ ଥାଇ ମଧ
ନିଇତି ଶିକାର ହୋଇଯାଏ
ଶବ୍ଦ ମାନଙ୍କର ଛୁଆଁ ଅଛୁଆ ଭେଦଭାବ
ମଧରେ
ତଥାପି କେହିଜଣେ ଶବ୍ଦର ବୋଝକୁ ପିଠିରେ
ପକେଇ
ଭେଟୁଥାଏ ମୋତେ ରାତ୍ରିର ନିର୍ଜନ ପ୍ରହରରେ
ଦେବାପାଇଁ ଆପାତତଃ ଖଣ୍ଡେଅଧେ
ଅବୁଝା ଶବ୍ଦର ଶୀତଳ ଶିହରଣ
ମୁଁ କିନ୍ତୁ ନିରୁପାୟ
ନିରୁତ୍ତର ଶବ୍ଦାର୍ଥୀ.... !
ବୁଝିପାରେନି ଶେଫାଳିର ଶେଷରାତ୍ରିର
ଅବସୋସ
ସବୁ ବେଦନାକୁ ବନ୍ଧକ ପକାଇ
କିସପାଇଁ ସାରୁଥାଏ ସେ
ଅନ୍ୟପାଇଁ ନିଜର ଆୟୁଷ



ନିଜ ଅସ୍ତିତ୍ୱକୁ ପଛରେ ପକାଇ
କିସପାଇଁ ଧୂଳିଟିଏ ଜିତୁଥାଏ
ମାଟିର ବିଶ୍ୱାସ ?

ଆରୁହାବୃତି ୧,ଭୋଗରାଇ,ବାଲେଶ୍ୱର
ମୋ-୮୧୧୪୩୪୫୯୮୮

## ମିଳନର ମଧୁର ପଥରେ

ସିଦ୍ଧେଶ୍ୱର ତ୍ରିପାଠୀ

ଆସ ଆସିବାର ବେଳ ହେଲା ସାଥୀ
ବାହାନା କରନି ଆଉ
ଅତୀତରେ ଯେତେ ସପନ ଆଙ୍କିଛ
ଏବେ ସବୁ ସତ ହେଉ ।

ଧରା ଦିଅ ଥରେ ସୁନୟନା ବାରେ
ଖେଳ କାଇଁ ଲୁଚକାଳି
ତୁମରି ଦେହର ଯେତେ ରଙ୍ଗ ସବୁ
ମୋ ଦେହରେ ଦିଅ ବୋଳି ।

ବସନ୍ତରେ ସିନା ମଳୟ ଆସିଲେ
କୋଇଲି ଗାଇବ କୁହୁ
ଆସ ଆସିବାର ବେଳ ହେଲା ସାଥୀ
ବାହାନା କରନି ଆଉ ।

ତୁମ ପାଇଁ ଦେଖ ଫୁଲ ବିଛାଇଛି
ମନ ଅଗଣାରେ ମୋର
ଆଖି ଆଇନାରେ ସଜାଇ ରଖିବି
ସବୁ ତୁମ ଉପହାର ।

କେତେତ ଫଗୁଣ ବିତାଇ ଦେଲଣି
ଏ ଫଗୁଣେ କଥା ରହୁ
ଆସ ଆସିବାର ବେଳ ହେଲା ସାଥୀ
ବାହାନା କରନି ଆଉ ।



କୁଣ୍ଡିଲୋ କେରଙ୍ଗ
ଖୋର୍ଦ୍ଧା

## ସଂପର୍କ

ଅରୁଣ କୁମାର ଦାସ

ଯୋଡି ହେବା ଆଗରୁ ଛିଡି ଯାଇଥିଲା
ଆକାଶରେ ଉଡି ଉଡି ହାଲିଆ ହୋଇ
ଥିବା ଗୁଡି ପରି
ଧାଇଁ ଯାଇ ଥିଲି ଅନେକ ବାଟ ପଛେ
ପଛେ
ଲୁଚି ଯାଇ ଥିଲା ଦୂରେ ଦିଗ୍‌ବଳୟେ ଅବା
ଭସା ମେଘେ
କୂଳ କିନାର ପାଇଲିନି କି ପଛକୁ
ଚାହିଁବାର ନ ଥିଲା ବାଟ
ପାଲଟି ଯାଇଥିଲି ଅମଡା ବାଟର ପଥିକ
ଅଟକି ଯାଇଥିଲା ସାଧନାର କଲମ
ଅଂଟା ସଳଖି ଠିଆ ହୋବାର ନ ଥିଲା ଯୁ
।
ପେଟ ଚାଖଂଡ ପାଇଁ ଖୋଜୁଥିଲା ରାହା
ମିଳି ନ ଥିଲା ସହାୟତା ଅବା ପଦେ ଆହା
ଭୂତ ଭବିଷ୍ୟତ ମିଶାଇ ଦେଇଥିଲା
କାଳବୈଶାଖୀ ବାଆ ଦିଗ ହରା ପଥିକ
ପରି ଧାଇଁବା ଛଡା କିଛି ନ ଥିଲା ସାହା

କିନ୍ତୁ
ଆଶା ଥିଲା ଦିନେ ନା ଦିନେ ମିଳିବ
ଦେଖା
ଏଇ ଟିକକ ଆଧାର କରି ମିଳି
ଯାଇଥିଲା ବାଟ ଚାଲିବା
ଏବେ ପରା ନିଜ ବାଟରେ ସବୁ ଚାଲିଛି
ନା ଅଛି ପାଇବାର ଲାଳସା ନା
ହରାଇବାର ଦୁଃଖ
ନିର୍ଦ୍ଧାରିତ ପରିଧିର ସୀମା ଭିତରେ

ଆମେ ଆବଦ୍ଧ
ଭାଗ୍ୟ ଭବିଷ୍ୟତର କୁଂଡଳୀରେ ସଂପର୍କ
ବଂଧା
ଚିହ୍ନ ବର୍ଣ୍ଣ ନ ଥିବ ଆଶା, ନିରାଶା
ପ୍ରତ୍ୟାଶାର
କେବଳ
ଅଛି ରହିବ ଅତୁଟ ସଂପର୍କ ହୋଇ ଚିର
ଶାଶ୍ୱତ



ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
ମୋ- ୯୯୩୮୭୩୩୦୭୫

## ମାଘ ମେଘ.....

ଲକ୍ଷ୍ମୀପ୍ରିୟା ପୃଷ୍ଟି

**ଏକ**

ମେଘ ମଖା ଏଇ ମାଘର ସକାଳ
ଭିନ୍ନ ରୂପ ନେଇ ଆସିଛି
ସ୍ମୃତି ରେ ଭିଜୁଛି ମନର ଇଲାକା
କାହା ପାଇଁ ନିଦ ହଜିଛି ।
ତୁମ ପାଇଁ ପ୍ରିୟ ଏ ସକାଳ ଲାଗେ
ଫୁଲ ଫୁଟା ସଜ କାନନ
ମନ ମରୁଭୂମି ଶ୍ୟାମଳିମା ସାଜେ
ମୋହ ମୟ ଲାଗେ ଜୀବନ ।

**ଦୁଇ**

ଜହ୍ନରାତି ଏବେ ଜୁଆରିଆ ମନ
ଛୁଇଁବାକୁ କରେ ମନା
ଯେବେଠୁଁ ଫଗୁଣ ଏ ମନ ବେଦୀକୁ
ଭୁଲିଛି ତାର ଠିକଣା ।
ପରିଚୟ ହୀନ ସାଧା ଲଫାପା ମୁଁ
ମାଘ ମେଘ ଅନୁଭବ
ପୁରୁଣା ଚିଠିର ଶବଦରେ ଭିଜେ
ମନରେ ଶଙ୍କା ନରହୁ ।।



ଦଶରଥପୁର,
ଯାଜପୁର, ୭୫୫୦୦୬,
ଫୋନ-୭୩୭୭୩୧୮୭୮୯

## ଖୋଜୁଛି ମୁଁ ଏମିତି ଏକ ଋତୁ

ମୈତ୍ରେୟୀ କମିଳା

ବଦଳି ଯାଇଥିବ ଘାସ ଆଉ ଫୁଲ ର ଠିକଣା
ପାହାଡ ଟା ଆଉ ଧୂସର ଦିଶୁ ନଥିବ
ପାଣିର ଗାର ପରି ଲିଭୁଥିବ
ରାଗ ରୁଷା ମାନ ଅଭିମାନ
ତର୍କ ବିତର୍କ ଠୁ ଦୂରେଇ ରହିଥିବ
ସମ୍ପର୍କର ଡୋର
ଅନ୍ଧବିଶ୍ୱାସ କୁସଂସ୍କାର ଗଣ୍ଠିଳି ମାରି ଉଇ ଖାଉଥିବ
ସାମ୍ପ୍ରଦାୟକତା ଭେଦ ଭୁଲି ବାଣ୍ଟୁଥିବା ନାରା ଆମେ ସବୁ ଏକ
ମୋତେ ଠିକ୍ ସେ ହୁଳହୁଳି ପକେଇ ଆସେନି , ଭଲ ରାନ୍ଧି ଆସେନି କହି
ତୁମେ ବାଟ ଭାଙ୍ଗି ଚାଲିଯିବନି
ଆଖିକୁ ଦିଶୁନି କହି ଶବ୍ଦ ସବୁ ଖାତା ରେ ଏପାଖ ସେପାଖ ହେବେନି

ଏମିତି ଏକ ଋତୁ
ସମୟ ଟା ଟିକେ ରହିଯିବ
ଶୁନଶାନ୍ ଖରାବେଳେ
କୃଷ୍ଣଚୁଡ଼ା ଛାଇତଳେ

ଫଗୁଣ ସରିନି କହି
ଅଙ୍କା ବଙ୍କା ରାସ୍ତା ସରି ଆସୁଥିବ
କେହି ନଝୁଣ୍ଟିଲା ଭଳି
ବାଡ କଡ ଲତା ପରି
ମୁଠେ ମାଟିକୁ ଆଉଜି
କୁହୁଡି ରେ ଚାଲୁ ଚାଲୁ
ନେଶିହୋଇଯିବ କାକର ଟୋପା ଟା
ଆଖିପତାରେ
ପଛରେ ସେ ଗଙ୍ଗ ଶିଉଳି ଫୁଲ ପେନ୍ଥାଏ ଝରିପଡୁଥିବ କଲମ ମୁନରେ





ନଭି ମୁମ୍ବାଇ

## ଆଉ ଘଡ଼ିଏ ସମୟ

ନୀଳମାଧବ କର

ଥାଆନ୍ତା କି ଆଉ ଟିକେ ଅଧିକ ଜୀବନ
ଦିନ କେଇଟା
ତମ ସଙ୍ଗେ ବିତେଇବାକୁ
ଖୋଲା ଖୋଲା ଆକାଶ ତଳେ

ନିଶ୍ଚିନ୍ତରେ
ଏ ଗତାନୁଗତିକ ଜୀବନ ଡେଇଁ
ତେଲ ଲୁଣର ସଂସାର ପରେ
ଥାଆନ୍ତା କି ଆଉ ଘଡ଼ିଏ ଅନ୍ତତଃ
ପାଖରେ ଆମର

ବିନା ଅତୀତର, ବିନା ଚିନ୍ତାର ସମୟ
ବିତେଇବାକୁ କିଛି ବର୍ତ୍ତମାନ
କେବଳ ତମେ ଆଉ ମୁଁ
ଆମ ନିଶ୍ୱାସ କେଇଟା
ଓ ଆଉ କେହି ନୁହେଁ
ଏମିତିକି ଭଗବାନ ବି କରନ୍ତେ ଅପେକ୍ଷା
ଦୁଆର ସେପଟେ,
କି ଦିଗବଳୟ ପଛେ
ଭୁଲିଯାଇ ଠିକଣା ଆମର

ଓଲଭରହାମ୍ପଟନ, ୟୁକେ

## ଭାବିବୁ ମୋହରି କଥା

ପ୍ରଶାନ୍ତ କୁମାର ନାଥ

ଚାଲିଗଲୁ ବୋଲି କହିବିନି ତୋତେ
କାହିଁକି ମୋତେ ତୁ ଯାଇଛୁ ଭୁଲି
ଆଜି ନୁହେଁ କାଲି ଜାଣିଛି ଏତିକି
ଥରୁଟିଏ ନିଶ୍ଚେ ଚାହିଁବୁ ବୁଲି ।

ଚାଲୁଚାଲୁ ତୁହି ଫୁଲର ବାଟରେ
ତୋ ଗୋଡରେ ଯେବେ ଫୁଟିବକଣ୍ଟା
ସେତେବେଳେ ନିଶ୍ଚେ ମନେ ମୁଁ ପଡିବି
ନଇଁ ପଡୁଥିବ ଯେବେ ତୋ ଅଣ୍ଟା ।

ତୁସିନା ଯାଇଛୁ ପ୍ରେମକୁ ଆମର
ଛଳନା ରୂପରେ କବର ଦେଇ
ଅନ୍ଧ ଇଲାକାରେ ହଜିଗଲା ପରେ
ଭାବିବୁ ମୋ କଥା ସେଠାରେ ଥାଇ ।

ତୁ ସିନା ବୁଲୁଛୁ ପ୍ରେମ ରାଇଜରେ
ଛଳନା ରଙ୍ଗକୁ ମାଖିତୋ ଦେହେ
ସେ ରଙ୍ଗ ଯେବେ ତୋ ଦେହରୁ ଛାଡିବ
କିରଙ୍ଗ ଆଉତୁ ମାଖିବୁ ମୁହେଁ ।

ପ୍ରୀତି ପ୍ଲାବନରେ ଭାସିଗଲା ପରେ
ମନେ ମନେ ସିନା ହେଉଛୁ ଖୁସି
ସେଖୁସିରେ ଯେବେ ଗ୍ରହଣ ଲାଗିବ
ମୋ କଥା ନିଶ୍ଚିତ ଭାବିବୁ ବସି ।

ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର,
ଯାଜପୁର-୭୫୫୦୧୩

# ରୋହିତ-ବିରାଟଙ୍କ ଭଳି ହିରୋ ହୋଇପାରିଥାନ୍ତି ହେଲେ ଧୋନି ସବୁ ବର୍ବାଦ କରିଦେଲେ: ମନୋଜ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

ସମ୍ବାଦ କଳିକା ™

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୧୨ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

12 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୨୬ ● ୨୧ ଫେବୃୟାରୀ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-26 ● 21st February 2024, Wednesday ● Bhubaneswar

Licensed to post without pre-payment of postage No- BN-60/22-24





ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ବିକାଶ ଲକ୍ଷ୍ୟରେ ଭାରତର ଅଗ୍ରଗତି, ଦେଶରେ ଦୁର୍ନୀତି କମିଛି

୧୭ଟି ଏସଡିଜି ଲକ୍ଷ୍ୟ ସହ ଜଡିତ ୮୫ ପାରାମିଟରରେ ଭାରତର ପ୍ରଦର୍ଶନ ଉନ୍ନତ ହୋଇଥିବାବେଳେ ୨୭ଟିରେ ପ୍ରଗତି ଦୁର୍ବଳ ହୋଇଛି। ୩୬ଟି କ୍ଷେତ୍ରରେ ପ୍ରଗତି ଖରାପ ହୋଇଛି। ମିଳିତ ଜାତିସଂଘର ଅର୍ଥନୈତିକ ଏବଂ ସାମାଜିକ ଆୟୋଗ ଦ୍ୱାରା ପ୍ରକାଶିତ ଏସିଆ ଏବଂ ପ୍ରଶାନ୍ତ ଏସଡିଜି ପ୍ରଗତି ରିପୋର୍ଟ ୨୦୨୪ରେ ଏହି ସୂଚନା ଦିଆଯାଇଛି। ଏସଡିଜି ସ୍ଥାୟୀ ବିକାଶ ଲକ୍ଷ୍ୟ ସହ ଜଡ଼ିତ। ରିପୋର୍ଟ ଅନୁଯାୟୀ, ଭାରତରେ ଦୁର୍ନୀତି ହାର ୨୦୧୬ ରେ ୬୯ ପ୍ରତିଶତ ଥିଲା। ଏହା ୨୦୨୦ରେ ୩୯ ପ୍ରତିଶତକୁ ହ୍ରାସ ପାଇଛି। ଏଥି ସହିତ ବର୍ତ୍ତମାନ ଦେଶର ଜନସଂଖ୍ୟାର ୧୦୦ ପ୍ରତିଶତ ଘରେ ବିଦ୍ୟୁତ ପହଞ୍ଚିଛି। ଏଥିସହ, ୨୦୧୫ ରେ ଦେଶର ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ମୁଣ୍ଡପିଛା ୫୯.୪ ୱାଟ ଥିଲା, ଯାହା ୨୦୨୧ ରେ ୧୦୪.୫କୁ ବୃଦ୍ଧି ପାଇଛି।

ଦାରିଦ୍ର୍ୟ ଦୂରୀକରଣ ଦିଗରେ ଭାରତ ଭଲ ପ୍ରଦର୍ଶନ କରିଛି। ୨୦୧୫ ରେ, ଦେଶର ୧୮.୭ ପ୍ରତିଶତ ଲୋକ ପ୍ରତିଦିନ ୧.୯ ଡଲାରରୁ କମରେ ଜୀବନଯାପନ କରୁଥିବାବେଳେ ୨୦୧୯ ରେ ଏହି ସଂଖ୍ୟା ୧୦ ପ୍ରତିଶତକୁ ଖସି ଆସିଛି। ୨୦୧୬ ରେ, ୨୨ ପ୍ରତିଶତ ଜନସଂଖ୍ୟା କିଛି ପ୍ରକାରର ସାମାଜିକ ସୁରକ୍ଷା ସହାୟତା ପାଇ ଉପକୃତ ହୋଇଥିବାବେଳେ ୨୦୨୦ରେ ଏହା ୨୪,୪ ପ୍ରତିଶତକୁ ବୃଦ୍ଧି ପାଇଛି। ଜିଡିପିର ଅଭିବୃଦ୍ଧି ହାର ୨୦୧୫ରେ ଆଠ ପ୍ରତିଶତରୁ ୨୦୨୧ ରେ ୮.୭ ପ୍ରତିଶତକୁ ବୃଦ୍ଧି ପାଇଛି । ଏଚ.ଆଇ.ଭି ସମେତ ଗୁରୁତର ରୋଗ ହାରରେ ହ୍ରାସ, ଟୀକାକରଣରେ ମଧ୍ୟ ବୃଦ୍ଧି। ସଂସଦରେ ମହିଳାଙ୍କ ସଂଖ୍ୟା ବୃଦ୍ଧି। ବିଦ୍ୟାଳୟରେ ଉତ୍ତମ ମୌଳିକ ସୁବିଧା। ପ୍ରଦୂଷଣର ସୂକ୍ଷ୍ମ କଣିକାରେ ହ୍ରାସ। ପୁଷ୍ଟିହୀନତାର ଅବସ୍ଥା ପୂର୍ବ ଅପେକ୍ଷା ଅଧିକ ଖରାପ ହୋଇଯାଇଛି, ମହିଳାମାନଙ୍କଠାରେ ରକ୍ତହୀନତାର ସମସ୍ୟା ପୂର୍ବ ପରି ପ୍ରାୟ ରହିଛି। ଆତ୍ମହତ୍ୟା ସଂଖ୍ୟା ବୃଦ୍ଧି ପାଇଛି, ଘରର ବର୍ଜ୍ୟ ଜଳ ପ୍ରସଙ୍ଗରେ ଅଗ୍ରଗତି ମଧ୍ୟ ଦୁର୍ବଳ ହୋଇଛି। ମୌଳିକ ପାନୀୟ ଜଳ ସେବା ବ୍ୟବହାର କରୁଥିବା ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ୨୦୧୫ରେ, ଏହି ସୁବିଧା ଜନସଂଖ୍ୟାର ୮୯.୨ ପ୍ରତିଶତ ପାଇଁ ଉପଲବ୍ଧ ଥିବାବେଳେ ୨୦୨୨ରେ ଏହା ୯୩.୩ ପ୍ରତିଶତକୁ ବୃଦ୍ଧି ପାଇଥିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତ ଅଗ୍ରଗତି କରିଛି। ୨୦୧୫ ରେ, ଦେଶର ୩୭.୯ପ୍ରତିଶତ ପାଞ୍ଚ ବର୍ଷରୁ କମ ବୟସର ପିଲାଙ୍କ ବିକାଶ ବୟସ ତୁଳନାରେ ହୋଇଥିବାବେଳେ ୨୦୨୦ରେ ଏହା ୩୫.୫ ପ୍ରତିଶତକୁ ହ୍ରାସ ପାଇଥିଲା।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ମା।**

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା
ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୪)

ତୋ ନାମ ମୋହର ଗଙ୍ଗା
ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି
ନାହିଁ(୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି
ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି
ନାହିଁ(୭)

ଲୋଡା ନାହିଁ ମୋର ସାରା ଜଗତ
ତୋ ନାମ ମୋ ହୃଦେ କେବଳ
ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତା
ଦୁର୍ଗା ନାରାୟଣୀ ଶକ୍ତି ମୋ ମା
ତଥାପି ' ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ।
(୯)

ଯୁଗେ ଯୁଗେ ଅଭି ତୋ ନାମ
ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହିର ନାମକୁ ଭୁଲିବି ନାହିଁ
(୧୦)

(କ୍ରମଶଃ)

# ବ୍ରଜ ପରିକ୍ରମା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଭଗବାନ ଶ୍ରୀକୃଷ୍ଣଙ୍କର ଲୀଳାର ସ୍ଥାନ ହେଉଛି ବ୍ରଜଭୂମି ଏବଂ ଏହା ହିନ୍ଦୁମାନଙ୍କର ସବୁଠାରୁ ପବିତ୍ର ଧାମ ରୂପେ ବେଶ୍ ପରିଚିତ। ଦିଲ୍ଲୀଠାରୁ ୮୫କିଲୋମିଟର ଦୂର ହୋଡ଼େଲ୍ ନିକଟସ୍ଥ କୋଟେଲଠାରୁ ଆରମ୍ଭ ହେଇ ରୁଣକ୍ତା ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳକୁ ବ୍ରଜଭୂମି କୁହାଯାଏ। ବ୍ରଜଭୂମିକୁ ପୂର୍ବ ଓ ପଶ୍ଚିମ ଏହିପରି ଦୁଇଭାଗରେ ବିଭକ୍ତ କରାଯାଏ। ପୂର୍ବଭାଗ ଟ୍ରାନ୍ସ ଯମୁନାଜୋନ୍ ଯେଉଁଥିରେ ରହିଛି ଗୋକୁଳ, ମହାବନ, ବଳଦେବ, ମାଠ୍ ଓ ବଜନା ଅଞ୍ଚଳ। ସେହିଭଳି ଯମୁନାର ପଶ୍ଚିମ ପାର୍ଶ୍ୱରେ ମଥୁରା, ବୃନ୍ଦାବନ, ଗୋବର୍ଦ୍ଧନ, କୁସୁମ ସରୋବର, ବର୍ଷାଣା ଓ ନନ୍ଦଗାଁ ପ୍ରଭୃତି ଅବସ୍ଥିତ। ଉତ୍ତରପ୍ରଦେଶର ମଥୁରା ବ୍ରଜଭୂମି ଅନ୍ତର୍ଗତ ଏକ ଜିଲ୍ଲା ଓ ସଂସ୍କୃତି କେନ୍ଦ୍ର। ଏହି ବ୍ରଜଭୂମିର କେତେକ ଅଂଶ ମଧ୍ୟ ରାଜସ୍ଥାନର ଭରତପୁର ଜିଲ୍ଲାର ଅନ୍ତର୍ଭୁକ୍ତ। ବ୍ରଜମଣ୍ଡଳର ପ୍ରମୁଖ ସହର ମଧ୍ୟରେ ଅଛି ମଥୁରା, ଆଗ୍ରା ଓ ଭରତପୁର। କହିବାକୁ ଗଲେ ଏହି ସମସ୍ତ ଭଗବାନ ଶ୍ରୀକୃଷ୍ଣଙ୍କର ବିହାର ଅଞ୍ଚଳ ଭାବେ ବିଦିତ।

ଏହି ବ୍ରଜଭୂମିର ଭୌଗୋଳିକ ସ୍ଥିତି ହେଉଛି ଗଙ୍ଗା ଓ ଯମୁନା ନଦୀର ଦୋୟାବ ଅଞ୍ଚଳ, ଯାହାର ସାଂସ୍କୃତିକ ବୈଭବ ସମଗ୍ର ଦେଶରେ ବିସ୍ତାରିତ। ଏହି ଦୋୟାବ ଅଞ୍ଚଳର ଠିକ୍ ମଧ୍ୟ ଭାଗରେ ଅଛି ବ୍ରଜମଣ୍ଡଳ। ଅତୀତରେ ଏହା ମଧ୍ୟଦେଶ ବା ଆର୍ଯ୍ୟାବର୍ତ୍ତର ଏକ ଅଂଶ ଭାବେ ବିଦିତ ଥିଲା। ଐତିହାସିକମାନଙ୍କ ମତରେ ପ୍ରଥମେ ଆର୍ଯ୍ୟମାନେ ଏଠାରେ ବସତି ସ୍ଥାପନ କରିଥିଲେ। ପର୍ଯ୍ୟଟନ କ୍ଷେତ୍ରରେ ଏହା ଦିଲ୍ଲୀ, ଜୟପୁର ଓ ଆଗ୍ରା ଏହି ସ୍ୱର୍ଣ୍ଣ ତ୍ରିଭୁଜର ଅନ୍ତର୍ଭୁକ୍ତ ଏବଂ ବର୍ତ୍ତମାନ ପ୍ରାୟ ୩୮୦୦ କିଲୋମିଟର ଅଞ୍ଚଳକୁ ପରିବ୍ୟାପ୍ତ ବୋଲି କୁହାଯାଇପାରେ। ବ୍ରଜଭୂମିକୁ ଦୁଇ ଭାଗରେ ବିଭକ୍ତ କରାଯାଇଥିବା ଆଗରୁ କୁହାଯାଇଛି। ଉତ୍ତରପ୍ରଦେଶର ମଥୁରା, ରାଜସ୍ଥାନ ଭରତପୁର ଜିଲ୍ଲାର କାମନ ତହସିଲ ଓ ହରିୟାନା ପାଲୱାଲ ଜିଲ୍ଲାର ହୋଡ଼େଲ୍ ତହସିଲର ପ୍ରାୟ ୧୩୦୦ଗ୍ରାମ ଏହି ବ୍ରଜଭୂମିର ଅନ୍ତର୍ଗତ। ଆଗରୁ ଆଲୋଚନା ହୋଇଛି ଯେ ବ୍ରଜଭୂମି ହୋଡ଼େଲ୍ ନିକଟସ୍ଥ କୋଟେଲଠାରୁ ଆରମ୍ଭ ହୋଇଛି ଏବଂ ଆଗ୍ରା, ଧୋଲପୁର, ଫିରୋଜାବାଦ୍, ଏଟୱା, ଗୋୱାଲୟର ଓ ମୋରେନା ପ୍ରଭୃତି ଏହି ବ୍ରଜମଣ୍ଡଳ ଅନ୍ତର୍ଭୁକ୍ତ।

**ଜଳବାୟୁ:**

ଗ୍ରୀଷ୍ମ ଋତୁରେ ବ୍ରଜମଣ୍ଡଳର ଉତ୍ତାପ ଆନୁମାନିକ ୪୫୦ଉ ଓ ଶୀତଦିନରେ ୩୨୦ଉ ଥାଏ। ରାତ୍ରୀର ଉତ୍ତାପ ପ୍ରାୟ ୧୪୦ଉ ରହିଥାଏ। ଜୁଲାଇ ଓ ସେପ୍ଟେମ୍ବର ମାସରେ ଅର୍ଥାତ୍ ମୌସମୀବାୟୁ ପ୍ରବାହ ସମୟ ବ୍ୟତୀତ ଅନ୍ୟ ସମୟରେ ଜଳବାୟୁ ଶୁଷ୍କଥାଏ। କହିବାକୁ ଗଲେ ନଭେମ୍ବରଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏଠାର ଜଳବାୟୁ ବେଶ୍ ଉପଭୋଗ୍ୟ।

**ସଂସ୍କୃତି:**

ବ୍ରଜଭୂମିର ଜନପଦମାନଙ୍କରେ ରହୁଥିବା ଲୋକମାନଙ୍କୁ ବ୍ରଜବାସୀ କୁହାଯାଏ। ବ୍ରଜ ବା ବ୍ରିଜ୍‌ଭାଷା ସ୍ୱତନ୍ତ୍ର ମାତ୍ର କଥିତ ହିନ୍ଦୀ ସହିତ ଏହାର ନିବିଡ଼ ସମ୍ପର୍କ ରହିଥିବାର ଦେଖାଯାଏ। ବ୍ରଜଭାଷାର ସଙ୍ଗୀତଗୁଡ଼ିକ ମନରେ ଭକ୍ତିଭାବନା ସୃଷ୍ଟି କରିଥାଏ। ଏହି ବ୍ରଜମଣ୍ଡଳ ମଧ୍ୟରେ ମଥୁରାର ଚାଟ୍ ଏବଂ ପେଡ଼ା ଭାରତରେ ପ୍ରସିଦ୍ଧି ଲାଭ କରିଛି।

ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ ଭାବେ ପରିଚିତ ଥିବାରୁ ସମସ୍ତ ମାନବସମାଜ ବିଶେଷତଃ ହିନ୍ଦୁମାନଙ୍କର ଏହା ଦୃଷ୍ଟି ଆକର୍ଷଣ କରିଥାଏ। କୃଷ୍ଣଙ୍କର ଲୀଳା ସହିତ ସଂପୃକ୍ତ ୧୩୭ଟି ପବିତ୍ର ଜଙ୍ଗଲ, ୧୦୦୦ଟି କୁଣ୍ଡ, ଅସଂଖ୍ୟ ପବିତ୍ର ପାହାଡ଼ ଓ ଯମୁନାର କୂଳ ଏଠାରେ ରହିଛି। ବୃକ୍ଷଲତା, ନଦୀନାଳକୁ ନେଇ ଏହାର ପରିବେଶ ଏପରି ହୋଇଛି ଯେ ପୃଥିବୀରେ ଏଭଳି ସ୍ଥାନ ମିଳିବା ବିରଳ। ସେହିଭଳି ଏଠାରେ ଶ୍ରୀକୃଷ୍ଣଙ୍କ ଲୀଳାମାନଙ୍କର ବର୍ଣ୍ଣନା ବେଶ୍ ଚିତ୍ତାକର୍ଷକ। ପାପର ବିଲୟ ଏବଂ ପୁଣ୍ୟର ଅଭ୍ୟୁଦୟ ହିଁ ଶ୍ରୀକୃଷ୍ଣଙ୍କ ଲୀଳାର ମହତ୍ତ୍ୱ ଓ ତାହା ହିଁ ବ୍ରଜ ସଂସ୍କୃତି ଭାବେ ସର୍ବତ୍ର ପରିଚିତ। ଶ୍ରୀକୃଷ୍ଣଙ୍କ ଲୀଳାମାନ ଯେଉଁଠାରେ ଓ ଯେପରି ଭାବରେ ବର୍ଣ୍ଣିତ ହୋଇଛି ତାହା ସର୍ବଦା ମଣିଷ ସମାଜକୁ ଦିଗ୍‌ଦର୍ଶନ ଦେଇ ଆସିଛି। କୃଷ୍ଣ ଲୀଳା ହିଁ ଭାରତର ସାଂସ୍କୃତିକ ପ୍ରାଣ ତଥା ଏକତାର ପ୍ରତୀକ ବୋଲି ସ୍ୱୀକାର କରିବାକୁ ହେବ। କାହିଁ କେଉଁ ଅଜଣା ଯୁଗରୁ ଏପରି ଲୀଳାର ସୃଷ୍ଟି ହୋଇଥିଲେ ମଧ୍ୟ ଆଜି ବି ତାହା ଦେଦୀପ୍ୟମାନ। ହଜାର ହଜାର ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ସଂସ୍କୃତିର ବିଲୟ ଘଟି ନାହିଁ। ଅବଶ୍ୟ ଆକ୍ରୋଶ ମନୋବୃତ୍ତି ନେଇ ବହୁ ବିଦେଶୀ ଏହାର ଅଭ୍ୟୁଦୟରେ ପ୍ରତିବନ୍ଧକ ସାଜିଛନ୍ତି ସତ ମାତ୍ର ତାହାର ବିଲୟ ହୋଇନାହିଁ କି ହେବନାହିଁ। ଏହା ହିଁ କୃଷ୍ଣ ଚେତନା ବୋଲି ସ୍ୱୀକାର କରିବାକୁ ହେବ।

ପ୍ରତ୍ନତାତ୍ତ୍ୱିକ ଇତିହାସ ପୃଷ୍ଠାରେ ଶ୍ରୀକୃଷ୍ଣଙ୍କ ଲୀଳା ଓ ସେ ଯୁଗର ସଂସ୍କୃତି ସମ୍ପର୍କରେ କୌଣସି ଆଭାସ ମିଳି ନଥିଲେ ମଧ୍ୟ ତାହା ସର୍ବଦା ଜନମାନସରେ ପରିସ୍ଫୁଟିତ। ମଥୁରା ଓ ବୃନ୍ଦାବନର ପ୍ରତ୍ନତାତ୍ତ୍ୱିକ ଖନନରେ ଯେଉଁ ସବୁ ତଥ୍ୟ ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍‌ମାନେ ପାଇଛନ୍ତି ତାହା କେବଳ ଖ୍ରୀ.ପୂ. ୬୦୦ ଶତାବ୍ଦୀର ବୋଲି ମତ ଦେଇଥାନ୍ତି। କେତେକ ଐତିହାସିକ ଖ୍ରୀ.ପୂ. ୧୨୦୦ ଶତାବ୍ଦୀର ବୋଲି ସେ ସବୁକୁ କହୁଥିଲେ ମଧ୍ୟ କୃଷ୍ଣ ସଂସ୍କୃତି ସମ୍ପର୍କୀୟ ସେ ଯୁଗର କୌଣସି ତଥ୍ୟ ସେଠାରୁ ଆଜି ପର୍ଯ୍ୟନ୍ତ ମିଳିପାରି ନାହିଁ। ପ୍ରତ୍ନତାତ୍ତ୍ୱିକ ଖନନରୁ ବୌଦ୍ଧ, ଜୈନମାନଙ୍କର ପ୍ରଭାବ ଖ୍ରୀଷ୍ଟ ପୂର୍ବରୁ ସେଠାରେ ଥିବା ଜଣାଯାଏ। ତେବେ ଏହି ଧର୍ମର ପ୍ରଭାବ ମଥୁରାରେ କାହିଁକି ଓ କିପରି ଭାବରେ ଗଢି ଉଠିଥିଲା ତାହାର ବି କୌଣସି ଐତିହାସିକ ତଥ୍ୟ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ଯାହାକି ଅନ୍ୟତ୍ର ଆଲୋଚିତ ହୋଇଛି।

କୃଷ୍ଣ ସଂସ୍କୃତି ସମ୍ପର୍କୀୟ ବହୁ ତଥ୍ୟ ତଥା ଲୋକକଥା ପ୍ରାୟ ଲିଭି ଆସିଲାଣି। ସେ ସବୁର ଯଦି ସଂରକ୍ଷଣ କରାନଯାଏ ତେବେ କ୍ରମଶଃ ତାହାସବୁ ଲୋକଲୋଚନରୁ ଅପସରି ଯିବ। ସେଥିପାଇଁ ବ୍ରଜ ଅନୁଷ୍ଠାନ ନାମରେ ଏକ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଏହାର ପୁନରୁଦ୍ଧାର ନିମନ୍ତେ ଉଦ୍ୟମ ଆରମ୍ଭ ହୋଇଛି। ଜଣାପଡ଼େ ଯେ ବ୍ରଜମଣ୍ଡଳରେ ୧୩୭ଟି ମନୋରମ ପ୍ରାକୃତିକ ଜଙ୍ଗଲ ଥିଲା। ବର୍ତ୍ତମାନ ସେଥିରୁ ମାତ୍ର ୩ଟି ରହିଛି। ଅନ୍ୟଗୁଡ଼ିକ ପ୍ରାୟଶଃ ବୃକ୍ଷଶୂନ୍ୟ ହୋଇଗଲାଣି। ଯମୁନା କୂଳରେ ଥିବା ୨୭ଟି ସୌନ୍ଦର୍ଯ୍ୟପୂର୍ଣ୍ଣ ଘାଟ ମଧ୍ୟରୁ ଗୋଟିକୁ ଛାଡ଼ି ଅନ୍ୟସବୁ ବର୍ତ୍ତମାନ ଲୋକମାନଙ୍କଦ୍ୱାରା କବଳିତ। ସେହିଭଳି ବ୍ରଜମଣ୍ଡଳରେ ଥିବା ପର୍ବତଗୁଡ଼ିକରୁ ସରକାରୀ ଅନୁମତି ବିନା ପଥର କଟାଯାଉଛି। ଫଳରେ ଶ୍ରୀକୃଷ୍ଣଙ୍କର ସ୍ମୃତି ଜଡ଼ିତ ସ୍ଥାନମାନ କ୍ରମଶଃ ଲିଭି ଆସିଲାଣି। ୧୦୦୦ଟି କୁଣ୍ଡ ବା ଜଳାଶୟର ପୁନରୁଦ୍ଧାର ନିମନ୍ତେ ସଂପୃକ୍ତ ସଂସ୍ଥା ଉଦ୍ୟମ ଜାରି ରଖିଛି। ଏହି ବ୍ରଜ ଫାଉଣ୍ଡେସନ୍ ୭୩ କିଲୋମିଟର ପରିଧିରେ ଥିବା ୧୮୦୦୦ ପାହାଡ଼ିଆ ଅଞ୍ଚଳରେ ସବୁଜ ବନାନୀ ସୃଷ୍ଟି କରିବା, ୪୮ଟି ପବିତ୍ର କୁଞ୍ଜ, ୩୫ଟି ଜଳାଶୟ ଓ ଗୋଟିଏ ଅରଣ୍ୟକୁ ପୁନରୁଦ୍ଧାର କରିବାରେ ସଫଳ ହୋଇଛନ୍ତି। ସେମାନେ ଆଉ କେତେଦୂର ସେହି ସବୁରେ ସଫଳ ହୋଇପାରିବେ ତାହା ଭବିଷ୍ୟତ ହିଁ କହିବ।

ବ୍ରଜର ଚୌରାଶୀକ୍ରୋଶ ପରିକ୍ରମା କରିବା ଭକ୍ତମାନଙ୍କ ପକ୍ଷରେ ଏକ କଠିନ କାର୍ଯ୍ୟ ହେଲେ ମଧ୍ୟ ବହୁ ଭକ୍ତ ଏଥିନିମନ୍ତେ ଆଗେଇ ଆସନ୍ତି। ଅବଶ୍ୟ ଶ୍ରୀକୃଷ୍ଣଙ୍କ ଲୀଳା ସମ୍ପର୍କୀୟ ବହୁ ସ୍ଥାନ ଦେଖି ନହେଲେ ମଧ୍ୟ ଯେଉଁ କେତେକ ଦେଖିଛି ତାହାର ଏକ ସଂକ୍ଷିପ୍ତ ସୂଚନା ଏଥିରେ ଦିଆଯାଇଛି ମାତ୍ର। ଦେଖିବାକୁଗଲେ ସେହିସବୁ ସ୍ଥାନର ମର୍ଯ୍ୟାଦା ଏପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଛି ଓ ସେଥିପାଇଁ ସ୍ଥାନୀୟ ଜନସାଧାରଣ ବିଶେଷ କରି ସଂପୃକ୍ତ ତୀର୍ଥସ୍ଥାନମାନଙ୍କରେ ଥିବା ଆଶ୍ରମ ଓ ମନ୍ଦିରର ସେବକମାନେ ଧନ୍ୟବାଦର ପାତ୍ର। ତାହା ନ ହୋଇଥିଲେ ଏସବୁଗୁଡ଼ିକ ମଧ୍ୟ ଲୁପ୍ତ ହୋଇ ସାରନ୍ତାଣି।

ଚୌରାଶୀକ୍ରୋଶ ବ୍ରଜ ପରିକ୍ରମାରେ ଯେଉଁ ସବୁ ସ୍ଥାନର ନାମ ଏଠାରେ ଉଲ୍ଲେଖ ହୋଇଛି ସେସବୁ ମୁଖ୍ୟତଃ ଶ୍ରୀଚୈତନ୍ୟ ଓ ତାଙ୍କ ସହ ଆସିଥିବା ଗୌଡ଼ୀୟ ବୈଷ୍ଣବ ଗୋସ୍ୱାମୀମାନଙ୍କଦ୍ୱାରା ପୁନଃ ସଂରକ୍ଷିତ ହୋଇଛି। ତେଣୁ ସେତେବେଳେ ସେମାନଙ୍କର କିଭଳି ପ୍ରଭାବ ସେହି ଅଞ୍ଚଳରେ ଥିଲା ତାହା ସହଜରେ ଅନୁମେୟ। (କ୍ରମଶଃ)

# ମୁଁ ଓଡ଼ିଆ - ମୋ ଭାଷା ବଢ଼ିଆ



ଡକ୍ଟର ମନୋରଞ୍ଜନ ବିଷୋୟୀ
ଦାମୋଦରପୁର, ଗଂଜାମ
ସଂପର୍କ: ୮୮୯୫୧୪୧୭୨୭

ପ୍ରତ୍ୟେକ ଜାତିର ଭାଷା ହେଉଛି, ସେହି ଜାତିର ଅମୂଲ୍ୟ ସଂପଦ । ଏହାକୁ ନେଇ ଜାତି ଗର୍ବ କରେ, ତା'ର ଅନ୍ତରାତ୍ମାରେ ଭରିଯାଏ ସ୍ୱାଭିମାନ । ଓଡ଼ିଶା ଆମର ରାଜ୍ୟ । ଓଡ଼ିଆ ଏଇ ଜାତିର ହାର୍ଦ୍ଦିକ ଭାବସ୍ପନ୍ଦକୁ ବହନ କରେ । ଓଡ଼ିଆ ହୃଦୟବୀଣାର ଏହା ମଧୁଝଙ୍କାର । ଓଡ଼ିଶାର ସ୍ୱାଭିମାନର ଅସ୍ତ୍ର- ଓଡ଼ିଆ ଭାଷା । ତେଣୁ ମାତୃଭୂମି ପରି ଓଡ଼ିଆ ଭାଷା ମଧ୍ୟ ବନ୍ଦନୀୟ ।

"ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।"

ବାସ୍ତବିକ ସ୍ୱଭାବକବି ଗଙ୍ଗାଧରଙ୍କର ଏହି ଉକ୍ତିଟି ଉତ୍କଳର ପ୍ରତ୍ୟେକ ପାଠକ ପାଠିକାଙ୍କର ସ୍ମରଣୀୟ ହେବା ଉଚିତ । ଭାଷା ମଣିଷ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆଜି ସମସ୍ତଙ୍କ ଅନୁଭବର ବିଷୟ । ହେଲେ ଉତ୍କଳବାସୀ ଆଜି ନିଜେ ନିଜର ମାତୃଭାଷା ପ୍ରତି ଘୃଣାଭାବ ପୋଷଣ କରି ଚାଲିଛନ୍ତି । ଯେଉଁ ମାଟିରେ ତାର ଜନ୍ମ, ଯେଉଁଠି ସେ ଖେଳି କୁଦି ମଣିଷ ହୋଇଛି, ତାରି ପାଣି ପବନରେ ସେ ବଢ଼ିଛି, ତାର ଅବଦାନକୁ ଭୁଲି ସେହି ମାଟି ମାଆର ଭାଷାକୁ ତୁଣ୍ଡରେ ଧରିବାକୁ କୁଣ୍ଠାବୋଧ କରୁଛି । ଓଡ଼ିଆ ବୋଲି ନିଜର ପରିଚୟକୁ ଲୁଚାଇ ରଖିଛି । ସେ ବୁଝିପାରୁନାହିଁ ଯେ ଏକ ଜାତିର ପ୍ରଗତି ମୂଳରେ ଭାଷାହିଁ ବିଦ୍ୟମାନ । ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତେ ବିଭବଶାଳୀ । ବ୍ୟାସକବି ଫକୀରମୋହନଙ୍କ ଭାଷାରେ-

"ପୁରୁଷ ଶ୍ରୀ ଅଟେ ବୀର୍ଯ୍ୟଜାତି ଶିରୀ ଭାଷା
ଯାହା ଘେନି-ଜାତି କରେ ଉନ୍ନତି ପ୍ରତ୍ୟାଶା
ଭାଷା ହିଁ ଜୀବନ ଶକ୍ତି ଜାତିମାନଙ୍କର
ଯେଉଁ ଜାତି ଭାଷା ହୀନ ସେ ଜାତି ବର୍ବର ।"

ପ୍ରତ୍ୟେକ ଜାତି ନିଜ ନିଜର ମାତୃଭାଷାକୁ ଉଚ୍ଚାସନ ଦେବାରେ ବ୍ୟାକୁଳ ଥିଲାବେଳେ, ଓଡ଼ିଆ ଜାତି ନିଜର ମାତୃଭାଷା ପ୍ରତି ଏପରି ବୈମାତୃକ ମନୋଭାବ ପୋଷଣ କରେ କାହିଁକି ? ସେ ତା'ର ଭାଷାକୁ ସମ୍ମାନ ଦେଇ ନିଜକୁ ଗୌରବାନ୍ୱିତ କରିବାକୁ କୁଣ୍ଠାବୋଧ କରେ କାହିଁକି ? ଅତୀତରେ ମାତୃଭାଷା ପ୍ରତି ଓଡ଼ିଆମାନଙ୍କର ମନୋଭାବ ହିଁ ଉତ୍କଳର ଯୋଗ୍ୟତମ ସୁତଗଣଙ୍କୁ ଘୋର ଅପମାନ ଦେଇଥିଲେ । ତେଣୁ ଗଙ୍ଗାଧର ଲେଖିଥିଲେ-

"ମାତୃଭାଷା ପୋଥି ଛୁଇଁବାକୁ କରେ
ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ।"

ମାତୃଭାଷା ପ୍ରୀତିର ଜ୍ୱଳନ୍ତ ଉଦାହରଣ ଇତିହାସ ପୃଷ୍ଠାରେ ବିରଳ ନୁହେଁ । ସଂସ୍କୃତ ପରି ସମୃଦ୍ଧ ଭାଷା ଥାଇ ମଧ୍ୟ ବୁଦ୍ଧ, ମହାବୀର, ଅଶୋକ ପ୍ରଭୃତି ମହାପୁରୁଷମାନେ ଲୋକଭାଷାରେ ଧର୍ମ ପ୍ରଚାର କରିଥିଲେ । ସେମାନେ ଜାଣିଥିଲେ ଲୋକଙ୍କ ମନକୁ ଛୁଇଁବା ପାଇଁ ମାତୃଭାଷା ହିଁ ପ୍ରକୃଷ୍ଟ ମାଧ୍ୟମ । ଅନ୍ୟ ଭାଷା ହେଉଛି ବାହାରେ ବୋଳା ଯାଉଥିବା ଔଷଧ, ମାତ୍ର ମାତୃଭାଷା ହେଉଛି ଇଞ୍ଜେକ୍‌ସନ୍ । ସଙ୍ଗେ ସଙ୍ଗେ ରକ୍ତରେ ମିଶିଯିବ ।

ଯଦିଓ ମାତୃଭାଷା ଏପରି ମହନୀୟ, ସହଜ, ସୁମଧୁର ଓ ଶକ୍ତିଶାଳୀ ଅଟେ ତେବେ କାହିଁକି ଓଡ଼ିଶାବାସୀ ନିଜ ଭାଷାକୁ ମୁଖରେ ପ୍ରକାଶ କରିବାକୁ କୁଣ୍ଠାବୋଧ କରୁଛନ୍ତି । ପ୍ରତ୍ୟେକ ଶିକ୍ଷିତ ଓଡ଼ିଆ ନର, ନାରୀଗଣ ପଦେ ପଦେ ଇଂରାଜୀ ଏବଂ ହିନ୍ଦୀ ଭାଷା ଶିକ୍ଷାକରି, ଶିକ୍ଷାର ସର୍ବୋଚ୍ଚ ସୋପାନ ଅତିକ୍ରମ କଲାପରି ଅନୁଭବ କରୁଛନ୍ତି । ଏପରିକି ଓଡ଼ିଶାବାସୀ ଇଂରାଜୀ କିମ୍ବା ହିନ୍ଦୀ ଭାଷା କହି ନିଜକୁ ଓଡ଼ିଆ ବୋଲି ଗୋପନ ରଖନ୍ତି । ଏହାଠାରୁ ବଳି ଲଜ୍ଜାର ବିଷୟ ଆଉ କ'ଣ ଥାଇପାରେ ? ମାତୃଭାଷା ପ୍ରତି ଆମ୍ଭମାନଙ୍କର ଏପରି ଘୃଣ୍ୟ ଭାବ କାହିଁକି ?

ଗଙ୍ଗାଧର କହନ୍ତି-

**"ମାତୃଭୂମି ମାତୃଭାଷାର ମମତା ଯା ହୃଦେ ଜନମି ନାହିଁ**
**ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନୀ ରହିବେ କାହିଁ ।"**

କେତେ ଯେ ବାଧା ବିପ□ ମଧ୍ୟ ଦେଇ ଓଡ଼ିଆ ଭାଷା ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରି ପାରିଛି ତାହା ହୁଏତ ଆପଣମାନଙ୍କୁ ଜଣାଥିବ । ଏହି ଓଡ଼ିଶାରେ ରାଜା ମହାରାଜାମାନେ ଶାସନ କରି ନିଜ ନିଜର ପ୍ରଭୁତ୍ୱ ବିସ୍ତାର କରି ଓଡ଼ିଆ ଭାଷାକୁ ଦୂରେଇ ଦେବାକୁ ଚେଷ୍ଟା କରିଥିଲେ । ବଙ୍ଗାଳୀମାନେ ମଧ୍ୟ ନିଜର ଭାଷାର ସ୍ୱାତନ୍ତ୍ର୍ୟ ଆରୋପ କରି 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷାନୟ' ବୋଲି ଆନ୍ଦୋଳନ କରିଥିଲେ । କିନ୍ତୁ କେହି ହେଲେ ସଫଳତା ଲାଭ କରିପାରି ନଥିଲେ । ଓଡ଼ିଶାର ସାହିତ୍ୟ ଓ ଭାଷାପ୍ରେମୀ ସୁଯୋଗ୍ୟ ସନ୍ତାନଙ୍କ ଅକ୍ଲାନ୍ତ ଉଦ୍ୟମ ଓ ଅପ୍ରତିହତ ସଂଗ୍ରାମରୁ ସୃଷ୍ଟିଲାଭ କରିଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ।

ଫକୀରମୋହନ, ଗୋପବନ୍ଧୁ, ଗଙ୍ଗାଧର, ରାଧାନାଥ ଓ ମଧୁସୂଦନଙ୍କ ଅବଦାନ ଏଥିପାଇଁ ଅବଶ୍ୟ ସ୍ମରଣଯୋଗ୍ୟ । ଆଜି ମାକ୍‌ଲେକ ଭୂତ ସମସ୍ତଙ୍କୁ ଗ୍ରାସ କରିଛି । ଇଂରାଜୀ ଭାଷା ପ୍ରତି ଅହେତୁକ ଦୁର୍ବଳତା ସମସ୍ତଙ୍କୁ ପ୍ରଭାବିତ କରିଛି । ଉଚ୍ଚଶିକ୍ଷିତ ବ୍ୟକ୍ତିଗଣ ପ୍ରଥମେ ତାଙ୍କର ସନ୍ତାନ ସନ୍ତତିକୁ ଓଡ଼ିଆ ଶିକ୍ଷା ନ ଦେଇ ଇଂରାଜୀ ଶିକ୍ଷା ଦେଇଥାନ୍ତି । ସେମାନଙ୍କର ଧାରଣା ଯେ ଇଂରାଜୀ ଶିକ୍ଷା ମାଧ୍ୟମରେ ହିଁ ତାଙ୍କର ସନ୍ତାନଗଣ ଭବିଷ୍ୟତରେ ନିଜକୁ ବେଶ୍ ଉଚ୍ଚ ପଦବୀରେ ପ୍ରତିଷ୍ଠିତ କରିପାରିବେ । କିନ୍ତୁ ସେମାନେ ଜାଣିପାରନ୍ତି ନାହିଁ ଯେ, ଯେତେ ଇଂରାଜୀ କହିଲେ ବା କୋଟ୍, ପ୍ୟା□ ପିନ୍ଧି ଉଚ୍ଚ ପଦବୀ ଲାଭ କଲେ ମଧ୍ୟ ସେ ଇଂରେଜୀ ହୋଇ ପାରିବେ ନାହିଁ । ସେ ଓଡ଼ିଆ ବୋଲି ପରିଚୟ ଦେବ, କିମ୍ବା ତାର କଳା କେଶ କେବେ ସାହେବ ପରି ଧଳା ହୋଇଯିବନି ।

**"ପିନ୍ଧି ଡବସସ୍ତ୍ର୍ଵ ଉତ୍କବସ୍ତ୍ର କଥା କୁହ ଇଂରାଜୀରେ**
**ଖାଅ ଦରସିଝା ମାଂସ ଦୁର୍ଗନ୍ଧ ପନିର**
**ଠିଆ ହୋଇ ମୁତ ଅବା ଘସ ନାହିଁ ଦାନ୍ତ**
**ଇଂରେଜୀ ନ ହେବ, ଥିବ ଓଡ଼ିଆ ନିତାନ୍ତ**
**ମୟୂର ଲାଞ୍ଜକୁ ଗୁଞ୍ଜି ବୁଲ ନାହିଁ ଆଉ**
**ନ ହେବ ମୟୂର, ଥିବ ଯେ କାଉ ସେ କାଉ ।"**

ଏପରିକି ବ□ମାନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବିଷୟ ଶିକ୍ଷା ଦିଆଯିବ, ଏ କଥାକୁ ଓ ସେମାନେ ଆଦୌ ପସନ୍ଦ କରୁନାହାନ୍ତି । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବିଷୟ ନେଇ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀମାନେ ଅନ୍ୟମାନଙ୍କ ଦ୍ୱାରା ବହୁବାର ସମାଲୋଚନା ହୋଇଥାନ୍ତି ।

ମୁଁ ମଧ୍ୟ ଜଣେ ଓଡ଼ିଆ ଛାତ୍ର ହିସାବରେ ଅନେକଙ୍କ ଦ୍ୱାରା ବହୁବାର ସମାଲୋଚିତ ହୋଇଅଛି । ଏଣୁ ମୁଁ ସମୀକ୍ଷା କରି ଦେଖିଲି ମାତୃଭାଷା ପ୍ରତି ଆମ ଓଡ଼ିଆଙ୍କ ଜନ୍ମିଥିବା ଏହି ମନୋଭାବର କାରଣ ହେଲା- ଯେଉଁ ଛାତ୍ରଛାତ୍ରୀମାନେ ପ୍ରବଳ ଆଗ୍ରହର ସହ ଏହାକୁ ପାଠ୍ୟକ୍ରମ ଭାବେ ଅଧ୍ୟବସାୟ କରିଥାନ୍ତି ସେମାନେ ଅନ୍ୟ ବିଷୟ ତୁଳନାରେ ଅଧିକ ନମ୍ବର ପରୀକ୍ଷାରେ ରଖିପାରୁ ନାହାନ୍ତି । ଏହାର ଆଉ ଗୋଟିଏ ଦିଗ ହେଲା ଏହି ପାଠ୍ୟକ୍ରମ ଦ୍ୱାରା ବିଶେଷ କର୍ମନିଯୁକ୍ତିର ସୁଯୋଗ ନାହିଁ । ଏହି କାରଣ ହେତୁ କଲେଜ ସ୍ତରରେ ୭୫ ପ୍ରତିଶତ ସ୍ଥାନ ଖାଲି ରହୁଛି । ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ସରକାର କେତେକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ।

ଓଡ଼ିଆ ମାଧ୍ୟମ ସ୍କୁଲମାନଙ୍କରେ ଓଡ଼ିଆ ପ୍ରଥମ ଭାଷା ହୋଇଥିବା ବେଳେ ଇଂରାଜୀ ମାଧ୍ୟମ ସ୍କୁଲରେ ଏହାକୁ ତୃତୀୟ ଭାଷା ଭାବେ ଗ୍ରହଣ କରାଯାଇଛି । ଏହି ସବୁ ବିଦ୍ୟାଳୟରେ ଓଡ଼ିଆ ଭାଷାକୁ ପ୍ରଥମ ବା ଦ୍ୱିତୀୟ ବିଷୟ ରୂପେ ରଖାଗଲେ ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି ହୋଇପାରିବ । ସେହିଭଳି ବୈଷୟିକ, ମେଡ଼ିକାଲ ଓ ଜେଇଇ ଭଳି ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଓଡ଼ିଆ ବିଷୟ ରଖାଗଲେ ଏହାର ଗୁରୁତ୍ୱ ବଢ଼ିବ । ଏତଦ୍‌ବ୍ୟତୀତ ଅର୍ଥନୀତି, ରାଜନୀତି ବିଜ୍ଞାନ, ଦର୍ଶନଶାସ୍ତ୍ର, ଇତିହାସ ଇତ୍ୟାଦି ବିଷୟ ମାତୃଭାଷା ମାଧ୍ୟମରେ ଶିକ୍ଷା ଦେଲେ ସାଧାରଣ ବ୍ୟକ୍ତି ମଧ୍ୟ ଏଥିରୁ ଜ୍ଞାନଲାଭ କରିପାରିବ ଏବଂ ତାର ଏହି ବିଷୟ ପ୍ରତି ଆଗ୍ରହ ଜନ୍ମିବ । ବିଶେଷକରି ବିଶ୍ୱବିଦ୍ୟାଳୟ ସ୍ତରରେ ଆ□ଳିକ ଭାଷାକୁ ଶିକ୍ଷାର ମାଧ୍ୟମ କରାଗଲେ ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହେବେ । ଓଡ଼ିଆ ବିଷୟ ରଖି ପାଶ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରାଗଲେ ଏହି ଭାଷାର ଗୁରୁତ୍ୱ ବୃଦ୍ଧି ପାଇବ ।

ବାସ୍ତବିକ ଭାଷାର ବନ୍ଧନ ସବୁଠାରୁ ବଡ଼ ବନ୍ଧନ । ପରକୁ ଆପଣାର କରିବା ପାଇଁ ଏହା ଏକ ଅମୋଘ ଅସ୍ତ୍ର । ତେଣୁ ପ୍ରତ୍ୟେକେ ନିଜ ନିଜର ଭାବଧାରାକୁ ମାତୃଭାଷା ମାଧ୍ୟମରେ ପ୍ରକାଶ କରିବା ସଂଗେ ସଂଗେ ଏହି ଭାଷାରେ ଶିକ୍ଷାଦାନ ଏକାନ୍ତ ଆବଶ୍ୟକ ।

# ସରକାର୍‌କା ମାଲ



ଡ଼ ସୀତାକାନ୍ତ ତ୍ରିପାଠୀ
ଭଦ୍ରକ
ଦୂରଭାଷ - ୯୭୭୮୭୬୪୩୯୪
tripathysk1947@gmail.com

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଯୁକ୍ତରାଷ୍ଟ୍ର ଆମେରିକାରେ ଖାଦ୍ୟଶସ୍ୟ ଉତ୍ପାଦନ ଏତେ ଅଧିକ ହେଲା ଯେ ତାହା ବିକ୍ରି କରିବା ସମ୍ଭବ ହେଲା ନାହିଁ । ତେଣୁ ସେଠାକାର ସରକାର କୃଷକ ମାନଙ୍କର ସ୍ୱାର୍ଥରକ୍ଷା ତଥା ସେମାନଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟନେଇ ସେମାନଙ୍କଠାରୁ ବଳକା ଖାଦ୍ୟଶସ୍ୟ କିଣିନେଇ ସମୁଦ୍ରରେ ଫିଙ୍ଗିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏକ ପୁଞ୍ଜିବାଦୀ ରାଷ୍ଟ୍ରରେ ଏପ୍ରକାର ଜନ ମଙ୍ଗଳ କାର୍ଯ୍ୟ ସେତେବେଳେ ସମଗ୍ର ପୃଥିବୀରେ ଚହଳ ପକାଇଥିଲା । ଯଦିଓ ଖାଦ୍ୟଶସ୍ୟକୁ ସମୁଦ୍ରରେ ନ ଢାଳି ଅନ୍ୟାନ୍ୟ ଗରୀବ ତଥା ଅନାହାର ପ୍ରପୀଡ଼ିତ ରାଷ୍ଟ୍ରମାନଙ୍କୁ ଦାନ କରାଯାଇ ପାରିଥାଆନ୍ତା ବୋଲି ଅନେକ ଯୁକ୍ତି କରିଥିଲେ ଏବଂ ଆମେରିକାକୁ ଏଥିପାଇଁ ଅନେକ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଅନେକ ରାଷ୍ଟ୍ରକୁ ଖାଦ୍ୟଶସ୍ୟ ପ୍ରେରଣ କରିଥିଲେ ମଧ୍ୟ ଏହା କେବଳ ନିଜର ପ୍ରଭାବ ବିସ୍ତାର (Hegemony) ପାଇଁ ପ୍ରଯୁଜ୍ୟ ଥିବା ପରି ମନେହୁଏ । ଆମ ଦେଶରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ କୃଷି, ଶିଳ୍ପ ତଥା ବିଭିନ୍ନ ଆୟ ବୃଦ୍ଧିକାରୀ କାର୍ଯ୍ୟକ୍ରମ ଗୁଡ଼ିକ ପାଇଁ ବିଭିନ୍ନ ସବ୍‌ସିଡ଼ି ଦେଉଥିଲେ ମଧ୍ୟ ଅନେକ ଲୋକ ଏହାର ଫାଇଦା ନ ଉଠାଇ କେବଳ ସବ୍‌ସିଡ଼ି ଅର୍ଥକୁ ହଡ଼ପ କରିବା ପାଇଁ ମନ ବଳାଉ ଥିବା ପରି ମନେହୁଏ । ଯାହା ଫଳରେ ରାଜ୍ୟ ବାହାରେ ସବ୍‌ସିଡ଼ି ବାଲା ଟ୍ରାକ୍ଟର, ପାଣିପମ୍ପ, ଧାନକଟା ମେସିନ୍ ଆଦି ବିକ୍ରି ହେଉଥିବା କଥା ତଥା ଗାଁ ଗଣ୍ଡାରେ ଥିବା ଗାଡ଼ିଆ ପୋଖରୀକୁ ନୂତନ ଭାବେ ଖୋଳା ହୋଇଥିବା କଥା କହି ବିଲ୍ ଉଠାଯାଉ ଥିବାର ଖବର ଗୁଡ଼ିକ ଗଣ ମାଧ୍ୟମରେ ପ୍ରକାଶ ପାଇଥାଏ । ତେଣୁ ସ୍ୱାବଲମ୍ବୀ ହେବା ପାଇଁ ସରକାରଙ୍କ ଯୋଜନା ଫସର ଫାଟି ଯାଏ ଏବଂ ସରକାର୍‌କା ମାଲ୍ ଦରିଆ ମେ ଡାଲ୍ ଅର୍ଥାତ୍ ସରକାରୀ ଅର୍ଥକୁ ତୋଷାରପାତ କରିବା ବା ସମୁଦ୍ରକୁ ଫିଙ୍ଗିବା ସଙ୍ଗେ ସମାନ ।

କିଛିଦିନ ତଳେ କୁମ୍ଭୀର ଦାଉରୁ ରକ୍ଷା ପାଇବା ପାଇଁ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକର ୫-୭ ଖଣ୍ଡ ଗାଁର ଲୋକମାନେ ମିଳିମିଶି ଏକ ବାଉଁଶ ପୋଲ ତିଆରି କରିଛନ୍ତି । ସରକାରୀ ସାହାଯ୍ୟ ସହଯୋଗକୁ ଅପେକ୍ଷା ନକରି ଉଭୟ ଶ୍ରମଦାନ ଏବଂ ଅର୍ଥଦାନ କରି ଉକ୍ତ କାମ କରିଥିବାରୁ ଗ୍ରାମବାସୀ ମାନଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଦେଖିବାକୁ ଗଲେ ଏହା ଏକ ନୂଆ ଘଟଣା ନୁହେଁ କିନ୍ତୁ ସରକାରୀ କଳ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇ ଆମେ ପଡ଼ୋଶୀ ପଣିଆଁ, ଭାଇଚାରା, ମାନବିକତା ହଜାଇ ଦେଉଥିବାବେଳେ ଏପ୍ରକାର ଉଦ୍ୟମକୁ ସାବାସୀ ଦେବା ନିତାନ୍ତ ଆବଶ୍ୟକ ।

ଧିରେଧିରେ ଆମ ସମସ୍ତଙ୍କର ବ୍ୟକ୍ତିଗତ ତଥା ସାମୁହିକ କାର୍ଯ୍ୟ ଗୁଡ଼ିକ ପାଇଁ ସରକାରଙ୍କ ଉପରେ ନିର୍ଭରଶୀଳତା ବଢ଼ୁଛି । ଧୂଆମୂଳା ଅଧୂଆମୂଳା ନ୍ୟାୟରେ ଜାତକର୍ମ ଠାରୁ ମୃତାହ କର୍ମ, ଘର ଆଗରେ ଅଳିଆ ସଫା ଠାରୁ ଆରମ୍ଭ କରି ଗାଁର ପୋଖରୀ ଗାଡ଼ିଆ ସଫା ତଥା ଶୌଚାଳୟ ସ୍ଥାପନ ପର୍ଯ୍ୟନ୍ତ ସବୁବେଳେ ଆମେ ସରକାରୀ କଳ ଉପରେ ନିର୍ଭରଶୀଳ ହୋଇ ସମସ୍ତ ଅସୁବିଧାକୁ ସୁବିଧା ଜ୍ଞାନ କରି ପଡ଼ି ରହୁଛୁ । ସ୍ୱାଧୀନ ଦେଶର ସ୍ୱାଧୀନ ନାଗରିକ ହିସାବରେ ଅଧିକାରକୁ ଜାହିର କରିବା ପାଇଁ ଆମେ ଯେତେ ମାତ୍ରାରେ ତତ୍ପର କର୍ତ୍ତବ୍ୟ ପାଳନ କରିବାବେଳେ ଆମେ ସତେ ଯେପରି ସ୍ଥାଣୁ । ସରକାରୀ ଜମି ଯଥା ଅନାବାଦୀ, ଗୋଚର, ଶ୍ମଶାନ ଗୁଡ଼ିକୁ ବ୍ୟକ୍ତିଗତ ଜମିରେ ପରିଣତ କରିବା ପାଇଁ ଯେତିକି ଉତ୍‌ଫୁଲ୍ଲିତ ହେଉ ନିଜର ବ୍ୟକ୍ତିଗତ ଜମିକୁ ପାର୍କ, ପୋଖରୀ, ରାସ୍ତା କିମ୍ବା ପାଠାଗାର କରିବା ପାଇଁ ତା'ଠାରୁ ଅଧିକ ବିରସଭାବ ପ୍ରକାଶ କରୁ। ପ୍ରକାରାନ୍ତରେ ସରକାରୀ ସହାୟତା ଉପରେ ସମସ୍ତଙ୍କର ଲୋଲୁପ ଦୃଷ୍ଟି । ଯେଉଁ ଦେଶ ହର୍ଷବର୍ଦ୍ଧନଙ୍କ ପରି ରାଜାଙ୍କୁ ନେଇ ଗର୍ବ କରେ ଯିଏ ନିଜର ସର୍ବସ୍ୱ ଦାନ କରି ସାରି ଭଉଣୀର ପିନ୍ଧା ଲୁଗାରୁ ଫାଳେ ଲୁଗା ଆଣି ପିନ୍ଧି ଥାଆନ୍ତି ସେଇଦେଶର ଶାସକ ଓ ପ୍ରଶାସକ ମାନେ ଆଜିକାଲି ଲୋକମାନଙ୍କ ପଇସାରେ ମଉଜ ମଜଲିସ୍ କରିବାର ଅପଯଶ ମୁଣ୍ଡାଉଛି । ଏଥିପାଇଁ ବାଲ୍ୟ କାଳରୁ ପିଲା ମାନଙ୍କୁ ସୁଶିକ୍ଷା ଦେବାର ଆବଶ୍ୟକତା ରହିଛି । ଏଠାରେ ଏକ କାହାଣୀର ଅବତାରଣା କରାଯାଇପାରେ । ଥରେ ଗୋଟିଏ ଛାତ୍ରାବାସରେ ସରସ୍ୱତୀ ପୂଜା ପାଳନ ସରିବା ପରେ ଆୟ ବ୍ୟୟର ହିସାବ କରାଗଲା । ଦେଖିବାକୁ ମିଳିଲା ହିସାବ ଚିଠାରେ ଗୋଟିଏ ଛୁଞ୍ଚିର ଦାମ ୨୦ ଟଙ୍କା ହିସାବ ହୋଇଛି । ଦାୟିତ୍ୱରେ ଥିବା ଛାତ୍ରମାନଙ୍କୁ ପଚାରିବାରୁ ସେମାନେ କହିଲେ ପାଖରେ କୌଣସି ଛୁଞ୍ଚି ଦୋକାନ ନଥିବାରୁ ଆମେ ଅଟୋରେ ଯାଇ ମାର୍କେଟରୁ ଛୁଞ୍ଚି କିଣି ଆଣିଲୁ । ଯିବା ଆସିବା ଭଡ଼ା କେବଳ ୨୦ ଟଙ୍କା ଏହା ବାଦ୍ ଆମ ହାତରୁ ଛୁଞ୍ଚିର ଦାମ୍ ଟଙ୍କାଟିଏ ଖର୍ଚ୍ଚ ହୋଇଛି । ଏହା ଶୁଣି ସମସ୍ତେ ନିରବ କାରଣ ଏହା ସାମୁହିକ କାର୍ଯ୍ୟ ଥିଲା ଏବଂ ପ୍ରକାରନ୍ତରେ ପ୍ରଭାବଶାଳୀ ଛାତ୍ର ଗୋଷ୍ଠୀର କାରନାମା ଥିଲା । ତେଣୁ ସେମାନଙ୍କୁ କିଛି କହିବାକୁ କାହାର ସାହସ ନଥିଲା । ସରକାରୀ କିମ୍ବା ସାମୁହିକ ପୁଞ୍ଜି ଖର୍ଚ୍ଚ ସମୟରେ ଆମେ ଦାୟିତ୍ୱ ସମ୍ପନ୍ନ ତଥା ସଚ୍ଚୋଟ ନାଗରିକ ହିସାବରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିପାରିଲେ ବିଶ୍ୱର ଦୁର୍ନୀତି ସୂଚକାଙ୍କରେ ୧୮୦ଟି ଦେଶ ମଧ୍ୟରେ ୮୫ତମ ସ୍ଥାନ ଅଧିକାର କରିଥିବା ଭାରତର ସ୍ଥାନର ଉନ୍ନତି ଘଟି ପାରିବ ଏହା ନିଃସନ୍ଦେହ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

সম্বাদ কলিকা
The Sambad Kalika
30 YEARS
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
E-mail : sambadkalikanews@gmail.com
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୧୨ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
12 Pages, ₹ 2.00
• ବର୍ଷ–୩୧ • ସଂଖ୍ୟା–୨୬ • ୨୧ଫେବୃୟାରୀ ୨୦୨୪, ବୁଧବାର • ଭୁବନେଶ୍ୱର • Vol -31 • Issue-26 • 21st February 2024, Wednesday • Bhubaneswar
Licensed to post without pre-payment of postage No- BN-60/22-24

## ଜୈସ୍ୱାଲଙ୍କୁ ବୋଲିଂ କରିବାକୁ ପରାମର୍ଶ ଦେଲେ କୁମ୍ବଲେ









# ବରଗଡ ଜିଲ୍ଲାରେ ୨୧୪୯ କୋଟିର ୬୨ଟି ପ୍ରକଳ୍ପର ଉଦ୍‌ଘାଟନ

**ଭୁବନେଶ୍ୱର, ୨୦।୨**
**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ ଜିଲ୍ଲା ଗସ୍ତରେ ଯାଇ ବିଜେପୁରର କନାପାଲିଠାରେ ବରଗଡ ଜିଲ୍ଲାରେ ୨୧୪୯ କୋଟି ଟଙ୍କା ମୂଲ୍ୟର ୬୨ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ଏଥି ସହିତ ୨୬୩ କୋଟି ୩୩ ଲକ୍ଷ ୧୮ ହଜାର ଟଙ୍କା ବ୍ୟୟରେ ୨୧ଟି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ଦେଇଛନ୍ତି ।



ଉଦ୍‌ଘାଟିତ ପ୍ରକଳ୍ପ ଗୁଡିକ ମଧ୍ୟରେ ଓଡିଶାର ଜଳସେଚନର ବିକାଶ କ୍ଷେତ୍ରରେ ଆଉ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ୧୬୭୭ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟରେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ, ୧୦୬ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ୫ ମହଲା ବଶିଷ୍ଟ ୧୦୦ ଶଯ୍ୟା ବିଶିଷ୍ଟ କର୍କଟ ରୋଗ ଚିକିତ୍ସା କେନ୍ଦ୍ର, ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ୨୨ କୋଟି ୭୮ ଲକ୍ଷ ଟଙ୍କା ବ୍ୟୟରେ ରୂପାନ୍ତରିତ ନୃସିଂହନାଥ ପୀଠ ପ୍ରମୁଖ ରହିଛି। *(ଭିତର ପୃଷ୍ଠାରେ)*

# ୨୬ ଜିଲ୍ଲାର ୨ ଲକ୍ଷ ୫୦ ହଜାର ଚାଷୀ ପାଇବେ ଜମି ପଟ୍ଟା

**ଭୁବନେଶ୍ୱର, ୨୦।୨**
**ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ବର୍ଷର ଜମିଜମା ସମସ୍ୟାର ହେଲା ସମାଧାନ। ସିକିମ ସତ୍ୱ ରୟତ ଚାଷୀଙ୍କୁ ମିଳିଲା ଜମି ପଟ୍ଟା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏକ ସ୍ୱତନ୍ତ୍ର ସମାରୋହରେ ପ୍ରଥମ ଦିନରେ ୨୬ଟି ଜିଲ୍ଲାର ଦଶ ହଜାର ସିକିମ ରୟତ ଚାଷୀମାନଙ୍କୁ ଜମି ପଟ୍ଟା ବଣ୍ଟନ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଜନସାଧାରଣଙ୍କ ସମସ୍ୟାର ସମାଧାନ ଉପରେ ତାଙ୍କ ସରକାର ସର୍ବାଧିକ ପ୍ରାଥମିକତା ଦେଇ ଆସିଛି। ସିକିମ ରୟତ ମାନଙ୍କର ସମସ୍ୟା ବହୁ ଦିନର ସମସ୍ୟା ଥିଲା। ଜମି ଉପରେ ସେମାନଙ୍କ ଅଧିକାର ନ ଥିବାରୁ ସେମାନଙ୍କର ଆର୍ଥିକ ଓ ସାମାଜିକ ଜୀବନ ପ୍ରଭାବିତ ହେଉଥିଲା । ସରକାରଙ୍କ ବିଭିନ୍ନ କୃଷି ବିକାଶ କାର୍ଯ୍ୟକ୍ରମରେ ମଧ୍ୟ ସେମାନେ ଲାଭ ପାଇପାରୁନଥିଲେ। ସିକିମ ରୟତ ମାନଙ୍କର ଶହ ଶହ ବର୍ଷର ସମସ୍ୟାର ସମାଧାନକୁ ଏକ ଐତିହାସିକ ପଦକ୍ଷେପ ଭାବରେ ବର୍ଣ୍ଣନା *(ଭିତର ପୃଷ୍ଠାରେ)*



**ଭିତର ପୃଷ୍ଠାରେ**

ଯଶସ୍ୱୀ ସାରସ୍ୱତ ସାଧକ ସାହିତ୍ୟିକ ସାତକଡି ହୋତାଙ୍କୁ 'ସମ୍ବାଦ କଳିକା' ଓ 'କଥା କଳିକା' ପରିବାର ପକ୍ଷରୁ ସ୍ୱତନ୍ତ୍ର ପ୍ରତିବେଦନ...



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଫେବୃୟାରୀ, ବୁଧବାର, ୨୦୨୪



# ଆର୍ଦ୍ରଭୂମି ପରିବେଶର ସୁରକ୍ଷା ଓ ସଂରକ୍ଷଣ ପ୍ରୟାସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜଳବାୟୁ ପଦକ୍ଷେପ, ଜଳ ତଳେ ଜୀବନ ଓ ଭୂମିରେ ଜୀବନକୁ ନେଇ ରହିଥିବା ନିରନ୍ତର ବିକାଶ ଲକ୍ଷ୍ୟ ଅନୁସାରେ ଟ୍ରାନ୍ସୱାର୍ଲ୍ଡ ପକ୍ଷରୁ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳନ କରାଯାଇଛି। ଆର୍ଦ୍ରଭୂମି ବ୍ୟବସ୍ଥା ଏବଂ ବିଭିନ୍ନ ପ୍ରକାରର ଜୀବନ ପାଇଁ ତାହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ପାଇଁ ପ୍ରତି ବର୍ଷ ଏହି ଦିବସ ପାଳନ କରାଯାଉଛି।

୪୦ରୁ ଅଧିକ କର୍ମଚାରୀ ସ୍ୱେଚ୍ଛାସେବୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ୨୨୭ ଜଣ ଗୋଷ୍ଠୀ ସଦସ୍ୟ ଏବଂ ଛାତ୍ରଛାତ୍ରୀଙ୍କ ସହ ମିଶି ମ୍ୟାନଗ୍ରୋଭ୍ (ହେନ୍ତାଳବଣ) ପୁନରୁଦ୍ଧାର (ମୁମ୍ବାଇ), ମ୍ୟାନଗ୍ରୋଭ ରୋପଣ (ପାରାଦୀପ ଏବଂ କୋଚି), ହ୍ରଦ ସଫେଇ (ଚେନ୍ନାଇ) ଏବଂ ବେଳାଭୂମି ସଫେଇ (ଦୁବାଇ - ଉମ୍ ସୁକିମ୍ ବିଚ୍ ଏବଂ ମସ୍କଟ -ପିଡିଓ ବିଚ୍) କାର୍ଯ୍ୟକଳା ମାଧ୍ୟମରେ ସାମୁଦ୍ରିକ ଏବଂ ମଧୁର ଜଳ ପରିବେଶ ଏବଂ ଜଳାଶୟଗୁଡ଼ିକର ସଂରକ୍ଷଣ କରିଥିଲେ। ଗ୍ରୀନ୍ ଉତ୍ସବ (ଦୁବାଇ), ବନଶକ୍ତି (ମୁମ୍ବାଇ), ଏପିଓଡବ୍ଲ୍ୟୁଏ (ପାରାଦୀପ), ମିରର (କୋଚି) ଏବଂ ଇକୋ ସୋସାଇଟି ଇଣ୍ଡିଆ (ଚେନ୍ନାଇ)ର ମିଳିତ ସହଯୋଗରେ ମାନବ, ଅନ୍ୟାନ୍ୟ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ଆର୍ଦ୍ରଭୂମିର ଗୁରୁତ୍ୱକୁ ଦୋହରାଇବା ପାଇଁ ବିଭିନ୍ନ ସମ୍ପ୍ରଦାୟ ଏବଂ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ସଚେତନତା ଅଧିବେଶନର ଆୟୋଜନ କରାଯାଇଥିଲା। ଏହି ପଦକ୍ଷେପ କମ୍ପାନୀର ଅନ୍ୟତମ ପ୍ରମୁଖ ସିଏସ୍ଆର୍ ପଦକ୍ଷେପ ଭାବରେ ଟ୍ରାନ୍ସୱାର୍ଲ୍ଡ ଗ୍ରୁପର ସାମୁଦ୍ରିକ ପରିଚାଳନା ଅଫ୍ ଦି ଏନଭାଇରନମେଣ୍ଟର ଫୋକସ୍ କ୍ଷେତ୍ରର ଏକ ଅଂଶ ଅଟେ।

'ଆମର ମୂଲ୍ୟବାନ ଆର୍ଦ୍ରଭୂମି ପରିବେଶର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଏହି ପ୍ରୟାସରେ ଆମ ସହ ଯୋଗ ଦେଇଥିବା ଆମର ସହଯୋଗୀ ଏନଜିଓ ଏବଂ ସମସ୍ତ ସ୍ୱେଚ୍ଛାସେବୀ ମାନଙ୍କ ପ୍ରତି ଆମେ ଅତ୍ୟନ୍ତ କୃତଜ୍ଞ। ଏହିପରି ସ୍ଥାନୀୟ ସାମୂହିକ ପଦକ୍ଷେପ ମାଧ୍ୟମରେ ସାମୁଦ୍ରିକ ସଂରକ୍ଷଣକୁ ସକ୍ଷମ କରିବା ଦ୍ୱାରା ଏକ ଉନ୍ନତ ବିଶ୍ୱ ପାଇଁ ଆମର ସ୍ୱପ୍ନକୁ ଆଗକୁ ବଢ଼ାଯାଉଛି ବୋଲି ଟ୍ରାନ୍ସୱାର୍ଲ୍ଡ ଗ୍ରୁପର ସୁଶ୍ରୀ ଅନିଶା ରାମକ୍ରିଷ୍ଣନ କହିଛନ୍ତି।'

# ଦିଲ୍ଲୀର ହାଉଜ୍‌ଖାସ୍ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଦିବସ ପାଳିତ

**ନୂଆଦିଲ୍ଲୀ**

ନୂଆଦିଲ୍ଲୀର ହାଉଜଖାସ ସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ପ୍ରମୁଖ ଜଗନ୍ନାଥ ମନ୍ଦିରର ୪୬ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳନ କରାଯାଇଛି। ତିନିଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବରେ ସହସ୍ରାଧିକ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ ସେମାନଙ୍କର ପରିବାର ବର୍ଗ, ବନ୍ଧୁବାନ୍ଧବ ଓ ପରିଜନଙ୍କ ସହିତ ସାମିଲ ହୋଇଥିବାର ଦେଖା ଯାଇଥିଲା। ଏହି ଉପଲକ୍ଷେ ମନ୍ଦିରର ପରିସରକୁ ଖୁବ୍ ଭବ୍ୟ ଢଙ୍ଗରେ ରଙ୍ଗବେରଙ୍ଗର ଫୁଲ ଏବଂ ନାନା କିସମର ଆଲୋକମାଳାରେ ସଜା ଯାଇଥିଲା। ତିନିଦିନର ପ୍ରତିଷ୍ଠା ଉତ୍ସବ, ଗତ ୧୨ ତାରିଖ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରୁ ଆରମ୍ଭ ହୋଇ ୧୪ତାରିଖ ରେ ସରସ୍ୱତୀ ପୂଜାର ଶୁଭ ଅବସରରେ ସମାପ୍ତ ଘଟିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ଦିବ୍ୟ ମନ୍ଦିରର ସଂସ୍ଥାପନା ୧୯୭୯ ମସିହାର ସରସ୍ୱତୀ ପୂଜା ତିଥିରେ ହୋଇଥିଲା। ଗତ ୧୪ ତାରିଖ ବସନ୍ତ ପଞ୍ଚମୀର ଶୁଭ ଦିନରେ ପ୍ରତିଷ୍ଠା ଦିବସର ମୁଖ୍ୟ ଉତ୍ସବ ବୈଦିକ ନୀତି କ୍ରମେ ସମ୍ପନ୍ନ କରାଯାଇଥିଲା। ସେଦିନ ସକାଳ ୧୦ଟା ସମୟରେ ମନ୍ଦିରର ରତ୍ନ ସିଂହାସନରେ ବିରାଜମାନ ଚାରିଠାକୁର ଜଗତର ନାଥ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନଙ୍କର ପୂଜାର୍ଚ୍ଚନା ଓ ନୀତିକାନ୍ତି ବିଧି ମୁତାବକ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଶଙ୍ଖ, ଘଣ୍ଟ, କରତାଳ, ମୃଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଘନ ଘନ ନାଦ ତଥା ହରିବୋଲ, ହୁଳହୁଳି ଏବଂ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଗଗନ ପବନ ପ୍ରକମ୍ପିତ ହୋଇ ଉଠିଥିଲା। ମଧ୍ୟାହ୍ନ ୧୧ଟା ସମୟରେ ମନ୍ଦିର ସମ୍ମୁଖରେ ହୋମଯଜ୍ଞ ଆରମ୍ଭ କରାଯାଇଥିଲା। ଅପରାହ୍ନ ୪ଟା ବେଳେ ନାମଯଜ୍ଞର ପୂର୍ଣ୍ଣାହୁତି ଦିଆ ଯାଇଥିଲା। ଏଠାରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ବିଧାୟକ ସୋମନାଥ ଭାରତୀ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ଭାରତୀ ମନ୍ଦିର ସମ୍ମୁଖସ୍ଥ ବିଦ୍ୟୁତ ତାରର ଭୂତଳ ସରବରାହ ବ୍ୟବସ୍ଥାକୁ ଶୁଭ ପ୍ରଦାନ କରିଥିଲେ। ସମଗ୍ର ପରିବେଶ ବେଶ ଭକ୍ତିପୂତ ହେବା ସାଙ୍ଗକୁ ଶ୍ରଦ୍ଧାଳୁମାନେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଦର୍ଶନ କରି ଅପୂର୍ବ ଆଧ୍ୟାତ୍ମିକ ଉଚ୍ଛ୍ୱାସ ଏବଂ ଅଲୌକିକ ଐଶ୍ୱରୀୟ ଆନନ୍ଦ ଉପଲବ୍ଧି କରିବାର ବିରଳ ଦୃଶ୍ୟ ବେଶ୍ ଭାବଦ୍ଦୀପକ ଓ ମର୍ମସ୍ପର୍ଶୀ ଥିଲା।



# ସରକାରୀ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କୁ ସହାୟତା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପୌରାଞ୍ଚଳର ୨୧ନଂ ୱାର୍ଡରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ୨୧ନଂ ୱାର୍ଡର କାଉନସିଲର ପ୍ରଭାଶିଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୯, ୨୦, ୨୧ ନଂ ୱାର୍ଡରେ ବିଭିନ୍ନ ଯୋଜନା ସଂପର୍କରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷା ସରିତା ସାହୁ, ଉପାଧ୍ୟକ୍ଷା ଆକବରୀ ଖାତୁନ, କାଉନସିଲର ଉମେଶ ଚନ୍ଦ୍ର ନାୟକ, ରମେଶ ଦାସ, ଚୌଧୁରୀ ସୁକୁମାର ଦାସ, ଅସୀମା ନାୟକ, ପ୍ରଦିପ୍ତ କୁମାର ଜେନା, ନିର୍ବାହୀ ଅଧିକାରୀ ଏ ଗୌରବ କର ପ୍ରମୁଖ ଯୋଗ ଦେଇ ପୌରାଞ୍ଚଳର ଏହି ୱାର୍ଡଗୁଡ଼ିକରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରାଯାଇ ଥିଲା। ଏଥି ସହିତ ୨୧ନଂ ୱାର୍ଡର ବସ୍ତି ବାସିନ୍ଦାମାନେ ଜାଗା ମିଶନ ଯୋଜନାରେ ପାଇଥିବା ଜମି ଓ ଅଦର୍ଶ କଲୋନୀ, ପାନୀୟ ଜଳ, ବର୍ଜ୍ୟଜଳ ପରିଚାଳନା, ସଂପୃକ୍ତ ଅଞ୍ଚଳରେ ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତା, ରାସନ କାର୍ଡ ପ୍ରଭୃତି ସଂପର୍କରେ ଆଲୋଚନା କରାଯାଇ ଥିଲା। ଯେଉଁ ବସ୍ତି ବାସିନ୍ଦାମାନେ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ସମସ୍ତ ପ୍ରକାର ସହ ଯୋଗ କରାଯିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ କର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ୩ ଗୋଟି ୱାର୍ଡର ବରିଷ୍ଠ ନାଗରିକ, ମହିଳା, ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ମିଶନ ଶକ୍ତିର ମହିଳାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବଳଦେବ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍‌ର ବାର୍ଷିକୋତ୍ସବ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ବଳଦେବ ଉଚ୍ଚ ବିଦ୍ୟାଳୟରେ ୟୁଥ୍ ଆଣ୍ଡ ଇକୋ କ୍ଲବର ବାର୍ଷିକ ମିଳନ ଉତ୍ସବ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଇକୋ କ୍ଲବର ସଂଯୋଜକ ରବିନ୍ଦ୍ର ଜେନା ମୁଖ୍ୟ ଅତିଥି, ବ୍ରଜ କିଶୋର ଦାସ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ଆଦିକନ୍ଦ ରାଉଳ ଯୋଗ ଦେଇ ପରିବେଶ ସୁରକ୍ଷାରେ ଆମର କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ହାଇସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂଯୋଜକ ତପନ ଦାଶ ଅତିଥି ପରିଚୟ ପ୍ରଦାନ ଓ କ୍ଲବ ଗଠନର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ବିଜ୍ଞାନ ଶିକ୍ଷୟତ୍ରୀ ରାଜଶ୍ରୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ନବୀନ ଓଡ଼ିଶା ସଚେତନତା ଶିବିର



**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ବିଜୁ ଆଦର୍ଶ କଲୋନୀରେ ଆମ ଓଡିଶା ନବୀନ ଓଡ଼ିଶା (ସହରୀ) କାର୍ଯ୍ୟକ୍ରମ ମାଧ୍ୟମରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବସ୍ତି ବାସିନ୍ଦା ସଂଘ ସଭାପତି ପ୍ରକାଶ ଚନ୍ଦ୍ର ଗୋଛାୟତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ବସ୍ତି ବାସିନ୍ଦାଙ୍କ ବିକାଶ ପାଇଁ ରାଜ୍ୟ ସରକାରଙ୍କ ସଂକଳ୍ପବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଆଶୁତୋଷ ଦାସ, ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ପ୍ରେମଚାନ୍ଦ ନାୟକ, ବିଷ୍ଣୁଚରଣ ପରିଡ଼ା, ବିମଳ କୁମାର ବେଉରା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସଂପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବସ୍ତିବାସିନ୍ଦା ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ପୌରପାଳିକା ନୋଡାଲ ଅଫିସର ଚନ୍ଦନ ଦାସ, ସିଟି ମିଶନ ମ୍ୟାନେଜର ସ୍ନିଗ୍ଧା ମହାନ୍ତି, ସୁଚିସ୍ମିତା ମହାନ୍ତି, ରଶ୍ମି ରଞ୍ଜନ ଦାସ, ଅଜୟ ନାୟକ, ଶିବାନନ୍ଦ ସାହୁ, ପ୍ରତିମା ବେହେରା, ପ୍ରହଲ୍ଲାଦ ସାହୁ ଓ ବସ୍ତିବାସିନ୍ଦା ସଂଘର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହାନଦୀ ଦକ୍ଷିଣପାର୍ଶ୍ୱ ନଦୀବନ୍ଧ ସମ୍ପ୍ରସାରଣ ଓ ସୁଦୃଢ଼ୀକରଣର ଶିଳାନ୍ୟାସ

**କଟକ ସଦର, ନ୍ୟୁଜ୍‌ବ୍ୟୁରୋ**

କିଶନନଗର ତହସିଲ ଅଞ୍ଚଳକୁ ନେଇ ଗଠିତ ହୋଇଥିବା ସାମାଜିକ ସଂଗଠନ କିଶନନଗର ବିକାଶ ମଞ୍ଚ ଯାହାକି କିଶନନଗର ତହସିଲ ଅଞ୍ଚଳର ମୌଳିକ ସମସ୍ୟାଗୁଡିକୁ ଆନ୍ଦୋଳନ, ଅନସନ, ଆମରଣ ଅନସନ, ଅଞ୍ଚଳରେ ଅନୁଷ୍ଠିତ ବିଭିନ୍ନ ଜନଶୁଣାଣୀ ତଥା ପତ୍ର ମାଧ୍ୟମରେ ସରକାରଙ୍କର ଦୃଷ୍ଟି ଗୋଚରକୁ ଆଣିଥିବା ବେଳେ ମହାନଦୀ ଦକ୍ଷିଣପାର୍ଶ୍ୱ ନଦୀବନ୍ଧ ସମ୍ପ୍ରସାରଣ ଓ ସୁଦୃଢ଼ୀକରଣ କାର୍ଯ୍ୟର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ଯାହାକି ମଞ୍ଚର ବିଭିନ୍ନ ଦାବିଗୁଡିକ ମାଧ୍ୟରୁ ଅନ୍ୟତମ ପ୍ରମୁଖ ଦାବିଭାବେ ମଞ୍ଚ ତରଫରୁ ଦୀର୍ଘ ୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ। ସରକାରଙ୍କୁ ସୂଚିତହୋଇ ଆସୁଥିଲା ଯେଉଁଠି ଅନ୍ୟ ରାଜନୈତିକ ଦଳ ଓ ଅନ୍ୟ ସଂଗଠନ ଦ୍ୱାରା ଉଲ୍ଲେଖ ଦାବିରେ ଏହା ଗତିରାଉତ ପାଟଣା ଠାରୁ ବାଙ୍କଳ ପର୍ଯ୍ୟନ୍ତ ଦର୍ଶଯାଇଥିଲା ବେଳେ ଏକମାତ୍ର କିଶନନଗର ବିକାଶ ମଞ୍ଚ ତରଫରୁ ଏହାକୁ କଟକ ଗାନ୍ଧୀ ପଲ୍ଲୀଠାରୁ ତାରାପୁର ପର୍ଯ୍ୟନ୍ତ ନଦୀବନ୍ଧର ସାମ୍ପ୍ରସାରଣ ଓ ସୁଦୃଢ଼ୀ କାରଣ କରି କଟକ ପାରାଦ୍ୱୀପ ରାସ୍ତାର ଏକ ବିକଳ୍ପ ରାସ୍ତାର ପ୍ରସ୍ତାବ ଭାବେ ଉଲ୍ଲେଖ କରାଯାଇଥିଲା। କଟକ ଗାନ୍ଧୀ ପଲ୍ଲୀ ଠାରୁ ତାରପୁର ଭାୟା ଦ୍ୱାରଦା ଦ୍ୱାଙ୍କଳ ୩୫ କିମି ରାସ୍ତାର ମରାମତି ତଥା ସମ୍ପ୍ରସାରଣ ବିଷୟରେ ସ୍ପଷ୍ଟଭାବେ ଦର୍ଶାଇ ଦିଆଯାଇଥିଲା। ବହୁଦିନ ନିରନ୍ତର ଦାବିପରେ ସରକାର ବିକାଶ ମଞ୍ଚର ଉକ୍ତ ଦାବିକୁ ଜନସାଧାରଣଙ୍କ ହିତ ଉଦେଶ୍ୟରେ ପୂରଣ କରିଥିବା ବେଳେ ମଞ୍ଚର ସାଧାରଣ ସମ୍ପାଦକ ସୀତାରାମ ପଣ୍ଡା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ତଥା ସ୍ଥାନୀୟ ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପଞ୍ଚମୁଖୀ ହନୁମାନ ମନ୍ଦିରରେ ବାର୍ଷିକୋତ୍ସବ

**ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ**

ମହାକାଳପଡ଼ା ବ୍ଲକ ବିଜୟନଗର ଠାରେ ଶ୍ରୀ ଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସଯାତ୍ରା ଆରମ୍ଭ ହୋଇ ୧୫, ୧୬, ୧୭, ୧୮ ଚାରିଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ଅନୁଷ୍ଠାନର ପରିଚାଳନା କମିଟିର ସଭାପତି ଶିଶିଭୂଷଣ ପଟ୍ଟନାୟକ, ସାମ୍ପାଦକ ରମେଶ ଚନ୍ଦ୍ର ସାହାଣୀ ଓ ଅନ୍ୟ ସଭ୍ୟ ସଭ୍ୟାମାନଙ୍କ ସହିତ ବିଜୟନଗର ଗ୍ରାମବାସୀମାନଙ୍କ ପୂର୍ଣ୍ଣ ସହଯୋଗରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭକ୍ତମାନଙ୍କ ପାଇଁ ପ୍ରସାଦ ସେବାର ବ୍ୟବସ୍ଥା କରାଯାଇଥିଲା। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ କରାଯାଇଛି।

# ଗୋପାଳପୁରବାସୀଙ୍କ ସେବା କରିବା ମୋ ସୌଭାଗ୍ୟ : ବିକ୍ରମ



**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଗୋପାଳପୁର ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ବ୍ୟକ୍ତି ମୋ ପରିବାର ସଦସ୍ୟ ପରି। ଏଣୁ ଏ ଅଞ୍ଚଳର ବାସୀଙ୍କ ସେବା କରିବା ମୋ ସୌଭାଗ୍ୟ। ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଗୋପାଳପୁର ନର ସୁଖ ଦୁଃଖ ବୁଝି ବାକୁ ଦାୟିତ୍ୱ ଦେଇଥିବାରୁ ସେ ଏହାକୁ ସୁଚାରୁ ରୂପେ ସମ୍ପାଦନା କରିବେ ବୋଲି କହିଛନ୍ତି। ସରପଞ୍ଚ ନମିତା ମହାକୁଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଭାଇସ୍ ଚେୟାରମ୍ୟାନ ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବ୍ଲକ ଭାଇସ ଚେୟାରମ୍ୟାନ ଅନିତା ମହାକୁଡ଼, ୫୫ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟା ତଅପୋଇ ଦାସ, ବ୍ରହ୍ମପୁର ସାଂସଦ ପ୍ରତିନିଧି ଅଜିତ ଦାସ, ବହୁ ସମିତି ସଭ୍ୟ ସରପଞ୍ଚ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ଖାଡ଼ଙ୍ଗା ସମସ୍ତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବା ବେଳେ ସମିତିସଭ୍ୟ କୃଷ୍ଣଚନ୍ଦ୍ର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ନାଏବ ସରପଞ୍ଚ ରାମ ଚନ୍ଦ୍ର ଦାସ, ଶରତ ଚନ୍ଦ୍ର ମହାକୁଡ଼, ରାମ ହରି ଦାସ, ଏସ. ରାମାରାଓ, ଡମ୍ବୁରୁ ଗଉଡ଼, ଏସ୍. ରାଜେୟା, ଟି. ସୀମାଦ୍ରୀ, ସୁରେନ୍ଦ୍ର ଦାସ, ବିପ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା ଶାନ୍ତନୁ କୁମାର ରଣା କରିଥିଲେ। ଇତିମଧ୍ୟରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅଳକା ଆଶ୍ରମର ୧୦୨ତମ ପ୍ରତିଷ୍ଠା ଦିବସ ପାଳିତ

## ଜଗତସିଂହପୁର ଯୁବ ସଂଗୋଷ୍ଠୀରେ ଯୋଗଦେଲେ ଶତାଧିକ ଯୁବକ ଯୁବତୀ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡିଶାଳ ଅଳକା ଆଶ୍ରମ ତା'ର ୧୦୨ ତମ ପ୍ରତିଷ୍ଠା ଦିବସ ଏକ ଅଭିନବ ଉପାୟରେ ଶ୍ରୀପଞ୍ଚମୀ ଅବସରରେ ପ୍ରଥମ ଜଗତସିଂହପୁର ଯୁବ ସମ୍ମିଳନୀ ଆୟୋଜନ କରି ପାଳନ କରିଛି। ଶିକ୍ଷାବିତ୍ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଜିଲ୍ଲାର ବିଭିନ୍ନ କୋଣରୁ ୨୨୩ ଜଣ ଯୁବକ ଯୁବତୀ ନିଜକୁ ପଞ୍ଜୀକରଣ କରି ଏହି ଦିନିକିଆ କର୍ମଶାଳାରେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ସୁଖ୍ୟାତି ଲାଭ କରିଥିବା ଜିଲ୍ଲାର ସଫଳ ଯୁବ ବ୍ୟକ୍ତିତ୍ୱଙ୍କ ଅଭିବ୍ୟକ୍ତି ଶୁଣିବା ସହିତ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ନିଜ ଭବିଷ୍ୟତ ଜୀବନ ପାଇଁ ମାର୍ଗଦର୍ଶନ ନେଇଥିଲେ। ଉକ୍ତ କର୍ମଶାଳାରରେ ତିନୋଟି ଆଲୋଚନା ଚକ୍ରରେ ପଚିଶ ଜଣରୁ ଉର୍ଦ୍ଧ୍ୱ ଯୁବ ବିଶେଷଜ୍ଞ ନିଜର ମତାମତ ରଖିଥିଲେ। ଏହି ଅବସରରେ ବିଶିଷ୍ଟ ଗାନ୍ଧୀବାଦୀ ଡଃ ଭଗବାନ ପ୍ରକାଶଙ୍କୁ ତାଙ୍କ ଜୀବନବ୍ୟାପୀ ତ୍ୟାଗପାଇଁ ଅଳକା ଆଶ୍ରମ ସେବା ସମ୍ମାନ ୨୦୨୪ ପ୍ରଦାନ କରାଯାଇଥିବା ବେଳେ ଡଃ ଅଶୋକ କୁମାର କର୍ଣ୍ଣଙ୍କୁ ପ୍ରଶାସନିକ କ୍ଷେତ୍ରରେ ସମର୍ପିତ କାର୍ଯ୍ୟପାଇଁ ଅଳକା ଆଶ୍ରମ ଯୁବ ସେବା ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଗାନ୍ଧୀବାଦୀ ଡଃ ଅରୁନ୍ଧତୀ ଦେବୀ, ପୂର୍ବତନ ମହିଳା ଆୟୋଗର ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି, ଇସ୍ରୋ ମହାକାଶ ବିଜ୍ଞାନୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସମାଜସେବୀ ବିନାୟକ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ପ୍ରଶାନ୍ତ ଦାସ, କୁଳମଣୀ ବିଶ୍ୱାଳ, ଯଜ୍ଞଶୀଶ ମହାପାତ୍ର ପ୍ରମୁଖ ଅତିଥିଭାବରେ ଯୋଗଦେଇ ଥିଲେ। ବିଶେଷଜ୍ଞଙ୍କ ମଧ୍ୟରେ କ୍ଷେତ୍ରମୋହନ ବେହେରା, ଶ୍ରୀଚରଣ ରାଉତ, ଡଃ ଦେବଦତ୍ତ ସାମନ୍ତରାୟ, ଡଃ କୈଳାସ ଚନ୍ଦ୍ର ମହାରଣା, ସ୍ମୃତି ରଞ୍ଜନ ମିଶ୍ର, ଜନ ମେଜର ଦଳାଇ, ଡଃ ତୃପ୍ତି ରଞ୍ଜନ ଦାସ, ପ୍ରଫୁଲ ଖଣ୍ଡାୟତ ରାୟ, ସୌମ୍ୟଜିତ ମହାପାତ୍ର, ବିପ୍ଲବ ଚୌଧୁରୀ, ପ୍ରଶାନ୍ତ ମଲ୍ଲିକ, ଡଃ ରମାକାନ୍ତ ଭୋଇ, ଡା. ଶଶାଙ୍କ ଶେଖର ସାହାଣୀ, ସସ୍ମିତା ଦାସ, ଭାରତୀ ମହାପାତ୍ର, ସ୍ନେହମୟୀ ଆଚାର୍ଯ୍ୟ, ଡଃ ଜ୍ୟୋତିର୍ମୟୀ ମହାନ୍ତି ପ୍ରମୁଖ ଅଟନ୍ତି। ଏହି କାର୍ଯ୍ୟକ୍ରମରେ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ସୋମନାଥ ପରିଡ଼ା, ସରୋଜିନୀ ରଥ, ମହାସ୍ମିତା ଓଝା ଓ ସୌମ୍ୟ ରଞ୍ଜନ ନାୟକ ବିଭିନ୍ନ ଆଲୋଚନା ଚକ୍ରକୁ ପରିଚାଳନା କରିଥିଲେ। ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ନେତୃତ୍ୱରେ ଅଳକା ଆଶ୍ରମର ସମସ୍ତ ସଦସ୍ୟ ଏହି ଅଭିନବ ପରିକଳ୍ପନାକୁ ସଫଳ ରୂପାୟନ କରିଥିଲେ।



# ବିଜେପି ତରଫରୁ ଗାଁକୁ ଚାଲ ଅଭିଯାନ




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ବିଜେପି ନଗର ମଣ୍ଡଳ ତରଫରୁ ଗାଁକୁ ଚାଲ ଅଭିଯାନ ପୌରାଞ୍ଚଳର ୨୦ନଂ ୱାର୍ଡରେ ନଗର ସଭାପତି ପ୍ରଭାତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଉପ ସଭାପତି ଅଭିମନ୍ୟୁ ଗୋଛାୟତ, ସାଧାରଣ ସଂପାଦକ ଅମିତାଭ ସୁଆର, ନଗର ସାଧାରଣ ସଂପାଦକ ନିହାର ରଞ୍ଜନ ମହାନ୍ତି, ରାଜେନ୍ଦ୍ର ପତି, ନଗର ଉପସଭାପତି ଅନନ୍ତ ଗୋପାଳ ସାହୁ, ସଂପାଦକ ରଞ୍ଜିତ ସିଂହ ପ୍ରମୁଖ ଉପସ୍ଥିତ ରହି ୱାର୍ଡର ପ୍ରତି ପରିବାରରେ ପହଞ୍ଚି ଲିଫଲେଟ୍ ବଣ୍ଟନ କରିବା ସହ ମୋଦି ସରକାରଙ୍କ ଦେଶର ବିକାଶ କ୍ଷେତ୍ରରେ ଯୁଗାନ୍ତକାରୀ ପଦକ୍ଷେପକୁ ବିଭିନ୍ନ ଜନ ହିତକାରୀ ଯୋଜନା ତୃଣମୂଳ ସ୍ତରରେ ସଫଳ ରୂପାୟନ ହୋଇପାରୁଛି କି ନାହିଁ ଏବଂ ଯୋଜନାଗୁଡ଼ିକୁ ସଫଳ ରୂପାୟନରେ ବିଫଳତା ଏବଂ ଜନ ସାଧାରଣଙ୍କୁ ପ୍ରତାରଣା କରିବା ସଂପର୍କରେ ଲୋକମାନଙ୍କୁ ସଚେତନ କରାଇ ଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନନ୍ତ ଚରଣ ପୃଷ୍ଟି, ଗୋପାଳ ବେହେରା ସଞ୍ଜୟ ପୃଷ୍ଟି, ସୁଲୋଚନା ପତ୍ରୀ, ନିହାରିକା ନାୟକ ପ୍ରମୁଖ ସହ ଯୋଗ କରିଥିଲେ।

# କଳିଙ୍ଗନଗରରେ ମୁକ୍ତାକାଶ ବ୍ୟାୟାମଶାଳା ଉଦ୍‌ଘାଟିତ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ତରଫରୁ ୧୭ ନମ୍ବର ୱାର୍ଡ଼ କଳିଙ୍ଗନଗର ସ୍ଥିତ ହନୁମାନ ମନ୍ଦିର ନିକଟରେ ଏକ ମୁକ୍ତାକାଶ ବ୍ୟାୟାମଶାଳା ଉଦଘାଟିତ ହୋଇଯାଇଛି। ମୁକ୍ତା ଯୋଜନାରେ ପ୍ରାୟ ୨୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ବ୍ୟାୟାମଶାଳାକୁ ବିଧାୟକ ସୌଭିକ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। କାଉନସିଲର ଆଶୁତୋଷ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଜିଲ୍ଲା ବିଜେଡି ଉପ ସଭାପତି ପ୍ରେମଚାନ୍ଦ ନାୟକ, ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, ନଗର କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ମହିଳା ମୋର୍ଚ୍ଚା ସଭାନେତ୍ରୀ କବିତାରାଣୀ ଲେଙ୍କା ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ଥିଲେ। ସୁବାଷ ଚନ୍ଦ୍ର ବାରିକ୍, ଅଜୟ ଶର୍ମା, ସୁଜାତା ରଥ, ସ୍ନିଗ୍ଧା ଶର୍ମା, ରଶ୍ମି ରଞ୍ଜନ ଦାସ, ବିଭୁ କଲ୍ୟାଣ ମହାନ୍ତି, ଆକାଶ ସାହୁ, ଆକାଶ ବାରିକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭୁବନେଶ୍ୱରରେ ବିପ୍ଳବୀ ବୀର ପଦ୍ମନାଭ ଛୋଟରାୟଙ୍କ ସ୍ଥାନ ନାହିଁ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ପ୍ରାକ୍ ସ୍ୱାଧୀନତା ପୂର୍ବରୁ ବ୍ରିଟିଶ୍ ଶାସନର ଦମନମୂଳକ ଲୋମହର୍ଷଣକାରୀ ଘଟଣାମାନଙ୍କରୁ ବହୁ କଥା ଇତିହାସରେ ଲିପିବଦ୍ଧ ନ ହୋଇଥିଲେ ମଧ ତାହାର ବହୁ ଅଜଣା ଲୋକ କଥା ଆଜି ପର୍ଯ୍ୟନ୍ତ ଭୁଲିଯାଇ ନାହାନ୍ତି। ବଣ ପାହାଡ଼ ଘେରା ନଦୀ ବେଷ୍ଟିତ ଭୁବନେଶ୍ୱର ଏଥିରୁ ଅଲଗା ହୋଇନାହିଁ। ଯେତେବେଳେ ଖୋରଧାରେ ଜୟୀ ରାଜଗୁରୁଙ୍କ କର୍ତୃତ୍ୱକୁ ମାନି ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ବିପ୍ଳବ ସୃଷ୍ଟି ହୋଇଥିଲା ସେତେବେଳେ ଭୁବନେଶ୍ୱରରେ ମଧ ଏହାର ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ସେହିସବୁ କଥାମାନଙ୍କ ମଧ୍ୟରେ ଥିଲା ବରଗଡ଼ର ପଦ୍ମନାଭ ଛୋଟରାୟଙ୍କର ବୀରତ୍ୱର କାହାଣୀ। ତାଙ୍କ ନେତୃତ୍ୱରେ ସଜ୍ଜିତ ହୋଇଥିଲା ଏକ ଗରିଲା ବାହିନୀ, ଯେଉଁମାନେ କି ଇଂରେଜ ରାଜଶକ୍ତିକୁ ଅସ୍ତବ୍ୟସ୍ତ କରିଦେଉଥିଲେ। ସେତେବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପାଇଁ ବେଶ୍ ସୁଗମ ଥିଲା ଉତ୍ତରରୁ ଦକ୍ଷିଣକୁ ଲମ୍ବି ଥିବା ଶ୍ରୀଜଗନ୍ନାଥ ରାସ୍ତା। ଏହା ଶେରସାହା ଓ ରାଣୀ ଅହଲ୍ୟା ବାଈଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ସେତେବେଳେ କଟକ ଲାଲକିଲ୍ଲା ଥିଲା ବ୍ରିଟିଶ୍ ଶାସନର କେନ୍ଦ୍ର ବିନ୍ଦୁ। ବାଲିଅନ୍ତାର କୁଆଖାଇ ନଦୀ କୂଳରେ ଏହାର କିଛି ଅଂଶ ରହିଥିଲା। ଅପର ପଟରେ ଥିଲା ବଣ ପାହାଡ଼ ଘେରା ଭୁବନେଶ୍ୱରର ଗ୍ରାମାଞ୍ଚଳମାନ। ଯେତେବେଳେ ବ୍ରିଟିଶ ଶାସକମାନେ ଏହି ବାଟ ଦେଇ ରାଜ୍ୟର ଅଭ୍ୟନ୍ତରକୁ ଯାଉଥିଲେ ପଦ୍ମନାଭ ଛୋଟରାୟଙ୍କ ଗରିଲା ବାହିନୀ ସେମାନଙ୍କୁ ବାଟରେ ଆକ୍ରମଣ କରୁଥିଲେ। ଏପରି ଆକ୍ରମଣରେ ବହୁ ବ୍ରିଟିଶ ସୈନ୍ୟ ମୃତାହତ ହେଉଥିଲେ। ମାତ୍ର ବଣ ପାହାଡ଼ ଘେରା ସେହି ଅଞ୍ଚଳରେ ସେମାନଙ୍କୁ ଧରିବା କଷ୍ଟ କର ଥିଲା। ସେତେବେଳେ ବ୍ରିଟିଶ ସେନାପତି ଥିଲେ କର୍ଣ୍ଣେଲ ହାରକୋଟ। ପଦ୍ମନାଭ ଛୋଟରାୟଙ୍କୁ ଧରାଇଦେବା ପାଇଁ ସେ ସରକାର ସପକ୍ଷରେ ଥିବା କେତେକ କାନକୁହାଙ୍କୁ ଲଗାଇଲେ ଓ ଶେଷରେ ତାଙ୍କୁ ଧରି ବ୍ରିଟିଶ ଶାସନକୁ ହସ୍ତାନ୍ତରିତ କରାଯାଇଥିଲା। ଏହି ସ୍ଥାନକୁ ଏବେ ପଥରକୋଟ କୁହାଯାଏ। ଅତୀତରେ ଏହା ପ୍ରସ୍ତର ନାମରେ ବିଦିତ ଥିଲା ଓ ତୋଷାଳି ରାଷ୍ଟ୍ରର ଏହା ଏକ ନାମକରା ବାଣିଜ୍ୟ ନଗରୀ ଭାବରେ ବିଦେଶରେ ବିଦିତ ଥିଲା। କଟକର ନାଏବ ନାଜିମ ମହମଦ ତକୀ ଖାଁ ତାଙ୍କ ଶାସନ ବେଳେ ଏଠାରେ ଏକ ଥାନା ବସାଇଥିଲେ ଯାହାକି ଆଜି ପର୍ଯ୍ୟନ୍ତ ରହିଛି। ଯେତେବେଳେ ବ୍ରିଟିଶ ସେନାପତି କର୍ଣ୍ଣେଲ ହାରକୋଟଙ୍କ ପାଖକୁ ପଦ୍ମନାଭ ଧରା ହୋଇ ଆସିଲେ ତାଙ୍କୁ ପ୍ରଥମେ ବ୍ରିଟିଶ୍ ବିଚାରପତି ହାରକୋଟଙ୍କୁ ନମସ୍କାର କରିବା ପାଇଁ କୁହାଗଲା। ଏପରି ପ୍ରଶ୍ନରେ ପଦ୍ମନାଭ କର୍କଶ ଭାବରେ ଉତ୍ତର ଦେଲେ ଓଡ଼ିଆ ଖଣ୍ଡାୟତ କେବଳ ଶ୍ରୀଜଗନ୍ନାଥ ଓ ମହାମାନ୍ୟ ଗଜପତିଙ୍କୁ ନମସ୍କାର କରିବା ଜାଣେ ମାତ୍ର ମ୍ଳେଚ୍ଛ ଗୋରାଙ୍କୁ ନୁହେଁ। ଏହା କହିବା ସହ ତାଙ୍କୁ ଘେରି ରହିଥିବା ବ୍ରିଟିଶ ସେନାଙ୍କ ଉପରକୁ ଛେପ ପକାଇଥିଲେ।

ବରଗଡ଼ର ସେ ଥିଲେ କିଲ୍ଲାଦାର ଓ ବର୍ତ୍ତମାନର ଦେଖାଯାଉଥିବା ରାଜ୍ୟ ସଂଗ୍ରହାଳୟ ହିଁ ଥିଲା ତାଙ୍କର ଆବାସ ସ୍ଥଳି। ଏହାପରେ ବ୍ରିଟିଶମାନେ ବରଗଡ଼ ଗ୍ରାମରେ ଥିବା ତାଙ୍କର ଘର ଓ ଧାନ ଅମାରମାନଙ୍କୁ ପୋଡ଼ି ଦେଇଥିଲେ। ରାଜ୍ୟ ସଂଗ୍ରହାଳୟ ପରିସର ମଧ୍ୟରେ ଥିବା ପ୍ରାଚୀନ ଦୁଇଟି ଗଭୀର କୂପ ବ୍ୟତୀତ ସ୍ମୃତି ଜଡ଼ିତ ଆଉ କିଛି ସେଠାରେ ନାହିଁ। ତାଙ୍କର ଥିବା ସେହି ପ୍ରାଚୀନ କିଲ୍ଲା ଉଆସରେ ରାଜ୍ୟ ସଂଗ୍ରହାଳୟ ପ୍ରତିଷ୍ଠିତ ହୋଇଛି। ତାଙ୍କ ସ୍ମୃତି ଜଡ଼ିତ ଆଉ କୌଣସି ଜିନିଷ ସେଠାରେ ନାହିଁ। କେବଳ ଜରାଜିର୍ଣ୍ଣ ଓ ଆବର୍ଜନା ଭରିଥିବା କୂପ ଦୁଇଟି ରହିଛି। ସେହି ସ୍ଥାନରେ ତାଙ୍କର ବିଲୁପ୍ତ ସ୍ମୃତି ସବୁର ଉତ୍ଥାନ ନିମନ୍ତେ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ବଡ଼ଗଡ଼ ଗ୍ରାମବାସୀଙ୍କ ଉଦ୍ୟମରେ ତାଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ଗ୍ରାମ ସୀମାନ୍ତରେ ଦେଖିବାକୁ ମିଳେ। ହୁଏତ ରାଜ୍ୟ ସଂଗ୍ରହାଳୟ ପରିସର ସମ୍ମୁଖରେ ପଞ୍ଚସଖା ମାନଙ୍କ ବିଗ୍ରହ ରହିଥିବା ସ୍ଥଳେ ତାଙ୍କର କୌଣସି ସ୍ମୃତି ଚିହ୍ନ ବା ମୂର୍ତ୍ତି ସେଠାରେ ଦେଖିବାକୁ ମିଳେ ନାହିଁ। ଆଉ ସେଠାର ଅତି ନିକଟରେ ରହିଛି ଖୁରୁଧାର ବିପ୍ଳବୀ ବୀର ବକ୍ସିଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ନାମରେ ଏକ ଗୌରବ ମଣ୍ଡିତ ଶିକ୍ଷା ଅନୁଷ୍ଠାନ। ଏହା ହିଁ ଏହି ମହାନ ବିପ୍ଳବୀଙ୍କ ପାଇଁ ସମ୍ଭବତଃ ସରକାରଙ୍କ ଅବଦାନ ବୋଲି ବରିଷ୍ଠ ଐତିହାସିକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ କ୍ଷୋଭର ସହିତ କହିଥାନ୍ତି।

# ରାମନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ**

ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାମନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଶ୍ରୀ ଶ୍ରୀ ଠାକୁରନିଗମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଦିନେଶ ଚନ୍ଦ୍ର ଦେବନାଥ, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟା ମୃତ୍ୟୁଞ୍ଜୟ ମଣ୍ଡଳ, ପେଟଛେଲା ପଂଚାୟତର ସରପଞ୍ଚ ପ୍ରସନ୍ନ କୁମାର ବେହେରା, ପରିଚାଳନା କମିଟିର ସଭାପତି ବିଭୂତି ଭୂଷଣ ସେନାପତି, ସମ୍ପାଦକ ଅରୁଣ ଡାଲି, କୋଷାଧ୍ୟକ୍ଷ ଅରୂପ ମିର୍ଦ୍ଧା, ଅଶୋକ ମଣ୍ଡଳ ପ୍ରମୁଖ ଯୋଗଦେଇ ଏହି ମହାନ ଶିକ୍ଷାନୁଷ୍ଠାନର ଗୁଣଗାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବାସୁଦେବ ସାହୁ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ କୋଷାଧ୍ୟକ୍ଷ ଅରୂପ ଚନ୍ଦ୍ର ମିର୍ଦ୍ଧା। ଏହି ଶିକ୍ଷାନୁଷ୍ଠାନ ଏ ଅଞ୍ଚଳର ବହୁ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଗଢ଼ି ତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଭାରତୀୟ ସଂସ୍କୃତି, ସାହିତ୍ୟ, ପରମ୍ପରା ଓ ଏକ ଶୃଙ୍ଖଳିତ ଅନୁଷ୍ଠାନ ଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏଠାରେ ଯେ କେବଳ ଶିକ୍ଷାଦାନ କରାଯାଏ ତାହା ନୁହେଁ, ଜଣେ ଶୃଙ୍ଖଳିତ ନାଗରିକ ତିଆରି ହେବାରେ ଏହା ପ୍ରୟୋଗଶାଳା ବୋଲି ଅତିଥିମାନେ କହିଛନ୍ତି। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତୀତ୍ୱ ହାସଲ କରାଯାଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏହି ଶିକ୍ଷାନୁଷ୍ଠାନର ଗୁରୁଜୀ ଗୁରୁମା ମାନଙ୍କ ମଧ୍ୟରେ ଶୁଶୀଳ ମଲ୍ଲ, ବିଭୂତି ଚୌଧୁରୀ, ଅରୁଣାମୟୀ ପ୍ରଧାନ, ରଜନୀ ପରିଡ଼ା, ଅନୁଶୟା ରାଉତ, ଇନ୍ଦୁମତି ବସନ୍ତିଆ, ରାଜେନ୍ଦ୍ର ପାଇକରାୟ, ବସନ୍ତ ସ୍ୱାଇଁ, ରାମ ଜାନା, ରାମ ମଣ୍ଡଳ, ସାନ୍ତନୁ ମଣ୍ଡଳ, ସୁବାଷ ମଣ୍ଡଳଙ୍କ ସମେତ ଗୁରୁଜୀ ଓ ଗୁରୁମା ଉପସ୍ଥିତ ଥିବା ବେଳେ ଛାତ୍ର ଅଭିଭାବକ ଓ ଅଭିଭାବିକାମାନେ ଉପସ୍ଥିତ ଥିଲେ।

# ଅଜାତଶତ୍ରୁ ସାହିତ୍ୟିକ ସାତକଡ଼ି ହୋତା



ବିଭୂତି ପଟ୍ଟନାୟକ
ମାର୍ଗଦର୍ଶକ 'କଥା କଳିକା'

ସାତକଡ଼ି ହୋତାଙ୍କ ପତ୍ନୀ, 'ଅମୃତାୟନ' ପତ୍ରିକାର ସଂପାଦିକା ଗୀତା ହୋତାଙ୍କ ପିତା ଥିଲେ ବାରିପଦା ସ୍କୁଲର ସଂସ୍କୃତ ଶିକ୍ଷକ। ମୋ ସ୍ତ୍ରୀ ଥିଲେ ତାଙ୍କର ଛାତ୍ରୀ ଏବଂ ମୋ ଦେଢ଼ ଶାଶୂ ପ୍ରତିଭା ପଟ୍ଟନାୟକ ଥିଲେ ଗୀତା ହୋତାଙ୍କ ସହପାଠିନୀ। ସେହି ଦୃଷ୍ଟିରୁ ଶ୍ରୀମତୀ ହୋତାଙ୍କୁ ମୁଁ ଗୀତାନୀ ବୋଲି ସମ୍ବୋଧନ କରୁଥିଲି ଏବଂ ସେ ମୋତେ ବିଭୂତି ଭାଇ ବୋଲି ଡାକୁଥିଲେ। ଗୀତାନୀଙ୍କ ସଶ୍ରଦ୍ଧ ଅନୁରୋଧକୁ ଉପେକ୍ଷା କରି ନପାରି ଆରମ୍ଭରୁ ଆଜି ପର୍ଯ୍ୟନ୍ତ, ଅମୃତାୟନ ପ୍ରତି ପୂଜା ସଂଖ୍ୟାରେ ପ୍ରଥମେ ଛୋଟ ଉପନ୍ୟାସ, ଏବେ କ୍ଷୁଦ୍ର ଗଳ୍ପ ଲେଖି ଆସୁଛି।
ଏକଥା ସତ୍ୟ, ଗୀତାନୀଙ୍କ ପତ୍ରିକା ସଂପାଦନା, ସାହିତ୍ୟ ସର୍ଜନା ପଛରେ ଥିଲା ସାତକଡ଼ି ବାବୁଙ୍କ ପ୍ରେରଣା ଆଉ ତାଙ୍କର ସାହିତ୍ୟ ସାଧନା ଓ ସାହିତ୍ୟ ସଂଗଠନ ମୂଳରେ ଥିଲା ଗୀତାନୀଙ୍କ ଉତ୍ସାହ ଓ ଉଦ୍ଦୀପନା। ଦୀର୍ଘ ଅସୁସ୍ଥତା ପରେ ଗତ ବର୍ଷ ଗୀତାନୀଙ୍କ ଦେହାନ୍ତ ହୋଇଗଲା ପରେ ସାତକଡ଼ି ବାବୁ ଭିତରେ ଭିତରେ ଭାଙ୍ଗି ପଡିଥିଲେ। କିପରି ଏକ ଆଧାତ୍ମିକ ଶୂନ୍ୟତା ତାଙ୍କୁ ଗ୍ରାସ କରି ଯାଇଥିଲା। ଲେଖାଲେଖି ପ୍ରତି ଉଦାସୀନତା ଏବଂ ସାହିତ୍ୟ ସଂଗଠନ ଠାରୁ ଦୂରତ୍ୱ ବଢାଇବାରେ ପ୍ରବଣତା ମଧ୍ୟରେ ତାଙ୍କର ମୋହମୁକ୍ତି ଘଟିଥିଲା। ଅବଶେଷରେ ଗତ ସପ୍ତାହରେ ହଠାତ୍ ଅସୁସ୍ଥ ହୋଇପଡି, ଚିକିତ୍ସାଧୀନ ଅବସ୍ଥାରେ ୯୫ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଗଲା।
ଭୁବନେଶ୍ୱର ପୁସ୍ତକ ମେଳା, ଲେଖକ ସାମ୍ମୁଖ୍ୟ, ଲେଖକ ସମବାୟ ସମିତି ଠାରୁ ଆରମ୍ଭ କରି ୨୦୦୮ ମସିହାରେ କେନ୍ଦ୍ର ସାହିତ୍ୟ ଏକାଦମୀ ସାଧାରଣ ପରିଷଦକୁ ନିର୍ବାଚିତ ସଦସ୍ୟ ଭାବରେ ତାଙ୍କ ସହ ଏକାଠି କାର୍ଯ୍ୟ କରିବାର ସୁଯୋଗ ମୋତେ ମିଳିଥିଲା। ଏକାଦମୀ ସାଧାରଣ ପରିଷଦ ବୈଠକ ଏକାଦମୀ କାର୍ଯ୍ୟ ନିର୍ବାହକ ସମିତିର ସଭ୍ୟ ଭାବରେ ସେ ମୋ ନାମ ପ୍ରସ୍ତାବ କରିଥିଲେ ଏବଂ ଓଡ଼ିଆ ଭାଷା ପରାମର୍ଶଦାତା କମିଟିର ଅଧକ୍ଷ ଭାବରେ ତାଙ୍କୁ ନ ପଚାରି ମୁଁ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉନଥିଲି।
ସାତକଡ଼ି ବାବୁଙ୍କର ଗୋଟିଏ ଭଲଗୁଣ ଥିଲା- ସେ କେବେ ଅପ୍ରିୟ ସତ୍ୟ କଥା ଉଚ୍ଚାରଣ କରୁ ନଥିଲେ। ଦୈନିକ ଓଡ଼ିଆ ସମ୍ବାଦ ପତ୍ର, 'ସମୟ'ର ସଂପାଦକ ଭାବରେ ହେଉ କି ଓଡ଼ିଆ ସାହିତ୍ୟ ଏକାଡେମୀର ସଭାପତି ଭାବରେ ହେଉ କାହାରି ମନରେ ଆଘାତ ଦେବା ଭଳି ଲେଖା ବା କାର୍ଯ୍ୟ ସେ କେବେ ହେଲେ କରୁନଥିଲେ। ତାଙ୍କ ଗଳ୍ପ ଉପନ୍ୟାସରେ ଏହି ଉଦାର ଦୃଷ୍ଟିଭଙ୍ଗୀ ପ୍ରକଟିତ ହୋଇଥିଲା। ସେହି କାରଣରୁ ସେ ଥିଲେ ଓଡ଼ିଶାର ଅଜାତଶତ୍ରୁ, ସାହିତ୍ୟିକ ଏବଂ ସଂପାଦକ।

# ଓଡ଼ିଆ ସାହିତ୍ୟର ଉଜ୍ଜ୍ୱଳ ଜ୍ୟୋତିଷ୍କ-ସାତକଡ଼ି ହୋତା



ସୁପ୍ରଭା ରାୟ
ମୁଖ୍ୟ ସଂପାଦିକା 'କଥା କଳିକା'

ସାତକଡ଼ି ବାବୁଙ୍କ ଦେହାନ୍ତ ଖବର ଶୁଣି ଦୁଃଖରେ ଅଭିଭୂତ ହୋଇଗଲି। ଓଡ଼ିଆ ସାହିତ୍ୟ ପାଇଁ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ତାଙ୍କ ପତ୍ନୀ (ଗୀତା ହୋତା)ଙ୍କ ସଂପାଦିତ ଅମୃତାୟନରେ ମୁଁ ଦୀର୍ଘ ବର୍ଷ ଧରି ଲେଖିଆସୁଛି। ପୂଜା ସମୟ ହୋଇଗଲେ ଗୀତା ହୋତା କିମ୍ବା ସାତକଡି ବାବୁଙ୍କଠୁ ପ୍ରଥମେ ଫୋନ ଆସେ ଲେଖା ଦେବା ପାଇଁ। ଅମୃତାୟନରେ ଯେ ମୋ ପାଇଁ ଜାଗାଟିଏ ସଂରକ୍ଷିତ ଅଛି ଏକଥା ଜାଣି ଖୁବ୍ ଖୁସି ଲାଗେ। ତେଣୁ ମୁଁ ମୋ ଲେଖାଟି ଠିକ୍ ସମୟରେ ତାଙ୍କ ପାଖକୁ ପଠାଇଦିଏ। ତାଙ୍କ ଘରେ ସାହିତ୍ୟ ସଭା ସବୁ ହେଲେ ଯୋଗଦେବା ପାଇଁ ମୋତେ ନିମନ୍ତ୍ରଣ କରନ୍ତି। ମୁଁ ଥରେ ଦୁଇଥର ଯାଇ ଯୋଗ ଦେଇଛି। ଖୁବ୍ ଶୃଙ୍ଖଳିତ ଭାବେ ସେ ଓ ଗୀତା ନାନୀ ତାକୁ ପରିଚାଳନା କରନ୍ତି। ସାହିତ୍ୟ ଏକାଡେମୀର ସଭାପତି ଥିଲାବେଳେ ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ ସେ ତାଙ୍କର ସର୍ବୋତ୍ତମ ଚେଷ୍ଟା କରିଥିଲେ। ଏକାଡେମୀ କ୍ଷେତ୍ରରେ ନୂତନ ଚିନ୍ତାଧାରା ସହ ଖାପଖୁଆଇ ସର୍ଜନା ଧାରାରେ କଣ ସବୁ ପରିବର୍ତ୍ତନ କରାଯିବ ତାହା ସେ ଚିନ୍ତା କରି ମତାମତ ଉପସ୍ଥାପନା କରୁଥିଲେ। ରେଳ ସଂସ୍ଥାରେ ଉଚ୍ଚ ପଦବୀରେ ଥାଇ ମଧ୍ୟ ସେ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଭୁଲୁନଥିଲେ। ଯେତେବେଳେ ଯିଏ ତାଙ୍କ ପାଖକୁ ସାହାଯ୍ୟ ପାଇଁ ଯାଏ ସେ ନିଶ୍ଚୟ ସାହାଯ୍ୟ କରନ୍ତି। ସାହିତ୍ୟରେ ସେ ଥିଲେ ଜଣେ ନିର୍ମଳ ବ୍ୟକ୍ତିତ୍ୱ। ସେ ରଚନା କରିଛନ୍ତି ଅନେକ କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଏବଂ ସ୍ତମ୍ଭ ଇତ୍ୟାଦି। ଓଡ଼ିଆ ସାହିତ୍ୟ ଏକାଡେମୀ ଏବଂ ଅନ୍ୟାନ୍ୟ ଅନେକ ପୁରସ୍କାର ସେ ହାସଲ କରିଛନ୍ତି ନିଜ କାଳଜୟୀ ଲେଖନୀ ସମୂହ ପାଇଁ। ସମୟର ସଂପାଦକ ଦାୟିତ୍ୱକୁ ସେ ସୂଚାରୁ ରୂପେ ନିର୍ବାହ କରୁଥିଲେ ଅଦ୍ୟାବଧି। ତାଙ୍କ ନିଧନ ଓଡ଼ିଆ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କର ସ୍ୱଚ୍ଛ ନିର୍ମଳ ସ୍ୱଭାବ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ଅମୃତାୟନ ପତ୍ରିକାରେ ପ୍ରବୀଣ ଲେଖକ ସହ ଯୁବପିଢିଙ୍କୁ ମଧ୍ୟ ସେ ଅଗ୍ରାଧିକାର ଦେଉଥିଲେ। କେବଳ ତାଙ୍କରି ଆଗ୍ରହ ଏବଂ ସଦିଚ୍ଛା ଯୋଗୁଁ ଦୀର୍ଘ ବର୍ଷ ଧରି ଅମୃତାୟନ ପତ୍ରିକା ଚାଲିଆସୁଛି। ସାତକଡ଼ି ବାବୁ ଥିଲେ ବିରଳ ବ୍ୟକ୍ତିତ୍ୱର ଅଧିକାରୀ। ଏ ଧରାଧାମରେ ତାଙ୍କ ପରି ବ୍ୟକ୍ତି ଜନ୍ମ ନେବା ଏକ ସଂଯୋଗ ବ୍ୟତୀତ କିଛି ନୁହେଁ। ତାଙ୍କର ଦେହାନ୍ତ ମନରେ ଅସରନ୍ତି ଦୁଃଖ ଦେଇଛି। ସେ ପରିଣତ ବୟସରେ ଏବଂ ଚଲାବୁଲା ଅବସ୍ଥାରେ ଇହଧାମ ତ୍ୟାଗ କରିଥିବାରୁ ଏହା ତାଙ୍କ ପ୍ରତି ଈଶ୍ୱରଙ୍କ ବରଦାନ ହିଁ କୁହାଯିବ। ତାଙ୍କ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଛି ଏବଂ ତାଙ୍କ ଶୋକସନ୍ତପ୍ତ ପରିବାରକୁ ଆନ୍ତରିକ ସମବେଦନା ଜଣାଉଛି। ▯▯▯

# ସାହିତ୍ୟର ଅଣନିଶ୍ୱାସୀ ଆବର୍ତ୍ତରୁ ବାହାରି ଆସିଥିବା ପୁଲାଏ ଫଗୁଣ ପବନ...

## ସାରସ୍ୱତ ପୁରୁଷଙ୍କୁ ଶବ୍ଦ ପ୍ରଣାମ



ପ୍ରଫେସର ସଂଘମିତ୍ରା ମିଶ୍ର
ବିଶିଷ୍ଟ ଲେଖିକା
ପ୍ଲଟ-ବି-୩୫, ଶହୀଦ ନଗର
ଭୁବନେଶ୍ୱର ୭୫୧୦୦୭

ପୂଜନୀୟେଷୁ, ଆଭୂମ ପ୍ରଣାମ। ଆଜିଯାଏ ସାମନାରେ ଠିଆ ହୋଇ କିଛି ସମ୍ବୋଧନ କରିପାରି ନାହିଁ। ତେଣୁ ସେ ଧୃଷ୍ଟତା ଆଉ କରୁନି। ଗୀତା ନାନୀ କିନ୍ତୁ ସର୍ବଦା ଗୀତାନାନୀ- ଜୀବନୀ ଶକ୍ତିରେ ଛଳଛଳ ସ୍ନେହୀ ମଣିଷଟିଏ। ଆପଣ ପରିଣତ ବୟସରେ ଦେହତ୍ୟାଗ କଲେ। ଆମେ କିନ୍ତୁ ମୁରବୀ ହରାଇଲୁ। ଆପଣଙ୍କ ଉପସ୍ଥିତି ହିଁ ଗୋଟିଏ ସଭାକୁ ମର୍ଯ୍ୟାଦାବନ୍ତ କରୁଥିଲା। ଆପଣଙ୍କ କଥା କେଇପଦ ଥିଲା ଖୁବ୍ ମୂଲ୍ୟବାନ, ଆପଣ ଜୀବନାନୁଭବରେ ଥିଲେ ଧନୀ। ମୟୂରଭଞ୍ଜରେ ଜନ୍ମ ଆପଣଙ୍କର। ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜରେ ଶିକ୍ଷା। ପୁଣି ପୁରୀ କଲେଜ ଓ ମଧୁସୂଦନ ଆଇନ କଲେଜ। ରାଜନୀତିରେ ଆପଣଙ୍କର ସଂପୃକ୍ତି ଥିଲା।

ଆପଣ ଖୋର୍ଦ୍ଧାରୋଡ (ଜଟଣୀ)ରେ ଡିଭିଜନାଲ ସୁପରିଟେଣ୍ଡେଣ୍ଟ ଥିଲାବେଳେ ମୋ ନାନୀ (କୃଷ୍ଣବଲ୍ଲଭୀ ରଥ) ଘରକୁ ଆସନ୍ତି। ଆପଣ ଦିଜଣ କେମିତି ଦିଶନ୍ତି ମୁଁ କହିପାରିବିନି କିନ୍ତୁ ମୁଁ ଚାହିଁରହିଥାଏ ସେଇ ଦମ୍ପତିଙ୍କୁ ଯେଉଁମାନେ ଧୀର କଥା କହି ଆମକୁ ଆକୃଷ୍ଟ କରୁଥାନ୍ତି। ଗୀତାନାନୀଙ୍କର ସମାଜସେବା କାର୍ଯ୍ୟ ମଧ୍ୟ ସେଠାରେ ପରିବ୍ୟାପ୍ତ ଥିଲା। ଆପଣ କବିତା ଲେଖୁଥିଲେ। ତାପରେ ଲେଖିଲେ ରାଶି ରାଶି ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଓ ସଂପାଦକୀୟ। ମାନନୀୟ ପ୍ରତିଭା ଅପା(ପ୍ରତିଭା ରାୟ) କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଶା ଶାଖାର କନ୍‌ଭେନର ଥିଲାବେଳେ ଆପଣ ଥିଲେ ଉପଦେଷ୍ଟା ମଣ୍ଡଳୀର ସଭ୍ୟ। ମୋର ସୌଭାଗ୍ୟ ମୁଁ ବି ଉପଦେଷ୍ଟା ମଣ୍ଡଳୀରେ ଥିଲି ଓ ଆପଣଙ୍କ ସାଂଗରେ କାମ କରିବାର ସୁଯୋଗ ମୋତେ ମିଳିଥିଲା। ସବୁଠାରେ କିନ୍ତୁ ଆପଣଙ୍କର ଅଭିଭାବକ ସୁଲଭ ମାନସିକତା ଆମକୁ କାମ କରିବାକୁ ଅନୁପ୍ରେରିତ କରୁଥିଲା।

ଆପଣଙ୍କର ଅଭିନନ୍ଦନ ଗ୍ରନ୍ଥ 'ସାରସ୍ୱତ ସବ୍ୟସାଚୀ'ର ଉଦ୍‌ଘାଟନରେ ମୁଁ ମଞ୍ଚରେ ଥିଲି। ସେଦିନ ୭/୧୦/୨୦୦୫ ତାରିଖ ଥିଲା। ମୋ ପାଖରେ ଥିବା ବହିରେ ସେଦିନର ଅତିଥି ବୈଦ୍ୟନାଥ ମିଶ୍ର, ସଂପାଦକ ସୌରୀବନ୍ଧୁ କର ଓ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଦସ୍ତଖତ ସହିତ ଆପଣଙ୍କ ଦସ୍ତଖତ ରହିଛି। ମୁଁ ଆପଣଙ୍କର ମୁକ୍ତିମନ୍ତ୍ର, ଜନନୀ ଜନ୍ମଭୂମି ଓ ରାଜଧାନୀର ରଙ୍ଗ ବହି ପଢିଛି। ଗାନ୍ଧୀ ଗୋପବନ୍ଧୁଙ୍କ ତ୍ୟାଗପୂତ ଆଦର୍ଶ ସହିତ ସାଂପ୍ରତିକ ଜୀବନ ଚର୍ଯ୍ୟାର ଏକ ସୂକ୍ଷ୍ମ ତୁଳନା ଏଥିରେ ଅନୁଭୂତ ହୁଏ। 'ଆପଣଙ୍କର ମୋ ସମୟ ଓ ମୁଁ କାହିଁକି ଲେଖେ ମଧ୍ୟ ଖୁବ୍ ଭାବପ୍ରବଣ କରିଥାଏ। ଅନେକ ଥର ଆପଣଙ୍କ ଘରେ ଜଗନ୍ନାଥ ପାଣିଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଥାଏ। ମୁଁ ନିହାତି ୪/୫ ଥର ସେଠାରେ ପ୍ରବନ୍ଧ ପଢିଛି ଓ ଗୀତାନାନୀଙ୍କ ପ୍ରଦତ୍ତ ଖାଦ୍ୟରେ ପେଟ ଭର୍ତ୍ତି କରି ଘରକୁ ଫେରିଛି। ତାଙ୍କର 'ପରୋପକାରାୟ ପୁଣ୍ୟାୟ' ପ୍ରବନ୍ଧ ବହି ମଧ୍ୟ ଉଦ୍‌ଘାଟିତ ହୋଇଥିଲା ଏକ ଘରୋଇ ପରିବେଶରେ। ଆପଣ ଥିଲେ ସଭାପତି। ମୁଁ ପ୍ରତିଭାଅପାଙ୍କ ପାଖରେ ବସି ବହି ବିଷୟରେ ଦି ପଦ କହିଥିଲି। ଯୁଗଶ୍ରୀ ଯୁଗନାରୀର ସଂପାଦିକା ଶ୍ରଦ୍ଧେୟା ମମତାଙ୍କ ସହିତ ପ୍ରାୟ ପ୍ରତିବର୍ଷ ଯାଏ ନବମାତୃକା ପୂଜା ଓ ବାର୍ଷିକ ଉତ୍ସବର ନିମନ୍ତ୍ରଣ ଦେବାକୁ। ଆପଣ ଭାରି ଖୁସି ହୁଅନ୍ତି। ଗୀତାନାନୀ ତରତରରେ ଖାଇବା ଜିନିଷ ଆଣି 'ହାତରେ ଧରିଥାଅ, ଖାଇ ଖାଇ ଚାଲିଯିବ' କହନ୍ତି। ଆପଣ ନବମାତୃକା ପୂଜାରେ ନିଶ୍ଚୟ ଉପସ୍ଥିତ ରହନ୍ତି ଓ ନଅଜଣ ସମ୍ବର୍ଦ୍ଧିତା ମାଆଙ୍କୁ ସାହିତ୍ୟ ଏକାଡେମୀ ପ୍ରକାଶିତ ଭାଗବତ ଗ୍ରନ୍ଥ ଉପହାର ଦିଅନ୍ତି। ଆପଣ ଅସୁସ୍ଥ ହେଲାପରେ ସେ ପରମ୍ପରା ଆଉ ରହିଲା ନାହିଁ। ଏବେ ଭାଗବତ ମଧ୍ୟ ଦୁର୍ଲଭ ହେଲାଣି।

ଆପଣ ଭୁବନେଶ୍ୱର ପୁସ୍ତକ ମେଳାର ସଭାପତି ଥିଲେ। ଲେଖକ ସାମ୍ମୁଖ୍ୟର ସଭାପତି ଥିଲେ। ପରିଣତ ବୟସରେ ଆପଣ 'ସମୟ' ଖବରକାଗଜର ସଂପାଦକ ମଧ୍ୟ ହେଲେ। ଆପଣଙ୍କ ପରିଚୟ ଦେଇ କିଏ ଜଣେ କହିଥିଲେ 'ସାତକଡ଼ି ବାବୁଙ୍କ ଭଳି ଭଦ୍ରଲୋକ ଖବରକାଗଜର ସଂପାଦକ ହେବା ଏକ ବିରଳ ଘଟଣା'। ସତରେ ଆପଣ ଥିଲେ ମିତଭାଷୀ ମାତ୍ର ଦୃଢଚେତା। ସିଧାସଳଖ ଆପଣ କହୁଥିଲେ 'ପ୍ରବନ୍ଧ ଆଉ ଲେଖା ହେଉନାହିଁ'। ଆପଣ ସଂପାଦକୀୟ ଗୁଡିକରେ ମଧ୍ୟ ଥିଲା ସେହି ଦୃଢତାର ପ୍ରତିଫଳନ।

ଆପଣଙ୍କ ସାନ ଝିଅ ସୁଚେତା ରମାଦେବୀରେ ପଢୁଥିବା ବେଳେ ମୁଁ ଥିଲି ତାର ଅଧ୍ୟାପିକା। ଆପଣ ନିଜ ପୁଅଝିଅ ଏପରିକି ନାତି ବ୍ରତଘରରେ ଆମ ଘରକୁ ଆସି ଆମ ଦିଜଣଙ୍କୁ ନିମନ୍ତ୍ରଣ କରୁଥିଲେ। ତେଣୁ ନ ଯାଇ ଉପାୟ ନଥିଲା। ଆପଣ ଥିଲେ ବନ୍ଧୁବତ୍ସଳ। ଓଡ଼ିଶାର ଇତିହାସ ସଂପର୍କରେ ଅନେକ ତଥ୍ୟ ଆପଣଙ୍କ ଭାଷଣରେ ଆମେ ଶୁଣୁଥିଲୁ। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟମାନ୍ୟତା ଦେବାରେ ଯେଉଁ କେତେଜଣ ନିରବଚ୍ଛିନ୍ନ ଉଦ୍ୟମ କରିଥିଲେ ସେମାନଙ୍କ ଭିତରେ ଆପଣଙ୍କ ନାମ ସସମ୍ମାନେ ଉଚ୍ଚାରିତ ହେଉଥିଲା। ସମୟଜ୍ଞାନ ଥିଲା ଆପଣଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସଭା ଆରମ୍ଭ ସମୟକୁ ଆପଣ ନିଶ୍ଚୟ ଯାଇ ଉପସ୍ଥିତ ହେଉଥିଲେ। ଯେତେଥର ଆପଣଙ୍କୁ ଯେଉଁ ସଭାକୁ ଡାକିଛୁ ଆପଣ ନିଶ୍ଚୟ ଆସିଛନ୍ତି। 'ସଂଘମିତ୍ରା ଡାକୁଛି, ନ ଯାଇ ଉପାୟ ଅଛି ?' ଏ ଥିଲା ଆପଣଙ୍କ ସଦିଚ୍ଛା।



ଅ । ଉ
ସେହି ସ୍ୱର
ଶୁଭିବ ନାହିଁ। କେହି ସୁଖ ଦୁଃଖରେ ଫୋନ କରି ଟିକିଏ ସମବେଦନା ପ୍ରକାଶ କରିବ ନାହିଁ। ଆପଣଙ୍କ ମରଦେହ ମାଟିରେ ମିଶିଯାଇଛି। ଆପଣ କିନ୍ତୁ ବଂଚିରହିବେ ଆମ ଚେତନାରେ, ଆମ ଭାଷା ସାହିତ୍ୟର ସିଦ୍ଧି ଆଉ ସାମର୍ଥ୍ୟରେ। ଆପଣଙ୍କର ଆଶୀର୍ବାଦର ହାତ ରହିଥିବ ଆମ ମଥା ଉପରେ। ଜୀବନସାରା ଲେଖା ପଢା ଓ ସଂଗଠନ କାମରେ କଟାଇଥିବା ଆପଣଙ୍କ ପରି ଜଣେ ଦିବ୍ୟାତ୍ମାଙ୍କ ଚରଣ ତଳେ କୋଟି ପ୍ରଣାମ ଜଣାଉଛି। ▯▯▯

## ବିଦାୟ ଅଜାତଶତ୍ରୁ



ଦୁର୍ଗା ଚରଣ ଷଡ଼ଙ୍ଗୀ
କାର୍ଯ୍ୟନିର୍ବାହୀ ସଂପାଦକ 'କଥା କଳିକା'
ମୋ : ୯୪୩୮୫୩୫୫୭୭

ମଣିଷ ଜୀବନ ଯଥାର୍ଥରେ ଅସୀମ ଅନନ୍ତ ଏବଂ ଅଲୌକିକ। ଜୀବନ ଗୋଟିଏ ପ୍ରବାହମାନ ନଈର ଧାରାପରି ସ୍ୱଚ୍ଛ, ଶୀତଳ, ତୃଷ୍ଣା ନିବାରକ। ଜୀବନକୁ ଭୋଗ କରିବା ସମସ୍ତ ଭାଗ୍ୟରେ ଜୁଟେ ନାହିଁ। ଅନେକାନେକ ଚେତନଶୀଳ ମଣିଷ କିନ୍ତୁ ସେମାନଙ୍କର ପ୍ରଜ୍ଞାବଳରେ ଗତିଶୀଳ ଏହି ନଶ୍ୱର ଜୀବନକୁ ଆନନ୍ଦମୟ କରି ମରଣକୁ ଭେଟନ୍ତି। ସେ ମରଣରେ ଦ୍ୱିଧା ନଥାଏ। କାରଣ ବୁଦ୍ଧିବାଦୀ ମଣିଷ ଟି ଯତ୍‌ପୋରୋନାସ୍ତି ଚେଷ୍ଟା କରି ମାୟା-ମୋହ-ଅସୂୟା-ଅବସୋସର ଅର୍ଗଳିକୁ ଡେଇଁ ଯିବା ପାଇଁ ଅବଶ୍ୟ ସାଧ ମତେ ଚେଷ୍ଟା କରି ଥାନ୍ତି ଓ ସଫଳ ମଧ୍ୟ ହୁଅନ୍ତି। ସେଭଳି ଗୋଟିଏ ସୁନ୍ଦର ଆନନ୍ଦମୟ ଜୀବନ ନେଇ ଜିଉଁ ଥିଲେ ପ୍ରଣମ୍ୟ ସାତକଡ଼ି ହୋତା। ସମସାମୟିକ ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତିର ସେ ଥିଲେ କୁଳ ପୁରୁଷ-ଅଜାତ ଶତ୍ରୁ। ଆମ ଓଡ଼ିଆ ସାହିତ୍ୟରେ ଚଳିତ ଶତାବ୍ଦୀରେ ଅନେକ ସୃଜନଶୀଳ ସାଧକ ଜନ୍ମ ନେଇଛନ୍ତି। ସେମାନେ ସେମାନଙ୍କର ଶ୍ରେଷ୍ଠ କୃତି ମାନ ଆମ ମାନଙ୍କ ସମ୍ମୁଖରେ ଛାଡି ଯାଇଛନ୍ତି, କେବଳ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ନୁହେଁ ବରଂ ଗୋଟିଏ ନବୀନ ପିଢିକୁ ସାହିତ୍ୟରେ ମାର୍ଗ ଦର୍ଶନ କରାଇ, ସମୃଦ୍ଧ ଓଡ଼ିଆ ସାହିତ୍ୟକୁ ଆଉ ପାଦେ ଆଗକୁ ନେଇ ଯିବା ପାଇଁ ସସ୍ନେହ ଉପଦେଶ ମାନ ଦେଇଯାଇଛନ୍ତି। ସେହି ଦିବଂଗତ ପ୍ରଣମ୍ୟ ସାଧକମାନଙ୍କ ମଧ୍ୟରେ ଖୁବ୍ ଉଜ୍ଜ୍ୱଳ ଦେଖାଯାଇ ଥାନ୍ତି ସାତକଡ଼ି ହୋତା ମହାଶୟ। ରାଶି ରାଶି କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ସ୍ତମ୍ଭମାନ ରଚନା କରିବା ସହିତ ଭାଷା ସଂସ୍କୃତି ଆନ୍ଦୋଳନ, ବିଚ୍ଛିନ୍ନାଞ୍ଚଳ ମିଶ୍ରଣ, ପୁସ୍ତକ ମେଳା ଆନ୍ଦୋଳନ ଆଦି ବହୁ ସାମାଜିକ ଓ ଜାତୀୟ କର୍ମମାନଙ୍କରେ ତାଙ୍କ ସଂପୃକ୍ତିର ପଟାନ୍ତର ନାହିଁ। ଓଡ଼ିଆ ଭାଷାର ଶାସ୍ତ୍ରୀୟ ସ୍ୱୀକୃତି ଲାଭ ପଛରେ ତାଙ୍କରି ଅମୃତ ହସ୍ତ ହିଁ ପ୍ରଥମେ ବନ୍ଧୁମାନଙ୍କୁ ନେଇ ଏକ ଜାଗରଣ ସୃଷ୍ଟି କରିଥିଲା ଓ ପରିଶେଷରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ସ୍ୱୀକୃତି ଲାଭକରିବାରେ ସଫଳ ହେଲା। ସାହିତ୍ୟିକ ଅନେକ ମାତ୍ର ସାହିତ୍ୟିକ ବ୍ୟକ୍ତିତ୍ୱ ଏ ସମାଜ ବ୍ୟବସ୍ଥାରେ ମିଳିବା ଦୁର୍ଲ୍ଲଭ। ଅନ୍ୟ ଯେ କୌଣସି ଯଶ ଅର୍ଥ ପ୍ରତିପତ୍ତି ଖୋଜୁଥିବା ସାହିତ୍ୟିକଟିଏ ସାହିତ୍ୟିକ ନମସ୍ୟ ସାତକଡି ହୋତାଙ୍କ ଅସାଧାରଣ ବ୍ୟକ୍ତିତ୍ୱ ଆଗରେ ତୁଚ୍ଛ। ଯଥାର୍ଥରେ କହିବାକୁ ଗଲେ ଆନନ୍ଦମୟ ସାହିତ୍ୟକୁ ନିରନ୍ତର ଅବରୋଧ କରୁଥିବା ଝିଙ୍ଗାସ ପବନ, ଶ୍ୱାସରୋଧ ବ୍ୟବସ୍ଥା ଭିତରୁ ଅଣନିଶ୍ୱାସୀ ହୋଇ ବାହାରି ଆସିଥିବା ସେ ପୁଲାଏ ଫଗୁଣ ପବନ। ସଦା ହସ ହସ, ନିରଳସ, ପ୍ରାପ୍ତିର ନ୍ୟୁନତମ ଆଗ୍ରହ ବି ତାଙ୍କ ବ୍ୟକ୍ତିତ୍ୱରେ ନଥିଲା। ସେ ଆମ ସାହିତ୍ୟିକ ମୁକ୍ତିମଣ୍ଡପର ଥିଲେ ବାଗ୍ମୀ ପୁରୁଷ-ଅଜାତ ଶତ୍ରୁ।
ଅନିତ୍ୟ ସଂସାରରେ ଜନ୍ମ-ମରଣ ନିତ୍ୟ ଖେଳତ ଚାଲିଛି। ସେଥିରୁ ମଣିଷ ବା ବାଦ ପଡିବ କିପରି ! ମାତ୍ର ଏହି କିଛିକାଳର ଜୀବନରେ ସଂସାର-ସମାଜ ପ୍ରତି ତାଙ୍କର ସସ୍ନେହ ଦୃଷ୍ଟିଭଙ୍ଗୀ ଓ ଅତୁଳନୀୟ ସୃଜନ ଅବଦାନ ତାଙ୍କୁ ଅମର କରି ରଖିବ। ଶ୍ରଦ୍ଧାଶୀଳ ଏହି ଦେବୋପମ ସାରସ୍ୱତ ସାଧକ ତାଙ୍କର ବିନୟଭାବ-ବନ୍ଧୁତ୍ୱ-ସହଭାଗିତା ପାଇଁ କାଳ କାଳକୁ ମନେ ରହିବେ। ସୁଦୀର୍ଘ ସାତ ଦଶନ୍ଧିଧରି ତାଙ୍କ ଦ୍ୱାରା ସୃଷ୍ଟ ସାରସ୍ୱତ କର୍ମମାନ ସମଗ୍ର ଓଡ଼ିଆ ଗୁଣଗ୍ରାହୀ ପାଠକଙ୍କୁ ବାନ୍ଧିରଖିଥିଲା। ଆଜି ତାଙ୍କ ଅବର୍ତ୍ତମାନରେ ମନେହୁଏ ଜଣେ ସାରସ୍ୱତ ସାଧକ ଯେପରି ସାତକଡି ହୋତାଙ୍କ ପରି ଜଣେ ଗୁଣୀ-ନମ୍ର-ବାଗ୍ମୀ-ପରୋପକାରୀ ବନ୍ଧୁ ତଥା ଅଗ୍ରଜଙ୍କୁ ହରାଇ ବସିଲା। ଏହି ଅବସରରେ ସେହି ମହାନ ଆତ୍ମାଙ୍କ ଦିବ୍ୟଗତି ଲାଭ ପାଇଁ ଈଶ୍ୱରଙ୍କ ନିକଟରେ ବିନୀତ ପ୍ରାର୍ଥନା କରୁଛି। ▯▯▯

## ଓଡ଼ିଆ ସାହିତ୍ୟର ବିରଳ ଏବଂ ବଳିଷ୍ଠ ବ୍ୟକ୍ତିତ୍ୱ
## ସାତକଡ଼ି ହୋତା

ଓଡ଼ିଆ ସାହିତ୍ୟର ଏକ ବିରଳ ଏବଂ ବଳିଷ୍ଠ ବ୍ୟକ୍ତିତ୍ୱ ଶ୍ରୀଯୁକ୍ତ ସାତକଡ଼ି ହୋତା ବିଗତ ସାତ ଦଶନ୍ଧି ଧରି ଲେଖନୀ ଚାଳନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଆସିଛନ୍ତି । ମୟୂରଭଞ୍ଜରେ ଜନ୍ମିତ ଶ୍ରୀ ହୋତା ପୁରୀ ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟରୁ ଅର୍ଥନୀତିରେ ସମ୍ମାନ ହାସଲ କରି ମଧୁସୂଦନ ଲ'କଲେଜରୁ ଏଲଏଲବି ଡିଗ୍ରୀ ହାସଲ କରିଥିଲେ। ପିଲାଟି ଦିନରୁ ତାଙ୍କ ଭିତରେ ଯେକୌଣସି ଦାୟିତ୍ୱକୁ ପ୍ରତିସ୍ପର୍ଦ୍ଧୀ ଭାବରେ ଗ୍ରହଣ କରିବାର ଅଦ୍ଭୁତ ଯୋଗ୍ୟତା ଭରିରହିଥିଲା। ସେ ମୟୂରଭଞ୍ଜ ଜିଲ୍ଲା ଛାତ୍ର କଂଗ୍ରେସର ସଭାପତି ଏବଂ ଅନ୍ୟାନ୍ୟ ନେତୃତ୍ୱକୁ ସଫଳତାର ସହ ତୁଲାଇଥିଲେ। ପରେ ସେ ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଭାରତୀୟ ରେଳ ସଂସ୍ଥାନରେ ଯୋଗ ଦେଇଥିଲେ। କଲେଜ ପଢିଲାଦିନୁ ସେ ଲେଖାଲେଖି ଆରମ୍ଭ କରିଥିଲେ। ସେ ପ୍ରାୟ ୫୫ରୁ ଅଧିକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ରଚିତ ପୁସ୍ତକ ଗୁଡିକ ମଧ୍ୟରେ ୨୧ଟି ଉପନ୍ୟାସ, ୨୫ଟି କ୍ଷୁଦ୍ରଗଳ୍ପ ସଂକଳନ, ଗୋଟିଏ କବିତା ସଂକଳନ, ୪ଟି ପ୍ରବନ୍ଧ ସଂକଳନ, ଏନବିଟି ଏବଂ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରଦତ୍ତ ଅନେକ ପୁସ୍ତକର ହିନ୍ଦି ଓ ଇଂରାଜୀରେ ଅନୁବାଦ ପୁସ୍ତକ ରହିଛି। ସାହିତ୍ୟ ବ୍ୟତୀତ ସେ ସଂପାଦନା କ୍ଷେତ୍ରରେ ମଧ୍ୟ ଅନେକ ଦାୟିତ୍ୱ ତୁଲାଇଛନ୍ତି। ଓଡ଼ିଆ ଦୈନିକ 'ସମୟ'ର ସଂପାଦକ ହିସାବରେ ଶେଷ ଜୀବନ ଯାଏ କାର୍ଯ୍ୟ କରୁଥିଲେ। ସେ ଦୀର୍ଘ ତିନି ବର୍ଷ ଧରି ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହିସାବରେ ଦାୟିତ୍ୱ ତୁଲାଇଛନ୍ତି। ଏହା ବ୍ୟତୀତ ସେ ଭୁବନେଶ୍ୱର ପୁସ୍ତକମେଳାର ସଭାପତି,ଲେଖକ ସାମ୍ମୁଖ୍ୟର ସଭାପତି, ମୁକ୍ତଚିନ୍ତନ ମଞ୍ଚର ସଭାପତି ଏବଂ ଆହୁରି ଅନେକ ସାରସ୍ୱତ ଅନୁଷ୍ଠାନର ସଭାପତି ଭାବରେ ଦାୟିତ୍ୱ ନର୍ବାହ କରିଛନ୍ତି। ଶ୍ରୀ ହୋତା ନିଜର ଆଜୀବନ ସାହିତ୍ୟ ସର୍ଜନା ପାଇଁ ପାଇଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସାରଳା ସମ୍ମାନ(କଟକ), ସାରଳା ପୁରସ୍କାର, ଡକ୍ଟରେଟ ଇନ ଲିଟରେଚର, ଓଡ଼ିଆ ଚଳଚିତ୍ର ଅରଣ୍ୟ ରୋଦନ ପାଇଁ ବେଷ୍ଟ ଫିଲ୍ମ ଷ୍ଟୋରି ଆୱାର୍ଡ, ପ୍ରାଚୀନ କଳାକେନ୍ଦ୍ର(ଚଣ୍ଡୀଗଡ଼) ଆୱାର୍ଡ ଏବଂ ଏପରି ଆହୁରି ଅନେକ। ଗତ ୧୧ ଫେବୃୟାରୀରେ ତାଙ୍କର ନିଧନ ହୋଇଯାଇଛି । ତାଙ୍କର ଦେହାନ୍ତ ଓଡ଼ିଆ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ଆଜି ତାଙ୍କର ଏକାଦଶାହରେ **'ସମ୍ବାଦ କଳିକା' 'କଥା କଳିକା'** ପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଏକ ବିଶେଷ ପ୍ରତିବେଦନ...



## ମୋ ପାଇଁ ଥିଲେ ସେ ଦିବ୍ୟ ପୁରୁଷ...



ଲକ୍ଷ୍ମୀ ଚାନ୍ଦ୍
ବରିଷ୍ଠ ସହ ସଂପାଦିକା
'ସମ୍ବାଦ କଳିକା'

**୨୦୧୭,** ଜୁଲାଇ ୧୨ ତାରିଖରେ ସମ୍ବାଦ କଳିକାରେ ସାତକଡି ସାରଙ୍କ ଏକ ସାକ୍ଷାତକାର ପାଇଁ ମୁଁ ତାଙ୍କ ଘରକୁ ଯାଇଥାଏ। ସମୟ ଥିଲା ଦିନ ୪ଟା। ସେ ବେଶ୍ ସାବଲୀଳ ଭାବେ ଉତ୍ତର ସବୁ ଦେଉଥାନ୍ତି। ମୁଁ ଲେଖୁଥାଏ। ସେ ଯେତିକି ଧୀରସ୍ଥିର, ଧ୍ୟାନ ମୁଦ୍ରାରେ ବସି ଡାକୁଥାନ୍ତି ମୁଁ ସେତିକି ଚଳଚଞ୍ଚଳ ଏବଂ ଅସ୍ତବ୍ୟସ୍ତ ହୋଇ ଲେଖୁଥାଏ। ଲେଖୁଥାଏ ସିନା ଝରକା ଆଡେ ବାରମ୍ବାର ଚାହୁଁଥାଏ। ସେ ତାଙ୍କ ଧ୍ୟାନ ମୁଦ୍ରାରୁ ଥରେ ଅଧେ ମୋତେ ଚାହିଁ ମୋର ବ୍ୟସ୍ତତାର କାରଣ ଜାଣିବାକୁ ଚାହିଁଲେ-ଆସିଲାବେଳୁ ଝର୍କା ଆଡେ କଣ ଦେଖୁଛ ? ମୁଁ ଧୀରେ କହିଲି-ସାର ବର୍ଷା। ସେ ହସିଲେ। କହିଲେ ବର୍ଷାକୁ ସବୁ ଲେଖକ ଭଲପାଆନ୍ତି। କିନ୍ତୁ ସାର୍ ବର୍ଷା ମୋ ପାଇଁ ବର୍ତ୍ତମାନ ଚିନ୍ତାର କାରଣ-ମୁଁ କହିଲି। ତାଙ୍କର ଉତ୍ସୁକତା ବଢିଲା। ପଚାରିଲେ କାହିଁକି ? ମୁଁ କହିଲି-ସାର୍ ମୁଁ କଟକ ଯିବି ତ, ମୋ ଗାଡ଼ି ସମୟ ବି ହୋଇଗଲାଣି। ଯେତେଯୋର କଳାହାଣ୍ଡିଆ ମେଘ ଉଠାଇଛି ଓ ଘଡଘଡି ମାରୁଛି ମୋତେ ଭୟ ଲାଗୁଛି। ଏଥର ମୋର ସାରା ଚିନ୍ତା ସାର୍‌ଙ୍କୁ ଘାରିଲା। ସେ ଖୁବ୍‌ଶୀଘ୍ର ତାଙ୍କ ସାକ୍ଷାତକାର ସାରି ମୋତେ କହିଲେ ଶୀଘ୍ର ଫେରିବାକୁ। ତା ସହ ଭୁବନେଶ୍ୱରରେ କାହିଁକି ରହୁନାହିଁ ଓ ଭଡା ପାଇଁ ଘର ମିଳିଲେ ରହିବିକି ବୁଝି ତାଙ୍କ ଉପର ଘର ଖାଲି ଅଛି, ଯେତେବେଳେ ଚାହିଁଲେ ଆସି ରହିପାରିବି ବୋଲି ଜଣାଇଦେଲେ। ମୁଁ ତ ପୁରା ଖୁସି। ମାତ୍ର ୧୫ଦିନ ଭିତରେ କଟକରୁ ତାଙ୍କ ଘରକୁ ଚାଲି ଆସିଲି। ପୁରା ୬ ବର୍ଷ ତାଙ୍କ ଘରେ ରହି ତାଙ୍କ ନିକଟତର ହେବାର ସୌଭାଗ୍ୟ ଲାଭ କରିଛି।
ପ୍ରଥମଥର ପାଇଁ ଜୀବନରେ ଜଣେ ଶାନ୍ତ, ସୌମ୍ୟ, ବିଜ୍ଞ, ଉଚ୍ଚଆଦର୍ଶ ଯୁକ୍ତ, ନିର୍ମଳ ଭାବମୂର୍ତ୍ତିର ମଣିଷଙ୍କୁ ମୁଁ ଭେଟୁଥିଲି। ଉତ୍ତର ବୟସରେ ମଧ୍ୟ ସେ ଯେପରି ସମୟାନୁବର୍ତ୍ତୀ ଏବଂ କର୍ମଚଂଚଳ ଥିଲେ ତାହା ଅନ୍ୟମାନଙ୍କ ପାଇଁ ପ୍ରେରଣା ନିଶ୍ଚୟ। 'ସମୟ' ଖବର କାଗଜରର ସଂପାଦକ ଥିବା ହେତୁ ସେ ପ୍ରତିଦିନ ଠିକ ଦଶଟା ସୁଦ୍ଧା ପ୍ରସ୍ତୁତ ହୋଇ ଅଫିସରୁ ଆସୁଥିବା ଗାଡିକୁ ଅପେକ୍ଷା କରନ୍ତି। ମୁଁ ରହିବାର ପ୍ରାୟ ୪ବର୍ଷ ଯାଏ ସେ ସମୟ ଅଫିସକୁ ଯାଉଥିଲେ। କରୋନା ସମୟରୁ ଘରେ ରହି ସଂପାଦକୀୟ ଡାକିଦେଉଥିଲେ। ଏହି କାର୍ଯ୍ୟକ୍ରମ ଶେଷ ଯାଏଁ ଚାଲିଥିଲା। ଗୀତା ମାଆ ଚାଲିଗଲା ପରଠୁ ସେ ଅଧିକ ଦୁର୍ବଳ ହୋଇଗଲେ ଓ ପ୍ରାୟ ସମୟ ଅସୁସ୍ଥ ରହିଲେ ଫଳରେ ନୟାପଲ୍ଲୀରେ ରହୁଥିବା ତାଙ୍କ ବଡ ଝିଅ (ସୌମ୍ୟା ରଥ)ଙ୍କ ଘରେ ରହିଲେ। ସେତେବେଳେ ବି ମୁଁ ତାଙ୍କ ଘରେ ରହୁଥିଲି। ତାଙ୍କ ଅନୁପସ୍ଥିତିରେ ସେ ଘର କିନ୍ତୁ ଶ୍ରୀହୀନ ଲାଗୁଥାଏ ଓ ସବୁବେଳେ କାନ୍ଦ କାନ୍ଦ ଲାଗୁଥାଏ। ସେ ମଝିରେ ମଝିରେ ଆସନ୍ତି। ମୁଁ ମଧ୍ୟ ସୌମ୍ୟାନାନୀଙ୍କ ଘରକୁ ତାଙ୍କୁ ଦେଖା କରିବାକୁ ଯାଏ। ତାଙ୍କ ଭଲପାଇବା ଅତୁଳନୀୟ। ମୋତେ ଯେତିକି ଭଲ ପାଆନ୍ତି ମୋ ସ୍ୱାମୀ ଏବଂ ପୁଅକୁ ତାଠୁ ଅଧିକ ଭଲ ପାଆନ୍ତି।
ମୁଁ ରହିଲାଦିନୁ ମୋର ଭଲମନ୍ଦ ସହ ସବୁ କଥା ସେ ବୁଝୁଥିଲେ। ପ୍ରତି ଦିନ ସଂଧ୍ୟାରେ ତାଙ୍କ ପାଖରେ ଯାଇ କିଛି ସମୟ ବସେ। ସାହିତ୍ୟକୁ ନେଇ ଅସରନ୍ତି ଆଲୋଚନା କରନ୍ତି। ଯାହା ପଚାରିଲେ ବୁଝାଇଦିଅନ୍ତି। ବିଭିନ୍ନ ପ୍ରକାର ବହି ଦିଅନ୍ତି ପଢିବା ପାଇଁ। ଜୀବନରେ ବହୁତ କିଛି ଶିଖିଛି ତାଙ୍କଠାରୁ। ତାଙ୍କ ଘରେ ରହିବା ସମୟରେ ମୁଁ ଖୁବ୍ ନିଶ୍ଚିନ୍ତ ଥିଲି। ମୁଣ୍ଡ ଉପରେ ଯେ ଏତେ ବଡ଼ ବରଗଛର ଆଶ୍ରା। ସାହିତ୍ୟିକମାନଙ୍କ ଗହଣରେ ଥିଲେ ସେ କେତେ କର୍ମତତ୍ପର ଥାନ୍ତି ସେକଥା ତାଙ୍କୁ ନ ଦେଖିଲେ କେହି ବିଶ୍ୱାସ କରିପାରିବେନି। ସତେକି ୫୦ ବର୍ଷ ତଳକୁ ଖସିଆସିଛି ତାଙ୍କ ବୟସ। ଯିଏ ଯେତେବେଳେ ସାହାଯ୍ୟ ପାଇଁ ତାଙ୍କ ପାଖକୁ ଯାଆନ୍ତି ଖାଲି ହାତରେ ଫେରନ୍ତି ନାହିଁ। ଥରେ କଥା ଦେଲେ ତାକୁ କୌଣସିମତେ ସାହାଯ୍ୟ କରନ୍ତି।
ସାହିତ୍ୟରେ ଏବେର ପ୍ରିୟାପ୍ରୀତି ତୋଷଣ ନେଇ ସେ ଖୁବ୍ ମର୍ମାହତ ଥିଲେ। ଅନ୍ୟାୟ ବିରୁଦ୍ଧରେ ତାଙ୍କ ସ୍ୱର ତୀବ୍ର ଥିଲା ମାତ୍ର ସେ ସ୍ୱର ଗର୍ଜନ ନ ହୋଇ କୋମଳ ଏବଂ ତୀକ୍ଷଣ ଥିଲା। ଯିଏ ତାଙ୍କ କଥା ବୁଝି ପାରୁଥିଲା ସେ ଦ୍ୱିତୀୟ ଥର କୌଣସି ପ୍ରକାର ଅନ୍ୟାୟ ଅନୀତି କରିବା ପୂର୍ବରୁ ଶହେଥର ଭାବୁଥିଲା। ପ୍ରଶାସନିକ ସ୍ତରରେ ମଧ୍ୟ ବହୁତ କିଛି ପରିବର୍ତ୍ତନର ଆଶା ରଖୁଥିଲେ ସେ। ତାଙ୍କୁ ରାଗିବାର ମୁଁ କେବେ ଦେଖିନାହିଁ। ପ୍ରତ୍ୟେକ କଥାକୁ ଧ୍ୟାନ ଦେଇ ଶୁଣନ୍ତି। ଶୁଣିଲା ପରେ ନିଜର ସୁଚିନ୍ତିତ ମତାମତ ରଖନ୍ତି।
ମୋ ପାଇଁ ସେ ଥିଲେ ଦିବ୍ୟ ପୁରୁଷ। ମୋ ଲେଖା ଉପରେ ତାଙ୍କର ସୁଚିନ୍ତିତ ମତାମତ ଆଜି ମୋତେ ସାହିତ୍ୟ କ୍ଷେତ୍ରରେ ଏତେ ଦୂର ନେଇଛି ଏ କଥା ସ୍ୱୀକାର କରିବାରେ ମୋର ସାମାନ୍ୟ ଦ୍ୱିଧା ନାହିଁ। ତାଙ୍କର ଦେହାନ୍ତ କଥା ମୁଁ ଏବେ ସୁଦ୍ଧା ବିଶ୍ୱାସ କରିପାରୁନାହିଁ। ସେ ଯାହାକୁ ଦେଖନ୍ତି ପ୍ରଥମେ ଯେଉଁ ସୁନ୍ଦର ହସଟି ହସନ୍ତି ତା ସହ ଦୁନିଆର ଆଉ କିଛି ତୁଳନୀୟ ନୁହେଁ। ଶିଶୁ ପରି ସେ ସରଳ ହସ ମୁଁ ସବୁଦିନ ପାଇଁ ହରାଇଲି। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି। ▯▯▯

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସତର୍କ ପ୍ରହରୀ ସାତକଡ଼ି ହୋତା



ପୀତବାସ ରାଉତରାୟ
ସଂପାଦକ, ମୁକ୍ତ ଚିନ୍ତନ ମଞ୍ଚ
ମୋ : ୯୪୩୭୫୭୪୬୪୯

ଶ୍ରୀ ସାତକଡ଼ି ହୋତା ମାତୃଭୂମି ଓ ମାତୃଭାଷାର ଉନ୍ନତି ପାଇଁ ଥିଲେ ପ୍ରତିଶ୍ରୁତିବଦ୍ଧ ପ୍ରତିଭା। ସାହିତ୍ୟ କ୍ଷେତ୍ରରେ ସେ ୬୫ ଖଣ୍ଡ ପୁସ୍ତକର ରଚୟିତା। ସାହିତ୍ୟର ସମସ୍ତ ଦିଗକୁ ସ୍ପର୍ଶ କରି ରଚନା କରିଛନ୍ତି ଗଳ୍ପ, ଉପନ୍ୟାସ, କବିତା, ପ୍ରବନ୍ଧ, ଅନୁବାଦ, ଭ୍ରମଣ କାହାଣୀ ଓ ଆତ୍ମଜୀବନୀ। ସାମ୍ବାଦିକତା କ୍ଷେତ୍ରରେ ସେ ଲେଖିଛନ୍ତି ଅସଂଖ୍ୟ ସ୍ତମ୍ଭ ଓ ଦୈନିକ ଖବର କାଗଜ 'ସମୟ'ର ସମ୍ପାଦକ ଭାବେ ୧୯୯୬ ମସିହାରୁ ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଥିଲେ କାର୍ଯ୍ୟରତ। ସଂଗଠନ କ୍ଷେତ୍ରରେ ସେ ଥିଲେ ଜଣେ ଦକ୍ଷ ସଂଗଠକ। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି, ଓଡ଼ିଶା ଲେଖକ ସମବାୟ ସମିତି, ଲେଖକ ସାମ୍ମୁଖ୍ୟ, ଭୁବନେଶ୍ୱର ପୁସ୍ତକ ମେଳା, ମୁକ୍ତ ଚିନ୍ତନ ମଞ୍ଚ, ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ, ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦଓ ଓଡ଼ିଶା ସଙ୍ଗୀତ ଶାସ୍ତ୍ରୀୟ ମାନ୍ୟତା କମିଟିର ସଭାପତି ଭାବେ କାର୍ଯ୍ୟନିର୍ବାହ କରି ନିଜ କାର୍ଯ୍ୟଦକ୍ଷତାର ପରିଚୟ ଦେଇଛନ୍ତି। 'ଅମୃତାୟନ' ସାହିତ୍ୟ ପତ୍ରିକାର ଉପଦେଷ୍ଟା ରୂପେ ୪୨ ବର୍ଷ ଧରି ସୁଚାରୁରୂପେ ପରିଚାଳନା କରି ଆସିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ନ୍ୟାସନାଲ୍ ବୁକ୍ ଟ୍ରଷ୍ଟର ସଭ୍ୟ ଭାବେ ମନୋନୀତ ହୋଇ ଓଡ଼ିଆ ସାହିତ୍ୟ ପାଇଁ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ପ୍ରଥମ ପ୍ରଚେଷ୍ଟା କରି ସେ ତତ୍‌କାଳୀନ ସଂସ୍କୃତି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟ ଆରମ୍ଭ କରିଥିଲେ। ସାରଳା ଦାସଙ୍କ ମହାଭାରତକୁ ହିନ୍ଦୀରେ ଅନୁବାଦକରାଇ ଜାତୀୟ ସ୍ତରରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଥିବା ସମୟରେ ଦିଲ୍ଲୀରେ ଉନ୍ମୋଚନ କରାଇଥିଲେ। ବିଚ୍ଛିନାଞ୍ଚଳରେ ଓଡ଼ିଆଙ୍କ ଉନ୍ନତି ପାଇଁ ବହୁକାର୍ଯ୍ୟ କରିଥିଲେ। ସେ ଇଂରାଜୀଭାଷାରେ ଓଡ଼ିଶାର ଇତିହାସ ଓ ସଂସ୍କୃତି ସମ୍ପର୍କରେ ଚାରିଟିଗ୍ରନ୍ଥ ପ୍ରକାଶ କରାଇ ତତ୍‌କାଳୀନ ରାଷ୍ଟ୍ରପତିଙ୍କ ଦ୍ୱାରା ଉନ୍ମୋଚିତ କରାଇଥିଲେ। ମିଷ୍ଟଭାଷୀ ଅଜାତଶତ୍ରୁ ସାତକଡ଼ିଙ୍କୁ ସବୁକାର୍ଯ୍ୟରେ ମିଳିଚାଲିଥିଲା ସଫଳତା। ସାହିତ୍ୟ କ୍ଷେତ୍ରରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ, ସାରଳା ପୁରସ୍କାର, ସାରଳା ସମ୍ମାନ, ସାହିତ୍ୟ ଭାରତୀ ସମ୍ମାନ, ଉତ୍କଳ ସାହିତ୍ୟ ସମାଜ ସମ୍ମାନ, ଫକୀର ମୋହନ ପରିଷଦ ପୁରସ୍କାର ତଥା ବହୁ ସମ୍ମାନଜନକ ସଂସ୍ଥା ଦ୍ୱାରା ପୁରସ୍କାର ଓ ସମ୍ମାନପ୍ରାପ୍ତ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ସମ୍ମାନସୂଚକ ଡକ୍ଟରେଟ୍ ଉପାଧିପ୍ରାପ୍ତ। ତାଙ୍କର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଉପନ୍ୟାସ 'ଅଶାନ୍ତ ଅରଣ୍ୟ' ଆଧାରରେ ନିର୍ମିତ ଚଳଚ୍ଚିତ୍ର 'ଅରଣ୍ୟରୋଦନ' ଶ୍ରେଷ୍ଠ କାହାଣୀ ପୁରସ୍କାର ଲାଭ କରିଥିଲା। ଗୋଟିଏ ଅନୁନ୍ନତ ଅଞ୍ଚଳରେ ସାଧାରଣ ପରିବାରରେ ଜନ୍ମଗ୍ରହଣ କରି ଉତ୍କଟ ଦାରିଦ୍ର୍ୟ ସହ ସଂଘର୍ଷ କରି ଶେଷରେ ସର୍ବଭାରତୀୟ ସ୍ତରରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ରେଳବାଇ ଟ୍ରାଫିକ୍ ସେବାରେ ଯୋଗଦେଇ ଦକ୍ଷିଣ-ପୂର୍ବ ରେଳବାଇର ମୁଖ୍ୟ ପ୍ରବନ୍ଧକ ଭାବେ ୧୯୮୭ ମସିହାରୁ ଅବସର ନେଇ ସାହିତ୍ୟ ସାଧନା ଓ ସଙ୍ଗଠନରେ ନିଜକୁ ନିୟୋଜିତ ରଖିଥିଲେ। ରେଳବାଇରେ କାର୍ଯ୍ୟ କରୁଥିବା ସମୟରେ ସେ ଓଡ଼ିଶା ସରକାରଙ୍କ ଶାସନରେ ୧୯୮୦ ରୁ ୧୯୮୫ ମସିହା ପାଞ୍ଚବର୍ଷ କାର୍ଯ୍ୟକରି ବହୁ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରିଥିଲେ। ତା'ମଧ୍ୟରୁ ତାଳଚେର-ସମ୍ବଲପୁର, ରାୟଗଡ଼ା-ଜୟପୁର, ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର, ଯଖପୁରା-ବାଂଶପାଣି, ରୂପ୍‌ସା-ବାଙ୍ଗରିପୋଷି ଆଦି ରେଳଲାଇନ୍ ନିର୍ମାଣ କାର୍ଯ୍ୟ, ମଞ୍ଚେଶ୍ୱରରେ ରେଳଡବା ମରାମତି କାରଖାନା ତାଙ୍କ ସମୟର ପ୍ରଚେଷ୍ଟା। ସେ ମଧ୍ୟ ରେଲୱେ ରିକ୍ରୁଟିମେଣ୍ଟ ବୋର୍ଡକୁ କଲିକତାରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଇଥିଲେ। ଖୋର୍ଦ୍ଧାରୋଡ଼ରେ ଡିଭିଜନାଲ୍ ସୁପରିଟେଣ୍ଡେଣ୍ଟ ଥିବାବେଳେ ଖୋର୍ଦ୍ଧାର ମହିଳା ସମିତି ମାଧ୍ୟମରେ ଜଟଣୀ କଲେଜ, କେନ୍ଦ୍ରୀୟ ବିଦ୍ୟାଳୟ, କୁଷ୍ଠାଶ୍ରମ ଆଦି ପ୍ରତିଷ୍ଠା କରିଥିଲେ। ପତ୍ନୀ ଗୀତା ହୋତାଙ୍କୁ ଜୀବନସାଥୀ ଭାବେ ପାଇ ସେ ସାହିତ୍ୟ, ସଂସ୍କୃତି ଓ ସଙ୍ଗଠନ କାର୍ଯ୍ୟରେ ବହୁ କାର୍ଯ୍ୟ ସମ୍ପାଦନ କରିଥିଲେ। ସବୁକାର୍ଯ୍ୟ କରୁଥିଲେ ସତ, ମାତ୍ର ସାହିତ୍ୟ ଥିଲା ତାଙ୍କର ପ୍ରାଣ। ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ସମୟରେ କବିତା ଲେଖା ଆରମ୍ଭ କରି ଓଡ଼ିଆ ସାହିତ୍ୟକୁ ତାଙ୍କର ସୃଷ୍ଟି ସମ୍ଭାରରେ କରିଛନ୍ତି ବିଚିତ୍ର ବର୍ଣ୍ଣବିଭା ମଣ୍ଡିତ। ସେ ଏକାଧାରରେ ଜଣେ ସୁପ୍ରଶାସକ, ସୁସଙ୍ଗଠକ, ସମାଜସେବୀ, ସମାଜ ସଂସ୍କାରକ ତଥା ଛାତ୍ର ଜୀବନରେ ସୀମା ଆନ୍ଦୋଳନରେ ଯୋଗ ଦେଇଥିବା ନେତା। ଓଡ଼ିଆ ଭାଷା, ସାହିତ୍ୟ ଓ କଳା ସଂସ୍କୃତିର ସତର୍କ ପ୍ରହରୀ। ଓଡ଼ିଆ ସ୍ୱାଭିମାନର ପ୍ରତୀକ। ତାଙ୍କ ବ୍ୟକ୍ତିତ୍ୱକୁ କୌଣସି ମାନଦଣ୍ଡରେ ମାପିବା କଷ୍ଟସାଧ୍ୟ। ସେ ବ୍ୟକ୍ତି ନୁହଁନ୍ତି, ସେ ଥିଲେ ଜଣେ ଅନୁଷ୍ଠାନ। ମାତୃଭୂମି ଓ ମାତୃଭାଷା ପ୍ରତି ତାଙ୍କର ଥିଲା ପ୍ରତିବଦ୍ଧତା ଯାହା ସେ 'ମୁଁ କାହିଁକି ଲେଖେ ?'ରେ ପ୍ରକାଶ କରିଛନ୍ତି ''ପୃଥିବୀର ଖାଦ୍ୟଶସ୍ୟ, ପାଣି ପବନ ମୋତେ ପୁଷ୍ଟ କରିଛି। ସମାଜର ସମ୍ବଳ ଉପଯୋଗ କରି ମୁଁ ବଡ଼ ହୋଇଛି। ସେଇ କାରଣରୁ ସେମାନଙ୍କ ପ୍ରତି ମୋର ପ୍ରତିବଦ୍ଧତା ଓ ଉତ୍ତରଦାୟିତ୍ୱ। ମୁଁ ପ୍ରତିଶ୍ରୁତି ଦେଇଛି ମଣିଷମାନଙ୍କୁ। ସେଇ ଦାନର ପାଳନ କରିବା ପାଇଁ ମୁଁ ଲେଖୁଛି। ତାହା ପୂର୍ଣ୍ଣକରିବା ପାଇଁ ମୋର ଏତେ ସମର୍ଥ ନାହିଁ; ତଥାପି ଗୁଣ୍ଡୁଚିମୂଷା ସେତୁବନ୍ଧ ବାନ୍ଧିବା ପାଇଁ ସେଥିରେ ଯୋଗଦେବା ପରି ମୁଁ ମଧ୍ୟ ସାହିତ୍ୟ ଯେଉଁ ପ୍ରତିଶ୍ରୁତି ମନୁଷ୍ୟକୁ ଦେଇଛି ତାହା ପୂର୍ଣ୍ଣ କରିବା ଦିଗରେ ଉଦ୍ୟମ କରିଚାଲିଛି।'' ▯▯▯

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଫେବୃୟାରୀ୨୦୨୪ ବୁଧବାର













ଭୁବନେଶ୍ୱର : ଗୀତ ଗୋବିନ୍ଦ ସଦନ ପରିସରରେ ଦୁର୍ଗାମାଧମ ସ୍ମୃତି ସଂସଦ ଓ ମାସିକ ସାହିତ୍ୟ ପତ୍ରିକା 'ସମାରୋହ'ର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି ମୁଖ୍ୟଅତିଥି ଆଦିତ୍ୟ ବିରଳା ଗ୍ରୁପର ମୁଖ୍ୟ ସଂତୃପ୍ତ ମିଶ୍ର, ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ, ରାଜ୍ୟ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାଉତରାୟ, ସମାରୋହର ସମ୍ପାଦିକା ଶୈଳରାଣୀ ମିଶ୍ର, ଆବାହକ ରବିନାରାୟଣ ନନ୍ଦ ଓ ଅନ୍ୟମାନେ। ଏହି କାର୍ଯ୍ୟକ୍ରମ ଅବସରରେ ଅମରେଶ୍ ପଟ୍ଟନାୟକଙ୍କୁ ସମାରୋହ ସମ୍ମାନ, ବିଭୁତି ଭୂଷଣ ସେନାପତିଙ୍କୁ ଫକୀରମୋହନ ନନ୍ଦ ସ୍ମାରକୀ ପ୍ରବନ୍ଧ ପୁରସ୍କାର, ଜନ୍ମେଞ୍ଜୟ ବାବୁଙ୍କୁ ରାଧାମାଧବ ସ୍ମୃତି ପୁରସ୍କାର, ଜୟଶ୍ରୀ ପଟ୍ଟନାୟକଙ୍କୁ ଫକୀରମୋହନ ନନ୍ଦ ସ୍ମାରକୀ ରମ୍ୟ ରଚନା ପୁରସ୍କାର, ନୃସିଂହ ବେହେରାଙ୍କୁ ସାରସ୍ୱତ ସାଧନା ପୁରସ୍କାର, ସରୋଜ କୁମାର ସାହୁଙ୍କୁ ଦୁର୍ଗାମାଧବ ସ୍ମାରକୀ ଗଳ୍ପ ପୁରସ୍କାର ଏବଂ ସୁଷମା ମିଶ୍ରଙ୍କୁ ଦୁର୍ଗାମାଧବ ସ୍ମାରକୀ କବିତା ପୁରସ୍କାର ପ୍ରଦାନ କରାଯାଉଛି। (ଫଟୋ : ସମ୍ବାଦ କଳିକା)

## ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବଡ଼ ଘୋଷଣା

**ନୂଆଦିଲ୍ଲୀ, ୨୦।୨**
**ନ୍ୟୁଜ ବ୍ୟୁରୋ**

ବନ୍ଦେ ଭାରତ ଏକ୍ସପ୍ରେସର ସଫଳତା ଦ୍ୱାରା ଅନୁପ୍ରାଣିତ ଅମୃତ ଭାରତ ଏକ୍ସପ୍ରେସ ଜନସାଧାରଣଙ୍କ ଠାରୁ ବହୁତ ଭଲ ପାଇବା ପାଇଛି। ଏହି ଖୁସିରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି, ଅମୃତ ଭାରତ ଟ୍ରେନ ଏକ ବଡ ସଫଳତା ପାଇଛି। ଏହି କାରଣରୁ ପୁଣି ୫୦ ଅମୃତ ଭାରତ ଟ୍ରେନକୁ ଅନୁମୋଦନ କରାଯାଇଛି। ସୋସିଆଲ ମିଡିଆରେ ଏକ ଭିଡିଓ ଟୁଇଟ୍ କରି ରେଳମନ୍ତ୍ରୀ ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ମଧ୍ୟବର୍ତ୍ତୀ ବଜେଟ ପୂର୍ବରୁ ଅଶ୍ୱିନୀ କହିଥିଲେ ଯେ ପ୍ରତିବର୍ଷ ୩୦୦ ରୁ ୪୦୦ ଅମୃତ ଭାରତ ଏକ୍ସପ୍ରେସ ଚାଲିବ। ବର୍ତ୍ତମାନ ଏହି ବଡ ଘୋଷଣା ସହିତ ଏହା ଉପରେ ମୋହର ଲଗାଯାଇଛି।

ଅଶ୍ୱିନୀ ବୈଷ୍ଣବ ତାଙ୍କ ଟୁଇଟରେ ଅମୃତ ଭାରତ ଏକ୍ସପ୍ରେସର ୩୩ ସେକେଣ୍ଡ କ୍ଷୁଦ୍ର ଭିଡିଓ ପୋଷ୍ଟ କରିଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହା ୧.୮୮ ଲକ୍ଷ ଭ୍ୟୁ ପାଇଥିଲା । କମ ମୂଲ୍ୟରେ ସାଧାରଣ ଲୋକଙ୍କୁ ବନ୍ଦେ ଭାରତ ଟ୍ରେନର ମଜା ଯୋଗାଇବା ପାଇଁ ରେଳବାଇ ଅମୃତ ଭାରତ ଆରମ୍ଭ କରିଥିଲା। ଡିସେମ୍ବର ୩୦, ୨୦୨୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨ ଅମୃତ ଭାରତ ଏକ୍ସପ୍ରେସକୁ ଦେଶକୁ ଉପହାର ଦେଇଥିଲେ।

## ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ଓଡ଼ିଶାର ତିନି ରାଜ୍ୟସଭା ପ୍ରାର୍ଥୀ



**ଭୁବନେଶ୍ୱର, ୨୦/୨ ନ୍ୟୁଜ ବ୍ୟୁରୋ**

ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ଓଡ଼ିଶାର ତିନି ରାଜ୍ୟସଭା ପ୍ରାର୍ଥୀ । ପ୍ରାର୍ଥୀପତ୍ର ପ୍ରତ୍ୟାହାର ସମୟ ଶେଷ ହେବା ପରେ ତିନି ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମସ୍ତ ନିର୍ବାଚିତ ପ୍ରାର୍ଥୀମାନଙ୍କୁ ମଙ୍ଗଳବାର ସେମାନଙ୍କ ସାର୍ଟିଫିକେଟ ଦେଇଛନ୍ତି ରିଟର୍ଣ୍ଣିଂ ଅଫିସର। ଓଡ଼ିଶାରୁ ତିନୋଟି ଆସନ ଖାଲି ହେଉଥିବା ବେଳେ ତିନି ପ୍ରାର୍ଥୀଙ୍କ ଛଡ଼ା ଅନ୍ୟକୌଣସି ପ୍ରାର୍ଥୀ ନାମାଙ୍କନ ଭରି ନଥିବାରୁ ଅଶ୍ୱିନୀ, ଦେବାଶିଷ ଓ ଶୁଭାଶିଷ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗତ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଦଳର ଅନେକ ବିଧାୟକଙ୍କ ଉପସ୍ଥିତିରେ ବିଜେଡ଼ିରୁ ଦୁଇ ଜଣ ନାମାଙ୍କନ ଭରିଥିବାବେଳେ ୧୫ ତାରିଖରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ବିଧାୟକମାନଙ୍କ ସହ ଆସି ନାମାଙ୍କନ ଭରିଥିଲେ ଅଶ୍ୱିନୀ ବୈଷ୍ଣବ। ତେବେ ଖୁବଶୀଘ୍ର ଅଶ୍ୱିନୀ ବୈଷ୍ଣବ, ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆ ଦିଲ୍ଲୀ ଯାଇ ସାଂସଦ ଭାବେ ଶପଥ ନେବେ ବୋଲି ସୂଚନା ମିଳିଛି।

## ସମ୍ବଲପୁର - ଦର୍ଶନ ନଗର ଆସ୍ଥା ସ୍ୱତନ୍ତ୍ର ଟ୍ରେନ'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ସମ୍ବଲପୁର ଷ୍ଟେସନରେ ପବିତ୍ର ଅଯୋଧାରେ ଭକ୍ତମାନଙ୍କୁ ପ୍ରଭୁ ଶ୍ରୀରାମ ଲାଲାଙ୍କ ପ୍ରତ୍ୟକ୍ଷ ଦର୍ଶନ କରାଇବା ପାଇଁ ଭାରତୀୟ ରେଳ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା 'ସମ୍ବଲପୁର - ଦର୍ଶନ ନଗର ଆସ୍ଥା ସ୍ୱତନ୍ତ୍ର ଟ୍ରେନ'ର ଶୁଭାରମ୍ଭ କରିଛନ୍ତି।



ଏହି ଅବସରରେ ସେ କହିଛନ୍ତି ଯେ ଦୀର୍ଘ ୫୦୦ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟି ରାମ ନଗରୀ ଅଯୋଧାରେ ପ୍ରଭୁ ଶ୍ରୀରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇସାରିଛି । ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରିବା ପାଇଁ ଯାତ୍ରୀ ତଥା ରାମଭକ୍ତଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଓ ଉତ୍କଣ୍ଠା ଦେଖାଯାଇଛି । ସୁବିଧାରେ ଭକ୍ତମାନଙ୍କର ଦର୍ଶନ କରିବା ପାଇଁ ଦେଶବ୍ୟାପୀ ବିଭିନ୍ନ ପର୍ଯ୍ୟାୟରେ ସ୍ୱତନ୍ତ୍ର ଆସ୍ଥା ଟ୍ରେନର ବ୍ୟବସ୍ଥା ହୋଇଛି। ୨୦ଟି ରେଳ ବଗି ବିଶିଷ୍ଟ 'ସମ୍ବଲପୁର - ଦର୍ଶନ ନଗର ଆସ୍ଥା ସ୍ୱତନ୍ତ୍ର ଟ୍ରେନ' ଓଡ଼ିଶାର ଅନେକ ରାମ ଭକ୍ତଙ୍କୁ ନେଇ ଅଯୋଧା ଅଭିମୁଖେ ଯାତ୍ରା କରିଛି ।

୨୦୪୭ ସୁଦ୍ଧା ଭାରତ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଶ୍ରରାମଙ୍କ ଆଶୀର୍ବାଦରେ ବିକଶିତ ଦେଶ ହେବା ନେଇ କେନ୍ଦ୍ରମନ୍ତ୍ରୀ ପ୍ରାର୍ଥନା କରିଛନ୍ତି । ଟ୍ରେନରେ ଅଯୋଧା ଯାତ୍ରା କରୁଥିବା ରାମଭକ୍ତମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆସ୍ଥା ଟ୍ରେନର ଚଳାଚଳ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଛନ୍ତି ।

## ଭାରତ ସରକାରଙ୍କ ସଡ଼କ ବିକାଶ ମହାନିର୍ଦ୍ଦେଶକ ଦାୟିତ୍ୱରେ ଓଡ଼ିଆ ଅଧିକାରୀ ଧର୍ମାନନ୍ଦ ଷଡ଼ଙ୍ଗୀ



**ଭୁବନେଶ୍ୱର, ପିଆଇବି**

ଶ୍ରୀ ଧର୍ମାନନ୍ଦ ଷଡ଼ଙ୍ଗୀ ଭାରତ ସରକାରଙ୍କ ସଡ଼କ ବିକାଶ ମହାନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ବିଭାଗର ଏକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ। ସିଭିଲ୍ ଇଞ୍ଜିନିୟରିଂରେ ବିଏସ୍‌ସି ଏବଂ ଷ୍ଟ୍ରକ୍‌ଚରାଲ୍ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିବା ଧର୍ମାନନ୍ଦ ଷଡ଼ଙ୍ଗୀ ୧୯୯୦ ମସିହାରେ କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟରେ ସହାୟକ ଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ । ୨୦୧୩ରେ ସେ ମୁଖ୍ୟ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ । ଏହାବ୍ୟତୀତ ସେ ମନ୍ତ୍ରଣାଳୟ ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିସାରିଛନ୍ତି। ୨୦୨୦ରେ ସେ ଅତିରିକ୍ତ ମହାନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଥିଲେ । ରାଜପଥ ନିର୍ମାଣ ଯୋଜନା, ଡିଜାଇନ, ନିର୍ମାଣ, ପରିଚାଳନା ଓ ରକ୍ଷଣାବେକ୍ଷଣ ଏବଂ ଟ୍ରାଫିକ୍ ଭିଡ଼ ଏଡ଼ାଇବା ଭଳି କାର୍ଯ୍ୟରେ ତାଙ୍କର ଉଚ୍ଚକୋଟୀର ଦକ୍ଷତା ରହିଛି । ବିଶେଷ କରି ସରକାରୀ ଘରୋଇ ଭାଗିଦାରୀରେ ପ୍ରକଳ୍ପ ନିର୍ମାଣ କ୍ଷେତ୍ରରେ ତାଙ୍କର ଅଗ୍ରଣୀ ଭୂମିକା ରହିଛି । ସେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼, ମହାରାଷ୍ଟ୍ର, ଗୁଜରାଟ ଓ ଗୋଆ ଭଳି ରାଜ୍ୟରେ ରାଜପଥ ବିକାଶ ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ଶ୍ରୀ ଷଡ଼ଙ୍ଗୀ ଇଣ୍ଡିଆନ୍ ରୋଡ୍ କଂଗ୍ରେସ (ଆଇଆରସି)ର ଆଜୀବନ ସଦସ୍ୟ ତଥା ଅବୈତନିକ କୋଷାଧକ୍ଷ ଭାବେ ଏହି ସଂଗଠନର ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବରଗଡ ଜିଲ୍ଲାରେ...

ସୋହେଲା-ନୂଆପଡା ବିଜୁ ଏକ୍ସପ୍ରେସ ୱେ, ୩୧୭ଟି ହାଇସ୍କୁଲ ରୂପାନ୍ତରିତ କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇଛି । ଏଥି ସହିତ ୫୬ଟି କଲେଜକୁ ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥାରେ ରୂପାନ୍ତର କାର୍ଯ୍ୟ, ୫ଟି ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ଆମ ହସ୍ପିଟାଲକୁ ରୂପାନ୍ତରଣ, ୧୮୫ଟି ବ୍ୟାଙ୍କ ନଥିବା ଗ୍ରାମପଞ୍ଚାୟତମାନଙ୍କୁ ଆମ ବ୍ୟାଙ୍କ ସୁବିଧା, ଲକ୍ଷ୍ମୀ ଯୋଜନାରେ ୨୬୨ଟି ବସ ଷ୍ଟପେଜ୍, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଅଧୀନରେ ୪୩୧ଟି କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର ଓ ଧାର୍ମିକ ସ୍ଥଳୀର ଉନ୍ନତି କାର୍ଯ୍ୟ ଏବଂ ଆମ ଓଡ଼ିଶା ନବୀନ ଓଡ଼ିଶାରେ ୧୨୬ କୋଟି ୫୦ ଲକ୍ଷ ଟଙ୍କା ବିନିମୟରେ ୩୧୩୫ଟି ପ୍ରକଳ୍ପ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଗୌରବ ସ୍ୱଭାବ କବି ଗଙ୍ଗାଧର ମେହେର ଓ ମହାନ ସ୍ୱାଧୀନତା ସଂଗ୍ରାମୀ ମା' ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ବରଗଡ କଳାର ଭୂମି ଓ ସଂସ୍କୃତିର ଭୂମି । ଏ ଅଞ୍ଚଳର ବୁଣାକାରମାନେ ବିଶ୍ୱରେ ଓଡିଶାର ପରିଚୟକୁ ଉଜ୍ଜ୍ୱଳ କରିଛନ୍ତି। ନିକଟରେ ବୁଣାକାର ଓ କଳାକାର ମାନଙ୍କ ପେନସନ ବୃଦ୍ଧି ସମ୍ପର୍କରେ ସୂଚନା ଦେଇଥିଲେ। ଏବେ ସାରା ରାଜ୍ୟରେ ରୂପାନ୍ତର ପର୍ବ ଚାଲିଛି ବୋଲି କହି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ, ମା' ସମଲେଇ ପ୍ରକଳ୍ପ ଭକ୍ତମାନଙ୍କ ପାଇଁ ସୁନ୍ଦର ଅନୁଭବ ଆଣିଛି ଏବଂ ଆଜି ଉଦ୍‌ଘାଟିତ ହୋଇଥିବା ରୂପାନ୍ତରିତ ପ୍ରସିଦ୍ଧ ନୃସିଂହନାଥ ପୀଠ ମଧ୍ୟ ଓଡିଶାର ଗୌରବକୁ ଆହୁରି ବୃଦ୍ଧି କରିବ ବୋଲି ସେ କହିଥିଲେ। ରାଜ୍ୟରେ ୫-ଟି ଉପକ୍ରମରେ ଚାଲିଥିବା ରୂପାନ୍ତର କାର୍ଯ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ଏହି ରୂପାନ୍ତର କାର୍ଯ୍ୟକ୍ରମରେ ହାଇସ୍କୁଲ ରୂପାନ୍ତରଣ ସଫଳତା ଅର୍ଜନ କରିଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା । ୪ କୋଟି ଲୋକଙ୍କ ପାଇଁ ଆଶୀର୍ବାଦ ହୋଇଛି ପରିବହନ ସେବାରେ ଲକ୍ଷ୍ମୀ ବସ୍ ଯୋଜନା। ଗାଁରେ ଲୋକଙ୍କ ଜୀବନ ଧାରାକୁ ସହଜ କରିଛି । ବଡ ବଡ ଜଳସେଚନ ପ୍ରକଳ୍ପ ଠିକ୍ ସମୟରେ ଶେଷ ହେଉଛି । ଆଜି ଓଡିଶା ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାରା ଦେଶକୁ ଖାଦ୍ୟ ଯୋଗାଉଛି। ଏଥିରେ ବରଗଡ ଜିଲ୍ଲାର ଚାଷୀ ଭାଇମାନଙ୍କର ବହୁତ ବଡ ଅବଦାନ ରହିଛି ବୋଲି ସେ କହିଥିଲେ। କ୍ରୀଡା କ୍ଷେତ୍ରରେ ଓଡିଶାର ସୁନାମ ବଢିଛି । ସେଥିରେ ବ୍ୟାଡମିଣ୍ଟନ ତାରକା ପ୍ରମୋଦ ଭଗତଙ୍କର ବିଶେଷ ଅବଦାନ ରହିଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବରଗଡରେ କ୍ୟାନସର ଡାକ୍ତରଖାନା ପାଇଁ ମୁଁ କହିଥିଲି। ଆଜି ମୁଁ ତାହା ପୂରଣ କରିଛି। ପଶ୍ଚିମ ଓଡିଶାର ରୋଗୀମାନଙ୍କୁ ଏହା ଉତ୍ତମ ସେବା ଯୋଗାଇ ଦେବ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଲେ ଯେ ୫-ଟି ଉପକ୍ରମରେ ସାରା ରାଜ୍ୟରେ ୧୧ଟି କ୍ୟାନସର ହସ୍ପିଟାଲ କରାଯାଉଛି। ଏଥିପାଇଁ ୧ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ଆଜି ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପ ଜରିଆରେ ଜିଲ୍ଲାର ଚାଷୀମାନଙ୍କର ଜମିକୁ ପାଣି ଯୋଗାଇବା ଆରମ୍ଭ ହେଲା। ଏହି ପ୍ରକଳ୍ପ ଜରିଆରେ ଜିଲ୍ଲାର ୬୦ ହଜାର ଏକରରୁ ଅଧିକ ଜମିକୁ ପାଣି ମିଳିବ। ଜିଲ୍ଲାର ସୋହେଲା, ବିଜେପୁର, ବରପାଲି ଓ ଢୁଙ୍ଗୁରିପାଲି ବ୍ଲକର ଚାଷୀମାନେ ଏହା ଦ୍ୱାରା ବିଶେଷ ଉପକୃତ ହେବେ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଚାଷୀ ଭାଇଭଉଣୀ, ମିଶନ ଶକ୍ତି ମା' ଓ ଯୁବ ବର୍ଗଙ୍କୁ ବିନା ସୁଧରେ ଋଣ ଦିଆଯାଉଛି। କଲେଜ ପିଲାମାନଙ୍କ ମଧ୍ୟରେ ନୂଆ-ଓ ଛାତ୍ରବୃତ୍ତି ଆଶା ସଞ୍ଚାର କରିଛି । ସମସ୍ତଙ୍କ ସହଯୋଗରେ ଓଡିଶାରେ ଆଜି ରୂପାନ୍ତର ଆସିଛି ବୋଲି କହି ଏହି ଧାରା ଆହୁରି ଆଗକୁ ବଢିବ ଏବଂ ଆମେ ସମସ୍ତେ ମିଶି ଏକ ନୂଆ ଓଡିଶା ଗଢିବା ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଲେ ଯେ ଯେତେବେଳେ ମୁଖ୍ୟମନ୍ତ୍ରୀ ଗଙ୍ଗାଧର ମେହେର ପ୍ରକଳ୍ପ ଘୋଷଣା କରିଥିଲେ ସେତେବେଳେ ବହୁ ଲୋକ ଏହା ଉପରେ ସନ୍ଦେହ ସୃଷ୍ଟି କରିଥିଲେ। ହୀରାକୁଦ ବନ୍ଧରୁ ବିଜେପୁର ୩୫ ମିଟର ଉଚ୍ଚରେ ଅବସ୍ଥିତ। କିନ୍ତୁ ସବୁ ସନ୍ଦେହକୁ ଦୂର କରି ମୁଖ୍ୟମନ୍ତ୍ରୀ ଦୃଢ ଇଚ୍ଛାଶକ୍ତି ବଳରେ ଆଧୁନିକ ଟେକ୍ନୋଲୋଜି ପ୍ରୟୋଗରେ ଏହାକୁ ସଫଳ କରିଛନ୍ତି । ଆଜି ମହାନଦୀରୁ ପାଇପ ଯୋଗେ ହଜାର ହଜାର ଏକର ଜମିକୁ ପାଣି ମିଳିଲା। ନିକଟରେ ରାଜ୍ୟ ସରକାର ବିଭିନ୍ନ କଲ୍ୟାଣକାରୀ ଯୋଜନାଗୁଡିକରେ ହିତାଧିକାରୀମାନଙ୍କର ଭତ୍ତା ବୃଦ୍ଧି କରିଛନ୍ତି। ଉପସ୍ଥିତ ଜନସାଧାରଣଙ୍କ ସହିତ ମତ ବିନିମୟ କରି ଶ୍ରୀ ପାଣ୍ଡିଆନ ମମତା, ମଧୁବାବୁ ଯୋଜନା, ବୁଣାକାର, କଳାକାର, କେନ୍ଦୁପତ୍ର ତୋଳାଳୀ ଆଦି ସମସ୍ତଙ୍କ ପାଇଁ ହୋଇଥିବା ନୂଆ ବର୍ଦ୍ଧିତ ସହାୟତା ଉପରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ, ବିଧାୟକ ଦେବେଶ ଆଚାର୍ଯ୍ୟ, ବିଧାୟିକା ବର୍ଷା ସିଂ ବରିହା ପ୍ରମୁଖ ଯୋଗ ଦେଇ କହିଥିଲେ ଯେ ବରଗଡ ଜିଲ୍ଲା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଧ୍ୟାନ ରହିଛି । ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କ ଆନ୍ତରିକତା ଯୋଗୁ ଆଜି ବରଗଡ ଜିଲ୍ଲାର ବିକାଶ ସମ୍ଭବ ହୋଇଛି ବୋଲି ସେମାନେ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଓ ଜିଲ୍ଲା ପରିଷଦ ସଭାପତି ମାନିନୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୬ ଜିଲ୍ଲାର ୨ ଲକ୍ଷ ...

କରି ଲୋକମାନଙ୍କର ଖୁସି ହିଁ ତାଙ୍କର ସବୁଠାରୁ ବଡ ପୁରସ୍କାର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କ କେନ୍ଦ୍ରାପଡା ଜିଲ୍ଲା ଗସ୍ତ ଅବସରରେ ସିକିମ ରୟତମାନେ ତାଙ୍କୁ ଭେଟି ସେମାନଙ୍କର ଅସୁବିଧା ବିଷୟରେ ଜଣାଇଥିଲେ । ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗଞ୍ଜାମ ଜିଲ୍ଲାରେ ଗ୍ରାମକଣ୍ଠ ଓ ପରମ୍ପୋକ ଜମି ସମସ୍ୟାର ମଧ୍ୟ କିଛି ଦିନ ତଳେ ସମାଧାନ କରାଯାଇଥିଲା । ଜନସାଧାରଣଙ୍କ ସମସ୍ୟାର ସମାଧାନ ପ୍ରତି ଏହା ତାଙ୍କ ସରକାରଙ୍କ ପ୍ରତିବଦ୍ଧତା ଓ ନିଷ୍ଠାର ପରିଚୟ ବୋଲି ସେ କହିଥିଲେ। ରାଜ୍ୟ ସରକାରଙ୍କ ଏହି ଆଇନଗତ ପଦକ୍ଷେପ ବଳରେ ସିକିମ ଜମି ଉପରେ ଜମି ସତ୍ୱ ଥିବା ରୟତମାନେ ବଂଶାନୁକ୍ରମିକ ଓ ହସ୍ତାନ୍ତରଯୋଗ୍ୟ ଅଧିକାର ପ୍ରାପ୍ତ ହେଲେ ଏଥି ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିଜ ଆଡୁ ମକଦମା କରି ଏହି ସବୁ ସିକିମ ଜମି ସମସ୍ୟାର ସମାଧାନ କରିଥିବାରୁ ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିଥିଲେ। ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରି କହିଥିଲେ ଯେ ଏହି ସିକିମ ରୟତ ସମସ୍ୟା ଦୀର୍ଘ ୫୦ ବର୍ଷରୁ ଅଧିକ ବର୍ଷର ସମସ୍ୟା ହୋଇ ରହିଥିଲା। ଜିଲ୍ଲାଗସ୍ତ ସମୟରେ କେନ୍ଦ୍ରାପଡା ଜିଲ୍ଲାରୁ ପ୍ରଥମେ ଏହି ଆବେଦନ ଆସିଥିଲା। ଖୁବ ଶୀଘ୍ର ଏହାର ସମାଧାନ କରାଗଲା ବାକି ରହିଯାଇଥିବା ଜମି ପଟ୍ଟା ପ୍ରଦାନ କାର୍ଯ୍ୟକୁ ଶୀଘ୍ର ଶେଷ କରି ସ୍ୱଚ୍ଛତା ଓ ସମ୍ମାନର ସହ ବଣ୍ଟନ କରିବା ପାଇଁ ଜିଲ୍ଲା ପ୍ରଶାସନମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେ ଆହୁରି ମଧ୍ୟ କହିଥିଲେ ଯେ ଗଞ୍ଜାମ ଜିଲ୍ଲାର ୧୦୦ ବର୍ଷରୁ ଊର୍ଦ୍ଧ୍ୱ ଗ୍ରାମକଣ୍ଠ ପରମ୍ପୋକ ସମସ୍ୟା ରହିଥିଲା ୨୦୦୯ ବର୍ଷରେ ଆଇନ ବଦଳାଇ ମୁଖ୍ୟମନ୍ତ୍ରୀ ତାର ସଂଶୋଧନ କଲେ। ଆପଣମାନେ ସମସ୍ତେ ଏହା ଦ୍ୱାରା ଉପକୃତ ହେଲେ । ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ଚକ ଜମି ବିକ୍ରୀ ଅସୁବିଧାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଦୂର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିରେ ଲୋକଙ୍କ ସେବା ପାଇଁ, ଲୋକଙ୍କୁ ସଶକ୍ତ କରିବା ପାଇଁ ଆଇନ ରହିଛି । ଲୋକଙ୍କ ହିତ ପାଇଁ ଆଇନକୁ ମଧ୍ୟ ସଂଶୋଧନ କରାଯିବ ବୋଲି ସେ କହିଥିଲେ। କେନ୍ଦ୍ରାପଡାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସାବ୍ୟସାଚୀ ନାୟକ, ଜଗତସିଂହପୁରରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, କଟକରେ ବିଧାୟକ ପ୍ରତାପ କୁମାର ଜେନା, ବାଲେଶ୍ୱରରେ ବିଧାୟକ ସ୍ୱରୂପ ଦାସ, ଖୋର୍ଦ୍ଧାରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଗଂଜାମରେ ବିଧାୟକ ସୁବାଷ ଚନ୍ଦ୍ର ବେହେରା ଓ ପୁରୀରେ ରାଜ୍ୟ ଯୋଜନା ବୋର୍ଡ ପୂର୍ବତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ପ୍ରମୁଖ ଆୟୋଜିତ ଜିଲ୍ଲା ସ୍ତରୀୟ ସମାରୋହରେ ଉପସ୍ଥିତ ରହି ସିକିମ ରୟତ ଚାଷୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସିକିମ ରୟତ ପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ଓ ଦୂରଦର୍ଶୀ ନେତୃତ୍ୱ ଯୋଗୁ ବହୁ ବର୍ଷର ସମସ୍ୟା ହୋଇ ପଡିରହିଥିବା ଏହି ସିକିମ ରୟତ ସମସ୍ୟାର ଆଜି ସମାଧାନ ହୋଇଛି। ଏଥି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ୍ୟ କମ୍ ହେବ। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ତଥା ନବୀନ ଓଡିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ଜିଲ୍ଲା ଗସ୍ତ ସମୟରେ ଲୋକମାନଙ୍କଠାରୁ ସିକିମ ସତ୍ୱ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ନିବେଦନ ପତ୍ର ପାଇଥିଲେ। ସିକିମ ସତ୍ୱ ଭାବରେ ରେକର୍ଡ ହୋଇଥିବା ଜମିକୁ ଦଖଲକରୁଥିବା ବ୍ୟକ୍ତିମାନଙ୍କୁ ଉପ-ରୟତ କିମ୍ବା ଅଧସ୍ତନ-ରୟତ କୁହାଯାଏ । ଓଡ଼ିଶା ଭୂ-ସଂସ୍କାର ଆଇନ, ୧୯୬୦ ଅନୁଯାୟୀ ସିକିମ ଜମିରେ ରୟତି ଘୋଷଣା ନିମନ୍ତେ ଆବେଦନ କରିବାର ଶେଷ ଅବଧି ୧୯୭୭ ମସିହା ପର୍ଯ୍ୟନ୍ତ ଥିଲା। ସମସ୍ତ ସିକିମ ଚାଷୀ ଏହି ସମୟ ଅବଧି ଭିତରେ ଆବେଦନ କରିପାରି ନ ଥିଲେ । ଏହି ସବୁ ନିବେଦନ ପତ୍ରକୁ ଅନୁଧ୍ୟାନ କରି ସିକିମ ସତ୍ୱ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ରାଜସ୍ୱ ଟାସ୍କଫୋର୍ସକୁ ଏହା ପ୍ରେରଣ କରାଯାଇଥିଲା। ରାଜସ୍ୱ ଟାସ୍କଫୋର୍ସ ରାଜସ୍ୱ ଆୟୁକ୍ତ, ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ରାଜସ୍ୱ ବିଭାଗର କାର୍ଯ୍ୟରତ ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ବିଶେଷଜ୍ଞ ମାନେ ବ୍ୟାପକ ବିଚାର ବିମର୍ଶ କରି ଓଡିଶା ଭୂ-ସଂସ୍କାର ଆଇନକୁ ସଂଶୋଧନ କରିବା ପାଇଁ ପରାମର୍ଶ ଦେଇଥିଲେ, ଯାହା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ତ୍ୱରିତ ସଂଶୋଧିତ ହୋଇଥିଲା। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜସ୍ୱ ବିଭାଗ ତରଫରୁ ସ୍ୱତଃସ୍ପୂର୍ତ୍ତ ଭାବେ ସିକିମ ରୟତ ମାନଙ୍କ ତରଫରୁ ଦରଖାସ୍ତ ଆବେଦନ କରାଯାଇ ବହୁ ସିକିମ ପଟ୍ଟା ସିକିମ ରୟତ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନଙ୍କ ନାମରେ ସଂଶୋଧିତ ହୋଇସାରିଛି। ଏହି ଐତିହାସିକ ପଦକ୍ଷେପ ଫଳରେ ଓଡ଼ିଶାର ପ୍ରାୟ ୨,୫୦,୦୦୦ ସିକିମ ରୟତ ଓ ତାଙ୍କ ଉତ୍ତରାଧିକାରୀ ଉପକୃତ ହେବେ। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇ ସିକିମ ସତ୍ୱ ସମସ୍ୟା ଓ ବିଭାଗ ପକ୍ଷରୁ ଏହାର ସମାଧାନ ନିମନ୍ତେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ।

## ସରିଲା ପ୍ରଥମ ଦିନର ମାଟ୍ରିକ୍ ପରୀକ୍ଷା, ମାତୃଭାଷାର ପ୍ରଶ୍ନପତ୍ର ଖୁବ୍ ଭଲ ଥିଲା କହିଲେ ପରୀକ୍ଷାର୍ଥୀ

**କଟକ, ୨୦/୦୨ ନ୍ୟୁଜ ବ୍ୟୁରୋ**

ସରିଲା ପ୍ରଥମ ଦିନର ମାଟ୍ରିକ୍ ପରୀକ୍ଷା। ପରୀକ୍ଷା କେନ୍ଦ୍ରରୁ ବାହାରିବା ପରେ ପ୍ରଶ୍ନପତ୍ରକୁ ନେଇ ବେଶ୍ ସନ୍ତୋଷ ପ୍ରକାଶ କରିଥିବା ଛାତ୍ରଛାତ୍ରୀ ମାନେ କହିଛନ୍ତି । ପରୀକ୍ଷା ପ୍ରଶ୍ନ ଆଶାନୁରୂପ ଥିଲା ବୋଲି ପରୀକ୍ଷାର୍ଥୀମାନେ କହିଛନ୍ତି । ମାତୃଭାଷାର ପ୍ରଶ୍ନପତ୍ର ଖୁବ୍ ଭଲ ଥିଲା ଓ ପରୀକ୍ଷା ଆଶାନୁରୂପ ହୋଇଛି ବୋଲି ଛାତ୍ରଛାତ୍ରୀ କହିଛନ୍ତି । ସେପଟେ ପରୀକ୍ଷା ୯ଟା ବେଳେ ଆରମ୍ଭ ହେଉଥିବା ବେଳେ ସକାଳ ସାଢେ ୭ଟାରୁ ପରୀକ୍ଷା ହଲକୁ ପ୍ରବେଶ କରିବା ବ୍ୟବସ୍ଥାକୁ ଛାତ୍ରଛାତ୍ରୀମାନେ ନାପସନ୍ଦ କରିଛନ୍ତି । ସେପଟେ ପରୀକ୍ଷା କେନ୍ଦ୍ର ବାହାରେ ଚେକିଂ ସଠିକ୍ ଭାବେ ହୋଇନଥିବା ବୋର୍ଡ ସଭାପତି କହିଛନ୍ତି । କେତେକ ପରୀକ୍ଷା କେନ୍ଦ୍ରରେ ସିଟିଂ ଆରେଞ୍ଜମେଣ୍ଟ ଠିକ୍ ଭାବେ ହୋଇନଥିବା ବୋର୍ଡ ସଭାପତି କହିଛନ୍ତି । ସୂଚନାଯୋଗ୍ୟ ଯେ, ମଙ୍ଗଳବାରଠୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ୩ ହଜାର ୪୭ଟି ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । ପ୍ରଥମ ଦିନରେ ଛାତ୍ରଛାତ୍ରୀ ମାତୃଭାଷାରେ ପରୀକ୍ଷା ଦେଇଛନ୍ତି । ପରୀକ୍ଷା ସୁପରିଚାଳନା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ସମସ୍ତ ବନ୍ଦୋବସ୍ତ କରିଛି । ପ୍ରଥମ ଥର ଲାଗି ମାଟ୍ରିକ ପରୀକ୍ଷା ପରିଚାଳନକୁ ୱାଚ୍ କରୁଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି । ସେପଟେ ମାଟ୍ରିକ୍ ପରୀକ୍ଷାକୁ ନିୟନ୍ତ୍ରଣ କରୁଛି ଏଆଇ କଣ୍ଟ୍ରୋଲ ରୁମ୍ । ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ପରିସରରେ କଣ୍ଟ୍ରୋଲ ରୁମ୍ ହୋଇଛି । ୭ଟା ସ୍କ୍ରିନ୍ ଲାଗିଛି । ଯେଉଁଠାରୁ ପୁରା ରାଜ୍ୟର ୩ ହଜାର ୪୭ଟି ପରୀକ୍ଷା କେନ୍ଦ୍ର ଉପରେ ନଜର ରହିବ । ରାଜ୍ୟର ସମସ୍ତ ପରୀକ୍ଷା କେନ୍ଦ୍ରକୁ ଏଆଇ କ୍ୟାମେରା ଦ୍ୱାରା ଯୋଡ଼ାଯାଇଛି । ଏପରିକି କିଛି ପରୀକ୍ଷାକେନ୍ଦ୍ରରେ ସିଧାସଳଖ ଲାଇଭ୍ ଷ୍ଟ୍ରିମିଂର ବ୍ୟବସ୍ଥା ମଧ୍ୟ ହୋଇଛି । ତେବେ କପି ରୋକିବା ଲାଗି ବୋର୍ଡ ସ୍ତରରେ ୪୧ଟି, ଡିଇଓ ଲେବଲରେ ୭୨ଟି ସ୍କ୍ୱାଡ୍, ଏହା ବ୍ୟତୀତ ଫ୍ଲାଇଙ୍ଗ ସ୍କ୍ୱାଡ୍ ଏବଂ ସ୍ଥାନୀୟ ପ୍ରଶାସନ ସ୍ତରରେ ସ୍କ୍ୱାଡ୍ ଗଠନ କରାଯାଇଛି । ପରୀକ୍ଷାର୍ଥୀମାନେ ଯେପରି ଚାପ ଏବଂ ଭୟ ମୁକ୍ତ ହୋଇ ପରୀକ୍ଷା ଦେଇପାରିବେ, ସେଥିଲାଗି କେନ୍ଦ୍ର ପରିଚାଳକମାନେ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି ।


**OFFICE OF THE NOTIFIED AREA COUNCIL**
**KASHINAGAR, GAJAPATI** C-
e-Mail: kasinagarn.hud@nic.in
Notice No.: 234 /NAC Date: 16.02.2024

***e-procurement Notice***
***BID REFERENCE NO : KNGR/NAC/08/2023-24***

Bid documents consists of specification, the schedule of quantities and the set of terms and conditions of contract and other necessary documents can be seen in the Govt, website i.e. www.tendersorissa.gov.in.

1. Nature of work : Civil Work
2. No of works : 16 Nos.
3. Bid Value : Rs.2.21 Lakhs to Rs. 15.73 Lakhs
4. Period of completion : as per DTCN
5. Date and time of availability of the documents in portal : 19-02-2024 from 10.00 A.M to 28-02-2024 up to 6.00 PM.
6. Bids received on line shall be opened on : 02-03-2024 at 11.00 A.M.
7. Name & address of the officer inviting tender : Executive Officer, Kashinagar NAC, Gajapati

Executive Officer
OIPR-13116/11/0013/2324 N.A.C. Kashinagar, Gajapati

**Government of Odisha**
**Office of the Chief Construction Engineer,**
**Rural Works Circle, Sambalpur.** O-2558
E-mail Id serwcirclesbp@yahoo.com

*Bid Identification No. Building Tender Online RWCSBP-62/2023-24 No:* 549 Dated : 13.02.24

The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 08 (Eight) nos of Building work for the year 2023-24.

1 Name of work : Construction of (24x7) PHC (New) /PHC Day Care Building for the year 2023-24.
2 No of work : 08 (Eight) nos of Building work Details as per DTCN.
3 Estimated cost : Approximately varies from Rs.102.22 lakhs to Rs.210.09 lakhs.
4 Class of Contractor. : 'B', & 'A' Class
5 Cost of tender paper and mode of deposit. : Rs. 10,000/- per set.( to be deposited On-line) in favour concerned Superintending Engineer/Executive Engineer
6 Mode of submission of tender : Tender should be submitted only On line in website www.tendersorissa.gov.in.(https//tendersodisha.gov.in)
7 EMD and mode of deposit : 1% of estimated cost of the work to be remitted online as mentioned in DTCN.
8 Summary of key dates are provided below :

| Procurement Officer | Bid Identification No. | Availability of Tender on-line for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer Rural Works Circle, Sambalpur | Building Tender Online RWCSBP-62/2023-24 | 17.02.2024 at 11.00 A.M. | 02.03.2024 up to 5.00 P.M. | 29.02.2024 up to 5.00 P.M. | 04.03.2024 at 11.00 A.M. | To be intimated later |

*Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
* Subsequent modification/ corrigendum/Addendum if required shall appear in website only.
* The amount put to bid is exclusive of GST.
*Bidder should inspect the road before bidding and quote his rate accordingly.

Chief Construction Engineer,
OIPR-25091/11/0099/2324 Rural Works Circle, Sambalpur

**DEPARTMENT OF WATER RESOURCE**
**OFFICE OF THE SUPERINTENDING ENGINEER,**
**NAYAGARH IRRIGATION DIVISION, NAYAGARH** A-1540
**'e'-Procurement No. 13(NGR) OF 2023-24**
**eenidivn@gmail.com**
********

1. Type of Work : Building Work
2. Total No. of Works : 01 nos.
3. Approximate value of work : Rs.56,47,783.00(Excluding GST)
4. Tender Paper Cost : Rs. 10,000/-(online)
5. E.M.D : Rs.56,500/-(Online)
6. Period of Completion : 06 (Six calendar months).
7. Class of Contractor : B Class

| Procurement Officer | e-procurement Notice No. | Bid Amount | Availability of online viewing of Tender prior to Bidding | | Pre-bid conference as well as last date for seeking clarification | Submission & Availability bid on-line | Date & time of opening of Technical Bid |
|---|---|---|---|---|---|---|---|
| | | | From | To | | | |
| 1 | 2 | | 3 | 4 | 5 | 6 | 7 |
| Superintending Engineer, Nayagarh Irrigation Division | 'e'-Procurement No. 13(NGR) OF 2023-24 | Rs. 56,47,783.00 /- (Excluding GST) | 21.02.2024 (03.00 PM) | 06.03.2024 (up to 5.00 PM) | 06.03.2024 11.30 AM in the O/O the Nayagarh Irrigation Division | 21.02.2024 (10.00 AM) to 06.03.2024 (up to 5.00 PM) | 07.03.2024 at 11:00 AM |

Further details can be seen from the Govt. Website www.tendersorissa.gov.in

Superintending Engineer
Nayagarh Irrigation Division
OIPR-32303/11/0030/2324 Nayagarh

ସମ୍ବାଦ କଳିକା The Sambad Kalika RNI Regd. No. : 52640/94 Postal Regd. No. : BN/60/22-24 ଭୁବନେଶ୍ୱର ୨୧ ଫେବୃୟାରୀ ବୁଧବାର, ୨୦୨୪




ପର୍ଯ୍ୟଟନ ଓ ପରିବହନକୁ ବିକଶିତ କରାଯାଇଛି





# ସମ୍ବଲପୁର, ସୁବର୍ଣ୍ଣପୁର, କଟକ , ଝାରସୁଗୁଡା ଓ କନ୍ଧମାଳ ଜିଲ୍ଲାରେ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ








# ଘରେ ଘରେ ଲକ୍ଷ୍ମୀ

ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ସମ୍ବଲପୁର, ସୁବର୍ଣ୍ଣପୁର, କଟକ, ଝାରସୁଗୁଡା ଓ କନ୍ଧମାଳ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ସାର୍ବଜନୀନ ପରିବହନ ଭିତ୍ତିଭୂମିକୁ ସୁଦୃଢ ଓ ଉନ୍ନତ କରିବା ପାଇଁ ଏଇ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ।

ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚାଳାଚଳର ସୁବିଧା କରାଯାଇଛି । ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ । ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି ।

ସମ୍ବଲପୁର ଜିଲ୍ଲାରେ ପରିବହନ, ଗମନାଗମନ ତଥା ଯୋଗାଯୋଗ କ୍ଷେତ୍ରରେ ପ୍ରଗତି ଆଣିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନାର ଆରମ୍ଭ ହୋଇସାରିଛି । ସର୍ବମୋଟ ୯୭ଟି ଗ୍ରାମ ପଞ୍ଚାୟତରେ ଥିବା ୭ଲକ୍ଷ ଲୋକଙ୍କୁ ବ୍ଲକ ସହିତ ସଂଯୋଗ କରିବା ପାଇଁ ୨୯ଟି ଅଣ-ଏସି ବସ୍ ଏବଂ ଜିଲ୍ଲା ସହିତ ସଂଯୋଗ କରିବା ପାଇଁ ୭ଟି ଏସି ବସ୍ କାର୍ଯ୍ୟରେ ଲଗା ଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲାରେ ୧୦୨ଟି ଗ୍ରାମ ପଞ୍ଚାୟତ ମଧ୍ୟରେ ଯୋଗାଯୋଗ ମାଧ୍ୟମକୁ ଗୁରୁତ୍ୱ ଦିଆଯାଇଛି । ବ୍ଲକ ସହିତ ସଂଯୋଗ କରିବା ପାଇଁ ସର୍ବମୋଟ ୨୧ଟି ଅଣ-ଏସି ବସ୍ ଏବଂ ଜିଲ୍ଲା ସହିତ ସଂଯୋଗ କରିବା ପାଇଁ ୫ଟି ଏସି ବସ୍‌ର ଶୁଭାରମ୍ଭ କରାଯାଇଛି ଯାହାଦ୍ୱାରା ଏହି ଜିଲ୍ଲାର ୫ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେବେ ।

ସେହିପରି କଟକ ଜିଲ୍ଲାର ୨୬୧ଟି ଗ୍ରାମ ପଞ୍ଚାୟତକୁ ସଂଯୋଗ କରିଛି ଆମ ଲକ୍ଷ୍ମୀ ବସ୍ । ବ୍ଲକ ସହିତ ସଂଯୋଗ କରିବା ପାଇଁ ୪୬ଟି ଅଣ-ଏସି ବସ୍ ଓ ଜିଲ୍ଲା ସହିତ ସଂଯୋଗ କରିବା ପାଇଁ ୧୨ଟି ଏସି ବସର ଆରମ୍ଭ କରାଯାଇଛି । ଏହା ଦ୍ୱାରା ସିଧାସଳଖ ଭାବେ ପାଖାପାଖି ୧୮ଲକ୍ଷ ଲୋକ ଲକ୍ଷ୍ମୀ ବସ୍‌ର ସେବା ପାଇପାରିବେ ।

ଏହି ପରିବର୍ତ୍ତନଶୀଳ ଲକ୍ଷ୍ମୀ ବସ୍ ଝାରସୁଗୁଡା ଜିଲ୍ଲାରେ ମଧ୍ୟ ଆରମ୍ଭ ହୋଇଛି । ସର୍ବମୋଟ ୭୬ଟି ଗ୍ରାମ ପଞ୍ଚାୟତରେ ଥିବା ୫ଲକ୍ଷ ଲୋକଙ୍କୁ ବ୍ଲକ ସହିତ ସଂଯୋଗ କରିବା ପାଇଁ ୧୫ଟି ଅଣ-ଏସି ବସ୍ ଏବଂ ଜିଲ୍ଲା ସହିତ ସଂଯୋଗ କରିବା ପାଇଁ ୪ଟି ଏସି ବସ୍ କାର୍ଯ୍ୟରେ ଲଗା ଯାଇଛି ।

ଏହା ବ୍ୟତୀତ କନ୍ଧମାଳ ଜିଲ୍ଲାରେ ମଧ୍ୟ ଲକ୍ଷ୍ମୀ ବସ୍‌ର ଐତିହାସିକ ସୁଭାରମ୍ଭ ହୋଇଛି । ସର୍ବମୋଟ ୭ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ୧୬୪ଟି ଗ୍ରାମ ପଞ୍ଚାୟତ ଏହି ଯୋଜନାରେ ଉପକୃତ ହେବେ । ବ୍ଲକ ସହିତ ସଂଯୋଗ କରିବା ପାଇଁ ୫୦ଟି ଅଣ-ଏସି ବସ୍ ଓ ଜିଲ୍ଲା ସହିତ ସଂଯୋଗ କରିବା ପାଇଁ ୧୩ଟି ଏସି ବସ୍ ଆରମ୍ଭ କରାଯାଇଛି ।

କେବଳ ପରିବହନ କ୍ଷେତ୍ର ନୁହେ ଏକାଧିକ କ୍ଷେତ୍ରରେ ଲକ୍ଷ୍ମୀ ଯୋଜନାର ଅବଦାନ ରହିବ । ବସର ପରିଚାଳନା କାର୍ଯ୍ୟ ସ୍ୱୟଂସହାୟକ ଗୋଷ୍ଠୀକୁ ଦିଆଯାଇଛି ଯାହା ଦ୍ୱାରା ମହିଳା ସଶକ୍ତିକରଣକୁ ମଧ୍ୟ ପ୍ରାଧାନ୍ୟ ଦିଆ ଯାଇଛି ।



## ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରାଯାଇଛି





**୫ଟି ଜିଲ୍ଲାରେ ମୋଟ ୨୦୨ଟି ବସ୍ ପରିଚାଳିତ**











OIPR-38002/13/0093/2324